


ପ୍ରଥମ ଥର ଲର୍ଡସ୍‌ରେ ଘଣ୍ଟି ବଜାଇଲେ ସଚିନ

ପୃଷ୍ଠା ୭

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




Vol. 33 | ISSUE 111 | ଭାଗ ୩୩ | ସଂଖ୍ୟା ୧୧୧ | Bhubaneswar | Saturday 12 July 2025 | Page 8 Rs. 4.00 | ଭୁବନେଶ୍ୱର ଶନିବାର ୧୨ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## 'ଅସ୍ତ୍ର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

- ଡିଆରଡିଓ ଓ ଭାରତୀୟ ବାୟୁସେନାର ମିଳିତ ଉଦ୍ୟମରେ ପରୀକ୍ଷା
- ରହିଛି ସ୍ୱଦେଶୀ ରେଡିଓ ଫ୍ରିକ୍ୱେନ୍ସି ସିକର୍
- ଆକାଶରୁ ଆକାଶ ଲକ୍ଷ୍ୟଭେଦ କ୍ଷମତା



ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା (ଆଇଏଏଫ)ର ମିଳିତ ଉଦ୍ୟମରେ ଆଜି ଦୃଶ୍ୟମାନ ପରିଧିଠାରୁ ବାହାରେ ଆକାଶମାର୍ଗରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା (ବିଭିଆରଏଏଏମ) 'ଅସ୍ତ୍ର' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରରେ ସ୍ୱଦେଶୀ ଭାବେ ନିର୍ମିତ ରେଡିଓ ଫ୍ରିକ୍ୱେନ୍ସି ସିକର୍ ଲାଗିଛି। ଓଡ଼ିଶା ଉପକୂଳ ଚାନ୍ଦିପୁରଠାରେ ସୁ-୩୦ ଏମକେ-ଆଇ ଯୁଦ୍ଧ ବିମାନରେ ଏହି କ୍ଷେପଣାସ୍ତ୍ରର ବିମାନ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ସମୟରେ ଭିନ୍ନ ଭିନ୍ନ ସ୍ତର, ଦିଗ, ଉତକ୍ଷେପଣ ପରିସ୍ଥିତିରେ ଥିବା ଦୁଇଟି ମାନବବିହୀନ ଆକାଶମାର୍ଗ ଲକ୍ଷ୍ୟକୁ ଭେଦ କରିବା ଲାଗି ଦୁଇଟି ପୃଷ୍ଠା-୬

# ଆନ୍ଦୋଳନରେ ଫାଟ, ଆଜି ଗଡ଼ିବ ଘରୋଇ ବସ୍

- ଓହରିଲା ଘରୋଇ ବସ୍ ମାଲିକ ସଂଘ
- ସୁରକ୍ଷା ପାଇଁ ପୁଲିସର ସହଯୋଗ ଲୋଡ଼ାଗଲା
- ଆନ୍ଦୋଳନକୁ ତେଜୁଛି କଂଗ୍ରେସ: ପରିବହନ ମନ୍ତ୍ରୀ
- ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ମାଗିଲା ମହାସଂଘ



ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ରାଜ୍ୟରେ ଡ୍ରାଇଭରଙ୍କ ଷ୍ଟିଅରିଂ ବନ୍ଦ ଆନ୍ଦୋଳନରେ ସୃଷ୍ଟି ହେଲା ଫାଟ। ଡ୍ରାଇଭର ମହାସଂଘ ଆନ୍ଦୋଳନ ଜାରି ରଖିଥିବା ବେଳେ ଆସନ୍ତାକାଲିଠାରୁ ସାରା ରାଜ୍ୟରେ ବସ ଚଳାଚଳ ଆରମ୍ଭ କରିବାକୁ ରାଜ୍ୟ ଘରୋଇ ବସ ମାଲିକ ସଂଘ ଘୋଷଣା କରିଛି। ତେବେ ବସଗୁଡିକର ସୁରକ୍ଷା ନେଇ ପୁଲିସ ଡିଜିଙ୍କ ଆଲୋଚନା କରିଛି ସଂଘ। ଯଦି ରାସ୍ତାରେ ବସ ଉପରେ ଡ୍ରାଇଭରମାନେ ଆକ୍ରମଣ କରନ୍ତି, ତା'ହେଲେ ସେମାନଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବ ବୋଲି କହିଛନ୍ତି ଘରୋଇ ବସ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ।

ପୁରୀରେ ଘରୋଇ ବସ ମାଲିକ ସଂଘର ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ବେଳେ କଟକ ଓ ଭୁବନେଶ୍ୱର ଘରୋଇ ବସ ମାଲିକମାନେ ବି କାଲିଠୁ ବସ ଚଳାଚଳ କରିବାକୁ ଘୋଷଣା କରିଛନ୍ତି। ଗତ ୮ ତାରିଖରୁ ଡ୍ରାଇଭର ମହାସଂଘର ଡାକରାରେ ଘରୋଇ ବସ ମାଲିକମାନେ ଆନ୍ଦୋଳନକୁ ସମର୍ଥନ ଦେଇ ଗାଡ଼ି ଚଳାଚଳ ବନ୍ଦ ରଖିଥିଲେ। କିନ୍ତୁ ଅଳ୍ପ କିଛି ଘରୋଇ ବସ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଚାଲୁଥିଲା। ତେବେ ଗତକାଲି ସମ୍ବଲପୁର, କେନ୍ଦ୍ରାପଡ଼ାର ଦୁହୁରିଆ, ଦଶପଲ୍ଲା ଓ ନୟାଗଡ଼ ରାସ୍ତାରେ ଏହିସବୁ ଗାଡ଼ିକୁ ଅଟକାଇ ଡ୍ରାଇଭରମାନଙ୍କୁ ମାଡ ମରାଯାଇଥିବା ବେଳେ ଗାଡ଼ି କାଚ ଭଙ୍ଗାଯାଇଥିବା ନେଇ ଖବର ଆସିବା ପରେ ଏଭଳି ଆକ୍ରମଣକୁ ଘରୋଇ ବସ ମାଲିକ ସଂଘ ବିରୋଧ କରିଛି।

ସେପଟେ ରାହୁଲ ଗାନ୍ଧୀଙ୍କ ଗସ୍ତ ପାଇଁ କଂଗ୍ରେସର ଅନୁରୋଧ କ୍ରମେ ଡ୍ରାଇଭର ସଂଘ ଦିନକ ପାଇଁ ଆନ୍ଦୋଳନକୁ କୋହଳ କରିବା ନେଇ ଜୋର ପୃଷ୍ଠା-୬

# ଓଡ଼ିଶାରୁ କେନ୍ଦ୍ରକୁ ରାହୁଲଙ୍କ ଟାର୍ଗେଟ୍

- ସମ୍ବିଧାନ ବିରୋଧୀ ମନୋବୃତ୍ତିକୁ କଡ଼ା ସମାଲୋଚନା
- ଲୋକଙ୍କୁ ସତ ବୁଝାଇବାକୁ ବରିଷ୍ଠ ନେତାଙ୍କୁ ପରାମର୍ଶ
- ରଥଯାତ୍ରା ବିଭ୍ରାଟ ପାଇଁ ରାଜ୍ୟ ସରକାରଙ୍କୁ କଲେ ଦାୟୀ
- ବିହାରରେ କର୍ଣ୍ଣାଟକ ମଡେଲ ଆପଣେଇବାକୁ ହେଉଛି ଚକ୍ରାନ୍ତ



ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ସମ୍ବିଧାନ ବଞ୍ଚାଅ ଅଭିଯାନରେ ଓଡ଼ିଶା ଆସିଥିବା ରାହୁଲ ଗାନ୍ଧି ବିଜେପି ସରକାର ବିରୋଧରେ ଲଢେଇ ପାଇଁ କର୍ମୀଙ୍କୁ ଉତ୍ସାହିତ କରିବା ସହ ଦଳର ନେତାଙ୍କୁ ମଧ୍ୟ ନାଲିଆଖି ଦେଖାଇଛନ୍ତି। ନେତାମାନେ ନିଜ ନିଜ ମଧ୍ୟ କଳି ଛାଡ଼ି ସଂଗଠନ ଓ ଆଗକୁ ବଢ଼ିବା ଉପରେ ଗୁରୁତ୍ୱ ଦେବାକୁ ତାଗିଦ କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ସମ୍ବିଧାନ ବଞ୍ଚାଅ ଦେଶ ବଞ୍ଚାଅ ସମାବେଶ ପରେ ରାହୁଲ କଂଗ୍ରେସ ଭବନରେ ରାଜ୍ୟ କଂଗ୍ରେସର ରାଜନୈତିକ ବ୍ୟାପକ କମିଟି ଏବଂ ପରେ ବରିଷ୍ଠ ନେତା ଓ ସବୁ ବିଧାୟକଙ୍କ ସହ ପର୍ଯ୍ୟାୟ କ୍ରମେ ଆଲୋଚନା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ସମାବେଶରେ କଂଗ୍ରେସ କର୍ମୀଙ୍କୁ ଟାଇଗର ବୋଲି ସମ୍ବୋଧନ କରି ସରକାରକୁ ବଦଳାଇବାକୁ ଆହ୍ୱାନ ଦେଇଛନ୍ତି ରାହୁଲ୍। କେନ୍ଦ୍ର ସରକାର କିଭଳି ସମ୍ବିଧାନକୁ ନିଜ ସ୍ୱାର୍ଥରେ ବଦଳାଇବାକୁ ଚକ୍ରାନ୍ତ କରୁଛନ୍ତି, ସେ ସମ୍ପର୍କରେ ଲୋକଙ୍କୁ ଦମ୍ ଲଗେଇକି ବୁଝେଇବାକୁ ପିସିସି ସଭାପତି ଭକ୍ତ ଦାସ ଓ ଅନ୍ୟ ବରିଷ୍ଠ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି ରାହୁଲ୍। ସେ ହିଭଳି କର୍ଣ୍ଣାଟକ ପରେ ଏବେ ବିହାରରେ ନିର୍ବାଚନ ଚୋରି କରିବାକୁ ଉଦ୍ୟମ ଚାଲିଛି। ଲୋକସଭାରୁ ବିଧାନସଭା ନିର୍ବାଚନ ମଧ୍ୟରେ ମହାରାଷ୍ଟ୍ରରେ ନୂଆ ୧ କୋଟି ଭୋଟର୍ କିପରି ଆସିଲେ। ଜଳ, ଜଙ୍ଗଲ, ଜମି ଆଦିବାସୀଙ୍କର ଅଛି ଓ ରହିବ। ଏଠାରେ ପଚରା ନଯାଇ ଆଦିବାସୀଙ୍କୁ ଜମିରୁ ହଟାଯାଉଛି। ପେସା ଆଇନ୍ ଲାଗୁ ହେଉନି, କିନ୍ତୁ ଆମେ ଏହା ଲାଗୁ କରିବୁ ବୋଲି ରାହୁଲ କହିଛନ୍ତି ।

ଏଠାକାର ସରକାର ଜଙ୍ଗଲ, ଜମିରୁ ଆପଣଙ୍କୁ ହଟାଉଛନ୍ତି। ପୃଷ୍ଠା-୬

ରାହୁଲ ଓ ଖଡ଼୍‌ଗେଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ସମାଲୋଚନା

## 'ଚାଲି ନ ଜାଣି ବାଟର ଦୋଷ' ଭଳି କଥା କହୁଛନ୍ତି ରାହୁଲ୍: ଧର୍ମେନ୍ଦ୍ର

- କଂଗ୍ରେସ ସର୍ବଦା ଦୁର୍ବଳ ବର୍ଗର ଅଧିକାରକୁ ଅଣଦେଖା କରିଛି
- ସମ୍ବିଧାନ ବିରୋଧୀଙ୍କୁ ଲୋକେ ଉଚିତ ଜବାବ ଦେବେ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୧।୭: ଓଡ଼ିଶାରେ କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ। ରାହୁଲ ଗାନ୍ଧି 'ଚାଲି ନ ଜାଣି ବାଟର ଦୋଷ' ଭଳି କଥା କହୁଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ମନ୍ତ୍ରୀ ସୋସିଆଲ୍ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱରରେ ରାହୁଲ ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ଦ୍ୱାରା ଆୟୋଜିତ 'ସମ୍ବିଧାନ ବଞ୍ଚାଅ' ରାଲି ପ୍ରକୃତରେ କଂଗ୍ରେସର ପୃଷ୍ଠା-୬

## ମହୁଆଙ୍କୁ ବିଜେପି ନେତାଙ୍କ ଠୋସ୍ ଜବାବ

- ପଶ୍ଚିମବଙ୍ଗ ଆତଙ୍କବାଦୀଙ୍କ ଏକ୍ସୁଡ଼ିଶାଳ: ରାଜସ୍ୱ ମନ୍ତ୍ରୀ
- ଅନୁପ୍ରବେଶକାରୀଙ୍କୁ ତଡ଼ିବାକୁ ଜୟନାରାୟଣଙ୍କ ଦାବି



ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ): ଝାରସୁଗୁଡାରେ ୪୦୦ରୁ ଊର୍ଦ୍ଧ୍ୱ ବାଂଲାଦେଶୀ ଧରାପଡ଼ିବା ଘଟଣାରେ ତୃଣମୂଳ ସାଂସଦ ମହୁଆ ମୌତ୍ରଙ୍କ ବୟାନକୁ ନେଇ ବିଜେପିରେ ସୃଷ୍ଟି ହୋଇଛି ଝଡ। ଓଡିଶାରେ ବିଜେପି ସରକାର ଅମଳରେ ବେଙ୍ଗଲୀ ଲୋକମାନେ ଅଧିକ ନିର୍ଯାତିତ ହେଉଥିବା ନେଇ ମହୁଆ ଅଭିଯୋଗ କରିଥିଲେ। ଟିଏମସି ସାଂସଦଙ୍କ ଏଭଳି ଅଭିଯୋଗକୁ ନେଇ ଆଜି ବର୍ଷିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଜେପି ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର।

ଟିଏମସି ସାଂସଦ ମହୁଆଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ। ସେ କହିଛନ୍ତି, 'ମହୁଆ ଯାହା କୁହନ୍ତି ସେ ନିଜେ ବୁଝନ୍ତି ନାହିଁ। ମହୁଆ ଲୋକସଭାରୁ ବିତାଡ଼ିତ ହୋଇଥିଲେ। ଆଉ ସେ ପୁଣି କ'ଣ ଓଡ଼ିଶାକୁ ଧମକ ଦେବେ? ଇଂରେଜମାନେ ଓଡ଼ିଶାକୁ ଧମକେଇ ପାରିଲେନି ଆଉ ମହୁଆ କିଏ? ସେ ଓଡ଼ିଶା ପ୍ରତି ଦୃଷ୍ଟି ନଦେଇ ବେଙ୍ଗଲ ପ୍ରତି ଦୃଷ୍ଟି ଦେଲେ ଏହା ତାଙ୍କ ପାଇଁ ମଙ୍ଗଳ ହୁଅନ୍ତା' ବୋଲି ସେ କହିଛନ୍ତି। ବାଂଲାଦେଶ ଦେଶରୁ ଅନେକ ଅନୁପ୍ରବେଶକାରୀ ପଶ୍ଚିମବଙ୍ଗ ଦେଇ ଅନୁପ୍ରବେଶ କରୁଛନ୍ତି। ଗୋଟେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକ ଅନୁପ୍ରବେଶ କରୁଛନ୍ତି। ଯେଉଁ ହିନ୍ଦୁ ବାଂଲାଦେଶ ଓ ଆଫଗାନିସ୍ତାନରେ ନିର୍ଯାତନାର ଶିକାର ହେଉଛନ୍ତି, ସେମାନଙ୍କୁ ଆଣିବା ପାଇଁ ଆଇନ ବି କରିଛୁ । କିନ୍ତୁ ଅନ୍ୟ ସମ୍ପ୍ରଦାୟର ଲୋକ କାହିଁକି ଆସୁଛନ୍ତି? ସେମାନେ ଆସୁନାହାନ୍ତି ବରଂ ସେମାନଙ୍କୁ ଅଣାଯାଉଛି। ମମତା ବାନାର୍ଜୀଙ୍କ ଟିଏମସି ଦଳ ସେମାନଙ୍କୁ ଆଣୁଛି ନିଜ ଭୋଟର କାୟା ବୃଦ୍ଧି କରିବା ପାଇଁ । ସେମାନଙ୍କୁ ରାସନ କାର୍ଡ ମଧ୍ୟ ଦେଉଛନ୍ତି ଓ ଆଧାର କାର୍ଡ ବି କରୁଛି। ହିନ୍ଦୁମାନଙ୍କ ବିରୁଦ୍ଧରେ ଅପରାଧ ଘଟାଉଛନ୍ତି। ଏମିତି ନ ହେଉ ଦିନେ ପଶ୍ଚିମବଙ୍ଗରେ ମୂଳ ଭାରତୀୟ ନାଗରିକ ସେମାନେ ସଂଖ୍ୟାଲଘୁ ହୋଇଯିବେ। ପୃଷ୍ଠା-୬

## ଆଜି ୫୧ ହଜାର ନିଯୁକ୍ତିପତ୍ର ବାଣ୍ଟିବେ ମୋଦି

ଅପେକ୍ଷାରେ ଅଛନ୍ତି ଓଡ଼ିଶାରୁ ୨୦୦ ପ୍ରାର୍ଥୀ

୪୭ଟି ସ୍ଥାନରେ ଅନୁଷ୍ଠିତ ହେବ ନିଯୁକ୍ତି ମେଳା



ଭୁବନେଶ୍ୱର, ୧୧।୭ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଷୋଡ଼ଶ ରୋଜଗାର ମେଳା ଆସନ୍ତାକାଲି ଦେଶର ୪୭ଟି ସ୍ଥାନରେ ଅନୁଷ୍ଠିତ ହେବ। ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ଚନ୍ଦ୍ରଶେଖରପୁର ରେଳ ଅଡିଟୋରିୟମଠାରେ ହେବାକୁ ଥିବା ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେଇ ୫୧ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତିପତ୍ର ବାଣ୍ଟିବେ। ଏଥିରେ ଓଡ଼ିଶାର ୨୦୦ ଆଶାୟୀଙ୍କୁ ମଧ୍ୟ ନିଯୁକ୍ତିପତ୍ର ମିଳିବ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପୂର୍ବତଟ ରେଳପଥର ବିଶାଖାପାଟଣା ଓ ସମ୍ବଲପୁର ଡିଭିଜନରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସୂଚନା ଥାଉକି, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡିକରେ ଏହି ନିଯୁକ୍ତି ମିଳିବ। ଦେଶର ବିଭିନ୍ନ ସ୍ଥାନରୁ ମନୋନୀତ ନବନିଯୁକ୍ତମାନେ ରେଳ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଡାକ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଶ୍ରମ ଓ କର୍ମନିଯୁକ୍ତି ମନ୍ତ୍ରଣାଳୟ ସହ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ଯୋଗଦେବେ।

ବିଦେଶୀ ଗଣମାଧ୍ୟମ ଉପରେ ବର୍ଷିଲେ ଡୋଭାଲ୍

# 'ଅପରେସନ ସିନ୍ଦୂର'ରେ କ୍ଷତି ସହିନି ଭାରତ



ଚେନ୍ନାଇ,୧୧।୭: 'ଅପରେସନ ସିନ୍ଦୂର'କୁ ନେଇ ବିଦେଶୀ ଗଣମାଧ୍ୟମ ଉପରେ ବର୍ଷିଲେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ। 'ଅପରେସନ ସିନ୍ଦୂର'ରେ ଭାରତର କୌଣସି କ୍ଷତି ହୋଇନାହିଁ। ବିଦେଶୀ ଗଣମାଧ୍ୟମରେ ପ୍ରସାରିତ ଖବରକୁ ଖଣ୍ଡନ କରି ଶ୍ରୀ ଡୋଭାଲ ଉକ୍ତ ଗଣମାଧ୍ୟମଗୁଡ଼ିକୁ ଚ୍ୟାଲେଞ୍ଜ୍ କରିଛନ୍ତି। କୌଣସି ବିଦେଶୀ ମିଡିଆ ସାହସ ଅଛି ତ ଭାରତ ସହିଥିବା କୌଣସି କ୍ଷତି ନେଇ ଗୋଟିଏ ବି ଫଟୋ ଦେଖାଇବାକୁ ଡୋଭାଲ୍ କହିଛନ୍ତି। ମିଳିଥିବା ସୂଚନାନୁସାରେ, ଆଇଆଇଟି ମାଡ୍ରାସରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଡୋଭାଲ କହିଛନ୍ତି ଯେ ବିଦେଶୀ ଗଣମାଧ୍ୟମ 'ଅପରେସନ ସିନ୍ଦୂର' ବିଷୟରେ ମିଥ୍ୟା ଖବର ପ୍ରସାରଣ କରିଛି। ମୋତେ ଗୋଟିଏ ଫଟୋ ଦେଖାଅ ଯେଉଁଥିରେ ଭାରତ କ୍ଷତି ସହିଛି। ଏହି ସମୟରେ ଭାରତ କୌଣସି କ୍ଷତି ସହିନାହିଁ। ଆମେ 'ଅପରେସନ ସିନ୍ଦୂର'କୁ ନେଇ ଗର୍ବିତ। ୨୩ ମିନିଟର ଅପରେସନରେ ପାକିସ୍ତାନର ଅଣ୍ଟା ଭାଙ୍ଗିଯାଇଥିଲା। ଏହି ଅପରେସନ ସମୟରେ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଥିବାରୁ ଆମେ ଗର୍ବିତ। ଆମେ ସୀମା ଆରପାରିରେ ନଥିଟି ପୃଷ୍ଠା-୬

# କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନକୁ ମଞ୍ଜୁରୀ

ପାରାଦୀପ ରୁଟରେ କମିବ ଭିଡ଼



ଭୁବନେଶ୍ୱର,୧୧।୭ (ସଂଚାର ବ୍ୟୁରୋ): ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨ କୋଟି ୯ ଲକ୍ଷ ମୂଲ୍ୟରେ କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁରୀ ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା।

ଓଡିଶାକୁ ଆଉ ଏକ ଭିତ୍ତିଭୂମି ପ୍ରୋତ୍ସାହନ ସ୍ୱରୂପ, ରେଳମନ୍ତ୍ରୀ ୧୫.୯୯ କିଲୋମିଟର ଲମ୍ବା କଟକ- ନିର୍ଗୁଣ୍ଡି ଚତୁର୍ଥ ଲାଇନ ଏବଂ ନିର୍ଗୁଣ୍ଡି ଠାରେ ଏକ ରେଳ ଫ୍ଲାଏଓଭରକୁ ମଞ୍ଜୁର କରିଛନ୍ତି। କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କର ଏକ ଅଂଶ। ପାରାଦୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନଥିବାରୁ, ପୃଷ୍ଠ-ସ୍ତର କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି।

ଚତୁର୍ଥ ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ ରୁଟଗୁଡ଼ିକରୁ ପାରାଦୀପ ବନ୍ଦର ଯାଉଥିବା ଟ୍ରାଫିକକୁ ପୃଥକ କରି କରିଡରକୁ ଭିଡ଼ କମ କରିବା ପାଇଁ ପୃଷ୍ଠା-୬

## ସାମ୍ବାଦିକ ଆବଶ୍ୟକ

ଇଚ୍ଛୁକ ଓ ଅଭିଜ୍ଞ ବ୍ୟକ୍ତି ଆବେଦନ କରନ୍ତୁ

ଯୋଗାଯୋଗ
ପ୍ଲଟ୍ ନଂ.୩୧୨,
ଫ୍ଲାଟ୍ ନଂ.୦୦୩,
ଗ୍ରୀନ୍ ହାଇ ଆପାର୍ଟମେଣ୍ଟ୍,
ଖାରବେଳ ନଗର,
ଭୁବନେଶ୍ୱର-୭୫୧୦୦୧
ମୋ-୯୪୩୭୨୨୭୭୭୭

email: sancharodisha@gmail.com

'ସଂଚାର' ପାଇଁ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ସାମ୍ବାଦିକ ଆବଶ୍ୟକ। ଏଥିପାଇଁ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା ଜରୁରୀ। ଅଭିଜ୍ଞ ପ୍ରାର୍ଥୀ ବାୟୋଡାଟା ସହ ଉପରୋକ୍ତ ନମ୍ବରରେ ହ୍ୱାଟ୍ସଆପ୍ କରିପାରିବେ।



ବି.ଦ୍ର.: ସମ୍ପ୍ରତି କୌଣସି ସ୍ଥାନରେ 'ସଂଚାର'ର ସାମ୍ବାଦିକ ନାହାନ୍ତି। ତେଣୁ କେହି ବି ନିଜକୁ 'ସଂଚାର'ର ପ୍ରତିନିଧି ବୋଲି ଦାବି କରୁଥିଲେ କିମ୍ବା କୌଣସି ପ୍ରକାର ବ୍ୟାବସାୟିକ ଫାଇଦା ନେଉଥିଲେ, ସେମାନଙ୍କଠାରୁ ସତର୍କ ରହିବା ସହ ଉପରୋକ୍ତ ଠିକଣାରେ ସୂଚନା ଦେବାକୁ ନିବେଦନ।

# ସଂଘ ପ୍ୟାଡରୁ ଉଭାନ ହେଲେ ବିଜେଡି ମାର୍କା ଅଫିସର

- ନେତାଙ୍କୁ ଘାରିଲାଣି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟ
- ସାମୟିକ ଭାବେ ସଂଘ କାର୍ଯ୍ୟାଳୟରେ ବୁକିଂ ବନ୍ଦ

ଭୁବନେଶ୍ୱର,୧୧।୭ (ସଂଚାର ବ୍ୟୁରୋ): ସରକାରଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଓ ପ୍ରାୟୋଜିତ ଆନ୍ଦୋଳନ ଏବେ ଓଡିଶା ପ୍ରଶାସନିକ ସେବା(ଓଏଏସ) ସଂଘକୁ ଭାରୀ ପଡ଼ିଛି। ଚାପରେ ସରକାର ଓ ଦଳ ରାଜନୈତିକ ନିଷ୍ପତ୍ତି ନେଇଥିଲେ ବି ଏବେ ସଂଘ ନେତାଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟ ଘାରିଛି। ଯେଉଁଥିପାଇଁ ସଂଘର ଲେଟର ପ୍ୟାଡରୁ ଉଭାନ ହୋଇଯାଇଛି ବିଜେଡି ମାର୍କା ଅଫିସର ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ନାଁ। 'ସଂଚାର'ର ହସ୍ତଗତ ହୋଇଥିବା ଏହି ଦୁଇଟି ଲେଟର ପ୍ୟାଡକୁ ଟିକେ ନିରିଖେଇ ଦେଖନ୍ତୁ। ଗୋଟିଏ ଚିଠି ଜୁଲାଇ ୨ ତାରିଖର ହୋଇଥିବା ବେଳେ ଅନ୍ୟଟି ସେହି ମାସ ୭ ତାରିଖର। ଦୁଇ ତାରିଖର ଚିଠିରେ ସଂଘ ସିଧାସଳଖ ସରକାରଙ୍କ ଉପରେ ବିଏମସିର ଅତିରିକ୍ତ କମିଶନଙ୍କ ଉପରେ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାପ ପକାଇ ସମୂହ ଛୁଟିର ଧମକ ଦେଇଥିଲା।


Odisha Administrative Service Association
Regd. No.: 3522/212 of 1965-66
Plot No.: 1&2, OASA Bhawan, Kharavel Nagar, Unit-3, Bhubaneswar-751001, Tel/Fax: 0674-2396683

Ref. No. 225 Date 02/07/25

3. Public condemnation of the incident by the Government, acknowledging the gravity of the attack and affirming its commitment to protect government officers.

Considering the widespread discontentment of all the members of the Association working across the state it has been decided that all OAS officers will continue to be on leave until the demands are met.

We remain hopeful that the Government will treat this matter with the seriousness it deserves and initiate appropriate action at the earliest to ensure that dignity of the officers at the workplace is restored and protected.

Yours Sincerely,

General Secretary, OASA

Cc- Chief Secretary, Odisha
Cc- Secretaries of all Departments
Cc- DG POLICE ODISHA
Cc- Commissioner Police
Cc- All Collectors

Odisha Administrative Service Association
Regd. No.: 3522/212 of 1965-66
Plot No.: 1&2, OASA Bhawan, Kharavel Nagar, Unit-3, Bhubaneswar-751001, Tel/Fax: 0674-2396683

Ref. No. 250 Date 07/07/25

To
The President,
Odisha Revenue Service Association,
Bhubaneswar

Sub: Condemnation and Solidarity over the Unfortunate Incident on date 26.06.2025 Involving Sri Pradeep Kumar Padhi, ORS, Executive Officer, Vyasanagar Municipality

Sir,

The Odisha Administrative Service Association expresses its strong condemnation of the unfortunate incident of humiliation/ torture involving Shri Pradeep Kumar Padhi, ORS, Executive Officer, Vyasanagar Municipality, while performing his official duties.

Such incidents undermine the dignity of public service and are deeply concerning to the entire administrative fraternity. We extend our full solidarity to the Odisha Revenue Service Association and urge that appropriate action be taken to uphold justice and officer's safety.

We stand with your Association in this hour of concern.

In Solidarity,

General Secretary, OASA

ଆଉ ସଂଘର ଏହି ଲେଟର ପ୍ୟାଡରେ ସଭାପତି, ସମ୍ପାଦକଙ୍କ ସମେତ ସବୁ ମୁଖ୍ୟ କାର୍ଯ୍ୟକର୍ତ୍ତାଙ୍କ ନାଁ, ପଦବୀ, ମୋବାଇଲ ନମ୍ବର ସହ ମେଲ୍ ଆଇଡି ବି ଉଲ୍ଲେଖ ରହିଥିଲା।

ଏବେ ଥରେ ଜୁଲାଇ ୭ ତାରିଖର ସଂଘର ଏହି ସଂଶୋଧିତ ଲେଟର ପ୍ୟାଡକୁ ଦେଖନ୍ତୁ। ଏହି ଲେଟର ପ୍ୟାଡରେ କେବଳ ସଂଘର ରେଜିଷ୍ଟ୍ରେସନ ନମ୍ବର, ସ୍ଥାନ ଓ ଅଫିସ ଫୋନ ନମ୍ବର ଛଡ଼ା ଆଉ କିଛି ବି ନାହିଁ। ନା ରହିଛି ସଭାପତି, ସମ୍ପାଦକ, ଉପସଭାପତି, କୋଷାଧ୍ୟକ୍ଷ କାହାରି ନାଁ ନାହିଁ। ଏହି ଲେଟର ପ୍ୟାଡଟି ବ୍ୟାସନଗର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାନସିକ ନିର୍ଯାତନା ଘଟଣାରେ ଓଆରଏସ ଅଫିସରଙ୍କୁ ସହାନୁଭୂତି ଜଣାଇ ଓଏଏସ ସଂଘ ଲେଖିଥିବା ଚିଠି। ତେବେ ସଂଘ ଗୋଟିଏ ହୋଇଥିବା ବେଳେ ଲେଟର ପ୍ୟାଡ ଭିନ୍ନ ଭିନ୍ନ କାହିଁକି? ଏନେଇ ପୃଷ୍ଠା-୬

# ସତ୍ୟଜିତଙ୍କୁ ସହାୟତାର ହାତ

## 'ସଂଚାର'ରେ ଖବର ପ୍ରକାଶ ପାଇଥିଲା

**ଆଳି,୧୧।୭ (ସଂଚାର ବ୍ୟୁରୋ):** ଆଳି ବ୍ଲକ ଅନ୍ତର୍ଗତ କଳସପୁର ଗ୍ରାମର ସତ୍ୟଜିତ ପାଣ୍ଡବ କୀଡନି ରୋଗରେ ପୀଡିତ ଥିବାରୁ ଏ ନେଇ ସଂଚାର ରେ ଖବର ପ୍ରସାରଣ ହୋଇଥିଲା। ତାଙ୍କ ଅଧିକ ଚିକିତ୍ସା ନିମନ୍ତେ ଅର୍ଥ ସାଜିଥିଲା ବାଧକ। ଏ ନେଇ ସାହାଯ୍ୟର ହାତ ବଢ଼ାଇ ପାଇଁ ପରିବାର ଲୋକେ ଆକୁଳ ନିବେଦନ କରିଥିଲେ। ବଡ଼ମଙ୍ଗ ମଠସାହିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବି ଏମ ହେଲପିଙ୍ଗ ହ୍ୟାଣ୍ଡ ସହଯୋଗର ହାତ ବଢ଼ାଇଛି। ବି ଏମ ହେଲପିଂ ହ୍ୟାଣ୍ଡର ବରିଷ୍ଠ ସଦସ୍ୟ ଅମିୟ ପରିଡା,ଶିକ୍ଷାବିତ ଧରଣୀଧର ବେହେରା, ମିଲନ ମହାକୁଳ, ଚିତ୍ତରଞ୍ଜନ ବଳ, ଉତ୍ତମ ପରିଡା, ଦେବବ୍ରତ ମହାକୁଳ ପ୍ରମୁଖ ସତ୍ୟଜିତଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଚିକିତ୍ସା ନିମନ୍ତେ ଆର୍ଥୀକ ରାଶି ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖ ଯେ କଳସପୁର ଗ୍ରାମର ଶତ୍ରୁଘ୍ନ ପାଣ୍ଡବଙ୍କ ପୁଅ ସତ୍ୟଜିତ ପାଣ୍ଡବ(୪୩)ଙ୍କର ଦୁଇଟି କିଡ଼ନୀ ନଷ୍ଟ ହୋଇ ଯାଇଥିଲା। ସତ୍ୟଜିତ ପାଣ୍ଡବ ଚେନାଇରେ ଏକ ଘରୋଇ କମ୍ପାନୀରେ ଚାକିରୀ କରି ପରିବାର ପ୍ରତିପୋଷଣ କରୁଥିଲେ। ଦୁଇମାସ ପୂର୍ବେ ସତ୍ୟଜିତ ଜ୍ୱରରେ ପୀଡିତ ହେବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ଅସୁସ୍ଥ ଅବସ୍ଥାରେ ବାରମ୍ବାର ମେଡିକାଲ ଯାଇଥିଲେ ମଧ ସୁସ୍ଥ ନହେବାରୁ ଘରକୁ ଫେରି ଆସି କଟକ ବଡ଼ ମେଡିକାଲରେ ଡାକ୍ତର ଦେଖାଇବା ପରେ ତାଙ୍କର କିଡ଼ନୀ ନଷ୍ଟ ହୋଇ ଯାଇଥିବା ଜଣା ପଡିଥିଲା। କିଡ଼ନୀ ପ୍ରତିରୋପଣ କରାଗଲେ ସତ୍ୟଜିତ ସୁସ୍ଥ ହେବେ ବୋଲି



ଡାକ୍ତର କହିଥିଲେ। କିଡ଼ନୀ ପ୍ରତିରୋପଣ ନିମନ୍ତେ ୩୦ରୁ ୪୦ଲକ୍ଷ ଟଙ୍କା ଖର୍ଚ୍ଚ ହେବ କହିବା ପରେ ପରିବାର ଲୋକ ଏବେ ଚିନ୍ତାରେ ଥିଲେ। ସେହି ପରି ସତ୍ୟଜିତଙ୍କ ଚିକିତ୍ସା ନିମନ୍ତେ ସତ୍ୟନାରାୟଣ ସେବା ସଂସ୍ଥା,ସହଦେବ ଦାସ ସେବାସଂସ୍ଥା,ନମୌଜାର ଚକ୍ରଧର ଦାସ ପ୍ରମୁଖ ସହାୟତାର ହାତ ବଢ଼ାଇଥିବା ବେଳେ ଅନ୍ୟ ସାମାଜିକ ଅନୁଷ୍ଠାନ ଗୁଡିକ ସହଯୋଗର ହାତ ବଢ଼ାଚନ୍ତି। ସତ୍ୟଜିତଙ୍କ ଚିକିତ୍ସା କ୍ଷେତ୍ରରେ ତାହା ଲାଗି ପାରିବ। ଅନ୍ୟ ପକ୍ଷରେ ବୋହୁତ ଅର୍ଥ ଲାଗୁ ଥିବାରୁ ଅନ୍ୟ ମାନଙ୍କୁ ପରିବାର ଲୋକେ ଅନୁରୋଧ କରିଛନ୍ତି।

---

**ସଫଳ ହେଲା ପ୍ରୟାସ**

# ଜଗବନ୍ଧୁଙ୍କୁ ମିଳିଲା ଆଧାର କାର୍ଡ

## ଆଧାର ନଥିବାରୁ ମିଳୁନଥିଲା ରାସନ୍ ଚାଉଳ

## ଆବେଦନ ହୋଇ ପାରୁନଥିଲା ଭିନ୍ନକ୍ଷମ ପ୍ରମାଣପତ୍ର

**ମହାକାଳପଡ଼ା,୧୧।୭ (ସଂଚାର ବ୍ୟୁରୋ):** ଦୈନିକ ଖବରକାଗଜ 'ସଂଚାର'ରେ ଖବର ପ୍ରକାଶ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ପ୍ରୟାସରେ ଆଜି ଜଗବନ୍ଧୁ ପଲାଇଙ୍କୁ ଆଧାର କାର୍ଡ ମିଳି ପାରିଛି।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡା (ଗୁହାଳକଣି) ଗ୍ରାମର ଜଗବନ୍ଧୁ ପଲାଇ ଜଣେ ମାନସିକ ବିକାରଗ୍ରସ୍ତ। ଦୀର୍ଘବର୍ଷ ଧରି ଜଗବନ୍ଧୁ ମାନସିକ ବିକାରଗ୍ରସ୍ତ ହୋଇ ଘରେ ପଡିଛନ୍ତି। ହାତ ଗୋଡ଼ ବନ୍ଧା ହୋଇ ସେମିତି ବିଛଣାରେ ପଡି ଚିତ୍କାର କରୁଛନ୍ତି। ଯେଉଁଠି ପଡି ରହିଛନ୍ତି ସେଇଠି ଖାଉଛନ୍ତି ଓ ଶୋଉଛନ୍ତି। କୌଣସି କାର୍ଯ୍ୟାଳୟକୁ ନେବା ସମ୍ଭବ ହେଉନି ବୋଲି ତାଙ୍କର ଆଧାର କାର୍ଡ ହୋଇ ପାରୁ ନଥିଲା। ଆଧାର କାର୍ଡ ନଥିବାରୁ କୌଣସି ଯୋଜନାରେ ସାମିଲ ହୋଇପାରୁ ନଥିଲେ ଜଗବନ୍ଧୁ। ରାସନ୍ କାର୍ଡରେ ନାମ ଥିଲେ ମଧ ଆଧାର ନଥିବାରୁ ଡିଲର ଚାଉଳ ଦେବା ବନ୍ଦ କରିଦେଇଥିଲା। ସମ୍ପୁର୍ଣ୍ଣ ମାନସିକ ବିକାରଗ୍ରସ୍ତ ହୋଇଥିଲେ ମଧ ଆଧାର ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ମଧ ଆବେଦନ କରି ପାରୁନଥିଲେ। ପରିବାର ତରଫରୁ ଆଧାର କାର୍ଡ ଟିଏ କରାଇ ଦେବା ପାଇଁ କେତେ କାହାକୁ ଗୁହାରି କରି ମଧ ତାଙ୍କ କଥା କେହି କର୍ଣ୍ଣପାତ କରିନଥିଲେ। ସବୁଆଡୁ ନିରାଶ ହେବା ପରେ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ଙ୍କୁ ତାଙ୍କର ଦୁଃଖ ଜଣାଇବା ପରେ ଆରମ୍ଭ ହୋଇଥିଲା ପ୍ରୟାସ। ଏନେଇ ଦୈନିକ ଖବରକାଗଜ"ସଂଚାର"ରେ ଖବର ପ୍ରକାଶ ପାଇବା ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ଆଧାର କାର୍ଡ ଟିଏ ପାଇଁ ସବୁଆଡୁ ନିରାଶ ହୋଇପଡିଥିବା ଖବର ପ୍ରକାଶ ପରେ ରାହା ପାଇଗଲେ। ଜିଲ୍ଲା ପ୍ରଶାସନ ତରଫରୁ ଜଗବନ୍ଧୁ ପଲାଇ ଙ୍କ ବାସଭବନରେ ଆଧାର କର୍ମଚାରୀ ମାନେ ପହଞ୍ଚି ଆଧାର ପଞ୍ଜିକରଣ କରିଥିଲେ। ପରିଶେଷରେ ଜଗବନ୍ଧୁ ଆଧାର କାର୍ଡ ପାଇ ପାରିଛନ୍ତି। ଏବେ ସେ ରାସନ୍ ଚାଉଳ ପାଇବେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ ମଧ କରି ପାରିବେ। ଭତ୍ତା ପାଇବାକୁ ହକଦାର ଥିବା ଜଗବନ୍ଧୁ ମଧ ଭତ୍ତା ଆବେଦନ କରି ପାରିବେ। ଯାହା ଦୀର୍ଘ ବର୍ଷ ଧରି ହୋଇ ପାରୁ ନଥିଲା ତାହା ସଂଚାର ଓ ୟୁଥ୍ ଗ୍ରୁପ ର ପ୍ରୟାସ ପାଇଁ ହୋଇ ପାରିଛି ବୋଲି ପରିବାର ଓ ଗ୍ରାମବାସୀ କହିଛନ୍ତି।



---

# ମୃତଦେହ ଉଦ୍ଧାର, ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ



**ଡେରାବିଶ,୧୧।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତର କେଶରପୁର ଗ୍ରାମର ପ୍ରମୋଦ କୁମାର ସେଠୀ ବୟସ ପ୍ରାୟତଃ (୫୮) ବର୍ଷ କୌଣସି ଦୃର୍ବୃତ୍ତ ଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ଗତକାଲି ବିଳମ୍ବିତ ରାତିରେ ମୃତ୍ୟୁବରଣ କରିଥିବା ବେଳେ ଏକ ପରିତ୍ୟକ୍ତ ଘରେ ତାଙ୍କର ଶବକୁ ଫୋପାଡି ଦିଆଯାଇଥିବାର ଆଜି ଜନସାଧାରଣ ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ଅବସ୍ଥା କୁ ଦେଖିଲେ ଏହି ହତ୍ୟାକାଣ୍ଡ ଇଟା ପଥର ଦ୍ୱାରା ହୋଇଥିବାର ଜନସାଧାରଣ ରେ ଆଲୋଚନା ହେଉଛି। ଘଟଣା ସ୍ଥଳରେ ସଦର ଥାନା ଅଧିକାରୀ ସଦଳବଳେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଆଗକୁ ପୋଲିସ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସତ୍ୟାସତ୍ୟ ପଦାକୁ ବାହାରିବ ତାହା ଦେଖିବାକୁ ବାକି ରହିଲା।

# ଚୋରା ମଦ ଜବତ, ୨ ମହିଳାଙ୍କ ସମେତ ୮ କୋର୍ଟ ଚାଲାଣ



**କେନ୍ଦ୍ରାପଡା,୧୧।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ପ୍ରଭାକରପୁର ଗ୍ରାମର କାଳିଆ ଖିଲାରଙ୍କ ଠାରୁ ୪୦୯ ଲିଟର ଦେଶୀ ରନ୍ଧା ମଦ, ଶ୍ୟାମସୁନ୍ଦର ରାଉତଙ୍କ ଠାରୁ ୪୨୧ ଲିଟର ଦେଶୀ ରନ୍ଧା ମଦ, ଶୁକ ଖିଲାରଙ୍କ ଠୁ ୫୪୫ ଲିଟର ଦେଶୀ ରନ୍ଧା ମଦ ରଜତ ରାଉତ ଠାରୁ ୪୯୧ ଲିଟର ଦେଶୀ ରନ୍ଧା ମଦ ଓ ରାଜେଶ ସେଠି ଙ୍କ ଠାରୁ ୩୧୧ ଲିଟର ଦେଶୀ ରନ୍ଧା ମଦ, ଡିଖିରି ଗ୍ରାମର କୁମାର ବେହେରାଙ୍କ ଠୁ ୩୨୫ ଲିଟର ଦେଶୀ ରନ୍ଧା ମଦ ଶସ୍ମିତା ବେହେରାଙ୍କ ଠୁ ୪୮୪ ଲିଟର ଦେଶୀ ରନ୍ଧା ମଦ ଓ ଡିଖିରି ଗ୍ରାମର ଶସ୍ମିତା ବେହେରାଙ୍କ ଠାରୁ ୫୬୭ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୩୫୫୩ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ୨ ମହିଳା ସମେତ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇ ଅଛି ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମ ଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଶ୍ରୀମତୀ କଳ୍ପନା ରାଉତ ଓ ଶ୍ରୀ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ୨ଟି ସନ୍ତାନ ଆଇନ ଲାଗୁ ପାଇଁ ବିଡିଓଙ୍କୁ ଦାବିପତ୍ର

**କେନ୍ଦ୍ରାପଡା,୧୧।୭(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ବିଡ଼ିଓଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ରାଜ୍ୟ ସମ୍ପାଦିକା ମଞ୍ଜୁଲତା ମଲ୍ଲିକଙ୍କ ନେତୃତ୍ୱରେ ସସ୍ମିତା ମହାନ୍ତି, ଖଗେଶ୍ୱର ସେନାପତି, ରବୀନ୍ଦ୍ର କୁଣ୍ଡ ,ପ୍ରତାପ କୁମାର ଦାଶ ପ୍ରମୁଖ ଶତାଧିକ ବ୍ୟକ୍ତି ଭେଟି ଦେଶରେ ସବୁ ନାଗରିକ ମାନଙ୍କ ପାଇଁ କିପରି ଆଗାମୀ ଦିନରେ କେନ୍ଦ୍ରସରକାର ତୁରନ୍ତ ସମାନ ସଂହିତା ଆଇନ ପ୍ରଣୟନ ଏବଂ ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକ ବା ବ୍ୟକ୍ତି ବିଶେଷ ମାନଙ୍କୁ ଦୁଇଟି ଶାନ୍ତାନର ଅଧିକାରୀ ହେବା ନିମନ୍ତେ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ ବା ଲାଗୁ କରିବା ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।

---

# ଅଙ୍ଗନବାଡି କେନ୍ଦ୍ରରୁ ସକାଳ ଜଳଖିଆ ଗାଏବ

- ମାନୁନାହାନ୍ତି ମାର୍ଗଦର୍ଶିକା
- ଗଜା ମୁଗ ସ୍ୱପ୍ନ

**ରାଜକନିକା,୧୧।୭ (ସଂଚାର ବ୍ୟୁରୋ):** ସବୁବେଳେ ବିବାଦରେ ରହି ଆସିଥିବା ରାଜକନିକା ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟର କାର୍ଯ୍ୟଧାରା ଉପରେ ଉଠିଛି ପ୍ରଶ୍ନ। ଅଙ୍ଗନବାଡି କେନ୍ଦ୍ରରେ ସକାଳୁଆ ଜଳଖିଆ ଦେବାରେ ବି ଘୋଟାଲା ପରିଲକ୍ଷିତ ହେଉଥିବାର ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ ସମଗ୍ର ବ୍ଲକରେ ରହିଛି ୨୧୫ ଅଙ୍ଗନବାଡି କେନ୍ଦ୍ର। ଏହି କେନ୍ଦ୍ର ଗୁଡିକୁ ତଦାରଖ କରିବାର ଦାୟିତ୍ୱରେ ମହିଳା ସୁପରଭାଇଜରମାନେ ରହିଛନ୍ତି। ହେଲେ ଏହି ସୁପରଭାଇଜର କେବେ ବି କ୍ଷେତ୍ର ପରିଦର୍ଶନରେ ଯିବାର ନଜିର ନ ଥିବାରୁ ଏହାର ସୁଯୋଗରେ ଅସାଧୁ ଅଙ୍ଗନବାଡିମାନେ ବ୍ୟାପକ ଅନିୟମିତତାରେ ସାମିଲ ଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ତେବେ ବି କାର୍ଯ୍ୟାଳୟ ପକ୍ଷରୁ ଠୋସ୍ ପଦକ୍ଷେପ ନିଆଯାଉ ନ ଥିବାରୁ କ୍ରମଶଃ ଏହା ବଢ଼ି ବଢ଼ି ଚାଲିଲାଣି।

ଅଙ୍ଗନବାଡି କେନ୍ଦ୍ରର କୁନି କୁନି ପିଲାଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟ ଦେବାର ବ୍ୟବସ୍ଥା ରହିଛି। ଏଥିରେ ସକାଳ ଜଳଖିଆରେ ସୋମବାର, ଶୁକ୍ରବାର ବେସନ ଅଟାର ଲଡ୍ଡୁ, ମଙ୍ଗଳ ଆଉ ଗୁରୁବାରରେ ଚୂଡାଲଡ୍ଡୁ, ସେଇଭଳି ବୁଧବାର, ଶନିବାର ଦିନ ଗଜାମୁଗ ଦେବାର ବ୍ୟବସ୍ଥା ରହିଛି। ଯେଉଁଥିରେ ପିଲାମାନେ ସଠିକ୍ ପୋଷଣ ପାଇ ପାରିବେ। ଏଥିପାଇଁ ବି ଅର୍ଥର ବ୍ୟୟ ବରାଦ ରହିଛି। ହେଲେ ଏଭଳି ନିୟମ ପ୍ରାୟତଃ ସବୁ କେନ୍ଦ୍ରରେ ଉଲଂଘନ ହେଉଥିବାର ଜଣା ପଡିଛି। କେଉଁଠି ବା କେମିତି ମୁଢ଼ି ମୁଠାଏ କି ବିସ୍କୁଟ ଖଣ୍ଡେ ଦେଇ କାମ ଚଳାଇ ଦେଉଥିବାରୁ ଗଜାମୁଗ, ବସେନ ଲଡ୍ଡୁ, ଚୂଡା ଲଡ୍ଡୁ ପ୍ରାୟତଃ ସ୍ୱପ୍ନ ହୋଇ ଯାଇଛି। ହେଲେ କାଗଜ କଲମରେ ସକାଳ ଜଳଖିଆ ଠିକ୍ ଭାବେ ଚାଲୁ ଥିବାର ଜଣାପଡିଛି। ଏହା ସହିତ ରନ୍ଧାଖାଦ୍ୟ ଦେବାରେ ବି କେଉଁଠି ନା କେଉଁଠି ଅନିୟମିତତା ହେଉଥିବା ନେଇ ଜଣାପଡିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ପୋଷଣ ମାସ ପାଳନ ହୋଇଛି। ଶିଶୁମାନଙ୍କ ପୋଷଣ ନିମନ୍ତେ ପୁଷ୍ଟିକର ଖାଦ୍ୟ ଦେବାର ବ୍ୟବସ୍ଥା ଭିତରେ କିନ୍ତୁ ଏଭଳି ଅନିୟମିତତା ବିଭାଗୀୟ ପାରିଲାପଣିଆ ଉପରେ ପ୍ରଶ୍ନ ଉଠାଇଛି। ଏ ସମ୍ପର୍କରେ ବିଭାଗୀୟ ସିଡିପିଓ ରଞ୍ଜୁବାଳା ଦାଶଙ୍କୁ ପଚାରିବା ପରେ ସେ ଏ ସମ୍ପର୍କରେ ଅବଗତ ନ ଥିବା କହିଥିଲେ। ତେବେ ଏହା ଉପରେ ପଦକ୍ଷେପ ନେବେ। ହେଲେ ଅଙ୍ଗନବାଡି କେନ୍ଦ୍ରମାନଙ୍କୁ ତଦାରଖ କରିବା ନିମନ୍ତେ ୯ ଜଣ ସେକ୍ଟର ସୁପରଭାଇଜର ଥିବା ସତ୍ତ୍ୱେ ଏଭଳି ଅନିୟମିତତା ହେଉଥିବାରୁ ସାଧାରଣରେ ତ୍ୱରିତ ପଦକ୍ଷେପ ନିମନ୍ତେ ଦାବି ହେଉଛି।

---

# ସଂସ୍କୃତ ଭାରତୀ ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ

**କେନ୍ଦ୍ରାପଡ଼ା,୧୧।୭ (ସଂଚାର ବ୍ୟୁରୋ):** ସଂସ୍କୃତ ଭାରତୀ, କେନ୍ଦ୍ରାପଡ଼ା ଶାଖା ସଂଯୋଜକ ପଣ୍ଡିତ ହରେକୃଷ୍ଣ ପତିଙ୍କ ଅଧକ୍ଷତା ରେ ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର ପରିସରରେ ଗୁରୁ ପୁର୍ଣ୍ଣିମା ଉତ୍ସବ ପାଳନ କରାଯାଇଛି। ପ୍ରଥମେ ସଂସ୍କୃତ ବିଦ୍ୱାନ ପଣ୍ଡିତ ପ୍ରଭାକର ଆଚାର୍ଯ୍ୟ ବେଦ ପାଠ କରିଥିଲେ। ପରେ ପୂର୍ବ ପରି ସାମୁହିକ ବଳଭଦ୍ର ସହସ୍ରନାମ ପାଠ କରାଯାଇଥିଲା। ପଣ୍ଡିତ ନରେନ୍ଦ୍ର ତ୍ରିପାଠୀ ଓ ପଣ୍ଡିତ ଦାମୋଦର ରାଉତ ମହାମୁନି ବ୍ୟାସ ଦେବଙ୍କ ଜୟନ୍ତୀରେ ଗୁରୁପୂର୍ଣ୍ଣିମା ପାଳନର ତାପର୍ଯ୍ୟ ବୁଝାଇ ଥିଲେ। ଉକ୍ତ ପବିତ୍ର କାର୍ଯ୍ୟକ୍ରମରେ ତୁଳସୀକ୍ଷେତ୍ର ପଣ୍ଡିତ ସଭାର ସଭ୍ୟ ପଣ୍ଡିତ ଅବଧୂତ ରାଉତ, ନୃସିଂହ ଚରଣ ତ୍ରିପାଠୀ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସହ ସଂଯୋଜକ ପଣ୍ଡିତ ତପନ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

---



# ପଞ୍ଚାୟତ ଉନ୍ନତିକରଣ ସୂଚକାଙ୍କ ୨.୦ କର୍ମଶାଳା ଉଦଯାପିତ

**ପଟ୍ଟାମୁଣ୍ଡାଇ,୧୧।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ କରି ତୃଣମୂଳ ସ୍ତରରେ ଥିବା ହିତାଧିକାରୀଙ୍କୁ ଯୋଜନାର ସୁଫଳ ପହଞ୍ଚାଇବା ସହିତ ପଂଚାୟତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପଂଚାୟତ ଉନ୍ନତିକରଣ ସୂଚକାଙ୍କ ୨.୦ କର୍ମଶାଳା ୨ଦିନ ଧରି ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ କର୍ମଶାଳାରେ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ଯୋଗ ଦେଇ କହିଲେ ପଂଚାୟତ ସ୍ତରରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ସାମାଜିକ ସୁରକ୍ଷା, ଉତ୍ତମ ପରିବେଶ ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି। ଏସବୁର ସୁଫଳ ପ୍ରତ୍ୟେକ ଲୋକଙ୍କୁ ଯୋଗାଇ ଦେବା ଜନପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ଦାୟିତ୍ୱ ହୋଇଥିବାରୁ ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ବେଳେ ମହିଳା ଓ ଶିଶୁମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ ଜି ପି ଡି ଓ ରଂଜିତ ପରିଡା, ସି ପି ପ୍ରିୟ ରଞ୍ଜନ ସ୍ୱାଇଁ ଯୋଗ ଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

---

# ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ସ୍ଥିତି ପରଖିଲେ ଅଧିକାରୀ

## ମହାକାଳପଡ଼ା ବିଧାୟକଙ୍କୁ ନିବେଦନ କରିଥିଲେ ଚାଷୀ



**ମାର୍ଶାଘାଇ,୧୧।୭ (ସଂଚାର ବ୍ୟୁରୋ):** ୫୩ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। ରାଜପଥ ଚାରି ଥାକିଆରୁ ଆଠ ଥାକିଆକୁ ସମ୍ପ୍ରସାରଣ ହେବ। ନିର୍ମାଣକାରୀ ଠିକା ସଂସ୍ଥାର ମନମାନି ଯୋଗୁ ମହାକାଳପଡା ନିର୍ବାଚନ ମଣ୍ଡଳୀର ଚାଷ ଜମି ବ୍ୟାପକ ନଷ୍ଟ ହେଉଛି। ଯାହାକୁ ନେଇ ମହାକାଳପଡା ନିର୍ବାଚନ ମଣ୍ଡଳୀର ଜନସାଧାରଣ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଧାୟକ ଡ଼ ନାୟକ ପ୍ରଶାସନ ସହିତ ଆଲୋଚନା କରିବା ସହିତ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଆଜି କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ୫୩ ନମ୍ବର ଜାତୀୟ ରାଜପଥର ହଜାରୀ ଛକ ଠାରୁ ନିଳାଞ୍ଚଳ ବଜାର ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରଶସ୍ତିକରଣ ଯୋଗୁ ଜଳମଗ୍ନ ହେଉଥିବା ଚାଷ ଜମି ସହିତ ଜଳନିଷ୍କାସନ ସମସ୍ୟା ଉପରେ ଗୁରୁତ୍ୱ ଦେଇ ପରିଦର୍ଶନ କରିଛନ୍ତି।

ମାର୍ଶାଘାଇ ବ୍ଲକର ହିନ୍ଦୁଳିଆ ପଞ୍ଚାୟତ ସମେତ ମଣିକୁଣ୍ଡା, ଶିଳିପୁର, ଦୁମୁକା ପଞ୍ଚାୟତର ଚାଷ ଜମି ଜଳମଗ୍ନ ହେଉଛି ଯାହାଦ୍ୱାରା ଅନେକ ଫସଲ ନଷ୍ଟ ହେବା ସହିତ ଚାଷୀ ଭାଇମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାନପୁର ଗୋଜବାୟାଣୀ ଛକ ଠାରେ ଅଣ୍ଡର ପାସ ପୋଲ, କେନାଲବ୍ରିଜ ଠାରେ ବାଇପାସ ରୋଡ, ବଡପାଳ, ହଳଦିଆ ଗୋଡା ଆଦି ଅଞ୍ଚଳ ଏହି ଟିମ ବୁଲି ଦେଖିବା ସହିତ ଚାଷୀ, ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧି ମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ହଳଦିଆଗୋଡା ଠାରୁ ନିଳାଞ୍ଚଳ ବଜାର ପର୍ଯ୍ୟନ୍ତ କିପରି ଜଳନିଷ୍କାସନ ସମସ୍ୟା ନରହିବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନାଙ୍କ ସହିତ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ମହାକାଳପଡା ତହସିଲଦାର ଶିବ ପ୍ରସାଦ ମଲିକ, ଏନ ଏଚ ଆଇ ଅଧିକାରୀ, ଜଳନିକାଶ ବିଭାଗ ଅଧିକାରୀ, ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ସେଠୀଙ୍କ ସହିତ ବିଜେପି ନେତା ସରୋଜ କାନ୍ତ ସାହୁଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ।

---

# ପ୍ରବଳ ହଟ୍ଟଗୋଳ ମଧ୍ୟରେ ପଞ୍ଚାୟତ ସମିତି ବୈଠକ ଶେଷ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପେକ୍ଷା

## ବ୍ୟାପକ ପୁଲିସ ମୁତୟନ



**ନିଶ୍ଚିନ୍ତକୋଇଲି,୧୧।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ଷଷ୍ଠ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ମଧାହ୍ନରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଶେଷ ହୋଇଛି। ଉକ୍ତ ପଞ୍ଚାୟତ ସମିତି ବୈଠକରେ ଗଣମାଧମ ପ୍ରତିନିଧଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିଲା ବେଳେ ବିଜେଡି, ବିଜେପି ଓ ସ୍ୱାଧୀନ କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳକୁ ଅନୁମାନ କରି ନିଶ୍ଚିନ୍ତକୋଇଲି, ସାଲେପୁର, ମାହାଙ୍ଗା, ଭଦ୍ରେଶ୍ୱର ଥାନା ଓ କଟକରୁ ବ୍ୟାପକ ପୋଲିସ ମୁତୟନ ଥିବା ଦେଖିବାକୁ ମିଳିଥିଲା।

ବ୍ଲକ ବିଡ଼ିଓ ଦିବ୍ୟେନ୍ଦୁ କୁମାର ଦାସଙ୍କ ସଂଯୋଜନା ଓ ବ୍ଲକ ଅଧକ୍ଷା ରୋଜି ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମିତି ବୈଠକରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଉପାଧକ୍ଷ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ନିଶ୍ଚିନ୍ତକୋଇଲି କୃଷି ଅଧିକାରୀ ଅନୁପସ୍ଥିତ ଥିବାବେଳେ ଚାଷୀମାନଙ୍କୁ ଧାନ ଚାଷ ପୂର୍ବରୁ ଧଣ୍ଡିଚା ମଞ୍ଜି ଓ ଧାନ ମିଳି ନ ଥିବାରୁ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ବ୍ଲକକୁ ହଟିକଲଚର ଅଧିକାରୀ ଆସୁନ ଥିବା ବେଳେ ମଣ୍ଡଳ ଶିକ୍ଷା ଅଧିକାରିଣୀ ଅନୁପସ୍ଥିତ ଥିଲେ। ବିଭିନ୍ନ ଆଳ ଦେଖାଇ ବ୍ଲକ ଶିକ୍ଷା ଅଧିକାରିଣୀ ବହୁବାର କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବା ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ମାନେ ଅଭିଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବ୍ୟାପକ ଅନିୟମିତତା ହେଉଥିବା ବହୁ ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ଅଭିଯୋଗ କରିଥିଲେ। ଆମ ଓଡ଼ିଆ ନବୀନ ଓଡିଶାର କାର୍ଯ୍ୟର ବିଲ ମିଳୁ ନ ଥିବାରୁ ବିଜେଡି ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଗଣ୍ଡଗୋଳକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଛାଉଣୀ ହୋଇଥିବା ବେଳେ ଉକ୍ତ ବୈଠକରେ ବହୁ ଲୋକ ପ୍ରତିନିଧି ଓ ସରକାରୀ ପଦାଧିକାରୀ ଅନୁପସ୍ଥିତ ଦେଖିବାକୁ ମିଳିଥିଲା।

---

# ଓଳାଭର ବଜାରରେ ଲାଗିଲା 'ତାଗିଦ୍ ନୋଟିସ'

**ରାଜକନିକା,୧୧।୭ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓଳାଭର ବଜାରରେ କନିକା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗତ ବୁଧବାର ଦିନ ଜବରଦଖଲ ମୁକ୍ତ ପାଇଁ ଲାଗିଛି ତାଗିଦ୍ ନୋଟିସ। ଏହାକୁ କେତେକ ସ୍ୱାଗତ କରୁଥିବା ବେଳେ କେତେକ ଏହାକୁ ନେଇ ପ୍ରହସନ ବୋଲି କହୁଛନ୍ତି।

ସୂଚନା ଅନୁଯାୟୀ ଏହି ବଜାରକୁ ଦୀର୍ଘବର୍ଷ ଧରି ସରକାରୀ ଜମି ଜବରଦଖଲରେ ରଖିଛନ୍ତି ବହୁ ବ୍ୟବସାୟୀ। ଫଳରେ ବଜାରର କଳେବର ସଙ୍କୁଚିତ ହେବା ସହିତ ବିଶେଷ କରି ଯାତାୟାତରେ ଲୋକେ ହଇରାଣ ହରକତ ହେଉଛନ୍ତି। ଏମିତିକି ଏଭଳି ଟ୍ରାଫିକ ସମସ୍ୟା ଦେଖାଯାଉଛି ଯେ ଆପାତକାଳିନ ଅଗ୍ନିଶମ ଗାଡି ହେଉକି ଆମ୍ବୁଲାନ୍ସ ଘଣ୍ଟା ଘଣ୍ଟା ଧରି ଅଟକି ଯାଉଛି। ଏହାର ସମାଧାନ ପାଇଁ ଜବରଦଖଲ ମୁକ୍ତ ବଜାର ହେଉ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ, ବରିଷ୍ଠ ନାଗରିକ, ସଚେତନ ନାଗରିକ ଜିଲ୍ଲା ପ୍ରଶାସନ ପାଖେ ଗୁହାରି କରିଥିଲେ। ଏମିତିକି ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା ବି ଏନେଇ ଓଳାଭର ବଜାର ବୁଲି ଦେଖିବା ସହ ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ହେଲେ ଏହା ଭିତରେ କନିକା ତହସିଲ ପକ୍ଷରୁ ବହୁବାର ଜବରଦଖଲକାରୀଙ୍କୁ ଚେତାବନୀ ଦିଆଯାଇଛି। ହେଲେ ଏଯାବତ୍ ପଦକ୍ଷେପ ଶୂନ। କିନ୍ତୁ ଗତ ବୁଧବାର ଲାଗିଥିବା ତାଗିଦ୍ ନୋଟିସରେ ଆସନ୍ତା ୨୧/୭ ସୁଦ୍ଧା ବଳରାମପୁର ମୌଜାର ଖାତା ନମ୍ବର ୪୬୧ରେ ଜବରଦଖଲ କରିଥିବା ବ୍ୟକ୍ତିବିଶେଷ ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ରହିଛି। ଆଗରୁ ମଧ କନିକା ତହସିଲ ପକ୍ଷରୁ ୧୩/୬/୨୫ରେ ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ବି ଜବରଦଖଲକାରୀ ମାନି ନ ଥିଲେ। ହେଲେ ଏଭଳି ତାଗିଦ୍ ନୋଟିସ ପରେ ଏହାକୁ ଯଦି ଅମାନ୍ୟ କରାଯାଏ ତେବେ ୨୨/୭ରେ ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ଏଭଳି ତାଗିଦ୍ ନୋଟିସ ପରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ ଓ ବରିଷ୍ଠ ନାଗରିକ ସ୍ୱାଗତ କରିଥିବା ବେଳେ କିଛି ଲୋକ ଏହାକୁ ପ୍ରହସନ ବୋଲି ମତ ଦେଇଛନ୍ତି। ତେବେ କନିକାରେ ଯୋଗଦେଇଥିବା ନୂଆ ତହସିଲଦାରଙ୍କ ଏଭଳି ପଦକ୍ଷେପ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି।

---

**ଡେରାବିଶ ପୁଲିସକୁ ସ୍ପେସାଲ୍-୨୬' ଡକାୟତିଙ୍କ ଖୋଲା ଚାଲେଞ୍ଜ**

# ଭିଜିଲାନ୍ସ ଅଧିକାରୀ କହି ସର୍ବସ୍ୱ ଲୁଟିନେଲେ

**ଡେରାବିଶ,୧୧।୭ (ସଂଚାର ବ୍ୟୁରୋ):** ଡେରାବିଶ ବଲିଉଡ୍ ସିନେମା 'ସ୍ପେସାଲ-୨୬' ଶୈଳୀରେ ଗୁରୁବାର କିଛି ଦୁର୍ବୃତ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅଞ୍ଚଳରେ ଜଣେ ଡାକ୍ତରଙ୍କ ଘରୁ ଲୁଟ୍‌ପାଟ୍ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପାଖାପାଖି ୬ ଜଣ ଦୁର୍ବୃତ୍ତ ନିଜକୁ ଭିଜିଲାନ୍ସ ଅଧିକାରୀର ପରିଚୟ ଦେଇ ଦିନ ଦି'ପହରରେ ଏହି ଘଟଣା ଘଟାଇଛନ୍ତି। ଲୁଟ୍‌ର ଶିକାର ଡାକ୍ତର ଜଣଙ୍କ ହେଲେ, ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ଗାଁର ମହମ୍ମଦ ଜଲିଲ୍ ଅହମ୍ମଦ ଖାଁ। ଦୁର୍ବୃତ୍ତମାନେ ତାଙ୍କ ଘରୁ ୧୫୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର, ନଗଦ ଦୁଇଲକ୍ଷ ଟଙ୍କା ଓ ତିନୋଟି ମୋବାଇଲ ଲୁଟି ନେଇଛନ୍ତି। ଡେରାବିଶ ପୁଲିସ୍ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ପାଖାପାଖି ୨ଟାରେ ୩ଟି ବାଇକ୍‌ରେ ପାଖାପାଖି ୬ଜଣ ଲୋକ ଡାକ୍ତର ଖାଁଙ୍କ ଘର ପାଖରେ ପହଞ୍ଚିଥିଲେ। ଦୁଇଜଣ ଘର ବାହାରେ ରହିଥିବା ବେଳେ ଅନ୍ୟ ଚାରିଜଣ ଘର ଭିତରକୁ ପଶିଥିଲେ। ସେମାନେ ନିଜକୁ ଭିଜିଲାନ୍ସ ଅଧିକାରୀ ଓ ଭୁବନେଶ୍ୱରରୁ ଆସିଥିବା କହି ଚଢ଼ଉ କରିବାର ବାହାନା କରିଥିଲେ। ପରେ ସେମାନେ ଘରର ସମସ୍ତ ବ୍ୟକ୍ତିଙ୍କ ପାଖରୁ ସେମାନଙ୍କ ମୋବାଇଲ ନେଇଯିବା ସହ ସେମାନଙ୍କୁ ଅଟକ ରଖି ଘରେ ଲାଗିଥିବା ସମସ୍ତ ସିସିଟିଭି ସଂଯୋଗକୁ କାଟିଦେଇଥିଲେ। ପରେ ଆଲମିରା ଚାବି ଓ ଲକର ଚାବି ମାଗି ଗୋଟିଏ କୋଠରିରେ ସମସ୍ତଙ୍କୁ ବନ୍ଦ କରିଦେଇ ବାହାରୁ କବାଟ କିଳି ସମସ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ।

ଲିଙ୍ଗରାଜ ମନ୍ଦିରରେ ସେବାୟତ ଖସି ପଡ଼ିବା ଘଟଣା

# ଖୋର୍ଦ୍ଧା ଜିଲ୍ଲାପାଳ ଓ ଗୃହ ସଚିବଙ୍କୁ ନୋଟିସ୍

**ଭୁବନେଶ୍ୱର, ୧୧।୭ (ସଂଚାର ବ୍ୟୁରୋ) :** ମହାଶିବରାତ୍ରିରେ ପବିତ୍ର ମହାଦୀପ ଉଠାଇବାବେଳେ ଶ୍ରୀ ଲିଙ୍ଗରାଜ ମନ୍ଦିରର ଜଣେ ସେବାୟତ ଯୋଗେନ୍ଦ୍ର ସମର୍ଥା ପ୍ରାୟ ୨୦ଫୁଟ୍ ଉଚ୍ଚତାରୁ ଖସି ପଡ଼ି ଗୁରୁତର ଆହତ ହେବା ଘଟଣାକୁ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ଅତି ଗୁରୁତର ସହ ନେଇଛନ୍ତି । ଏହି ଘଟଣାରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ(ଏଟିଆର) ଦେବାକୁ ଖୋର୍ଦ୍ଧା ଜିଲ୍ଲାପାଳ ଓ ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଦୁଃଖଦ ଘଟଣା ୨୬ଫେବୃଆରୀ ୨୦୨୫ରାତି ୧୦:୩୦ ବେଳେ ଘଟିଥିଲା। ଯୋଗେନ୍ଦ୍ର ସମର୍ଥାଙ୍କ ମୁହଁରେ ଗୁରୁତର ଆହତ ଲାଗିଥିବାବେଳେ ତାଙ୍କର ଗୋଟିଏ ଗୋଡ ଭାଂଗିଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ଦୁଇ ଜଣ ସେବାୟତ ଓ ଜଣେ ପୋଲିସ କର୍ମଚାରୀ ମଧ୍ୟ ତେଲ ପଡି ଆହତ ହୋଇଥିଲେ। ସମସ୍ତଙ୍କୁ ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲକୁ ନେଇ ଚିକିତ୍ସା କରାଯାଇଥିଲା।

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଡଭୋକେଟ୍ ତଥା ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡ ଏହି ଘଟଣା ସମ୍ପର୍କରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ। ଆୟୋଗ ଖୋର୍ଦ୍ଧା ଜିଲ୍ଲାପାଳ ଓ ଓଡ଼ିଶା ସରକାରର ଗୃହ ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି । ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ (ଏଟିଆର୍) ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । କମିଶନ ଖୋର୍ଦ୍ଧା ଜିଲ୍ଲାପାଳ, ଗୃହ ବିଭାଗ ପ୍ରମୁଖ ସଚିବଙ୍କୁ କରିଥିବା ନୋଟିସକୁ ମୁଖ୍ୟ ଶାସନ ସଚିବ ଓ ପୋଲିସ ଡିଜିଙ୍କ ନିକଟକୁ ପଠାଇଛନ୍ତି।

ଏହି ମାମଲା ଭୁବନେଶ୍ୱରରେ ଜୁଲାଇ ୨୧ରେ ହେବାକୁ ଥିବା ଏନ୍‌ଏଚ୍‌ଆର୍‌ସିଙ୍କ କ୍ୟାମ୍ପ କୋର୍ଟରେ ଶୁଣାଣି ହେବ। ଏଥିପାଇଁ ଘଟଣାରେ ସଂପୃକ୍ତ ସମସ୍ତ ପକ୍ଷ ଯଥା ଅଭିଯୋଗକାରୀ, ଆହତ ବ୍ୟକ୍ତି ଓ ତାଙ୍କ ପ୍ରତିନିଧି ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ବିଭାଗର ପ୍ରମୁଖ ସଚିବଙ୍କୁ ଏହି କ୍ୟାମ୍ପ ସିଟିଂର ନୋଡାଲ୍ ଅଫିସର୍ ଭାବେ ନିଯୁକ୍ତ ଦିଆଯାଇଛି । ସମସ୍ତ ପକ୍ଷ ଯେପରି ଉପସ୍ଥିତ ରୁହନ୍ତି, ସେ ଏହା ସୁନିଶ୍ଚିତ କରିବା ଲାଗି କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ସରକାରଙ୍କ ଦ୍ୱାରା ପରିଚାଳିତ ଉଚ୍ଚ ମନ୍ଦିର ଗୁଡ଼ିକରେ ବିଭିନ୍ନ ଧାର୍ମିକ ନୀତି ପାଇ ଚଢୁଥିବା ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ୍ ଓ ସେମାନଙ୍କୁ ନିରାପତ୍ତା ଉପକରଣ ଯୋଗାଇଦେବାର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ବୋଲି ଆବେଦନକାରୀ ଅଖଣ୍ଡ କମିଶନଙ୍କ ନିକଟରେ ଯୁକ୍ତି କରିଛନ୍ତି । ସରକାର ଏହି ଦାୟିତ୍ୱକୁ ଅଣଦେଖା କରିପାରିବେ ନାହିଁ। ମହାଦୀପ ଚଢ଼ାଯିବା ପରି କାର୍ଯ୍ୟରେ ସେମାନଙ୍କ ପାଖରେ କୌଣସି ସୁରକ୍ଷା ଉପକରଣ ନ ରହିବା ସେମାନଙ୍କୁ ବିପଦ ମୁହଁକୁ ଠେଲି ଦେଉଛି । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀ ଲିଙ୍ଗରାଜ ମନ୍ଦିର ଭଳି ରାଜ୍ୟରେ ଥିବା ସୁଉଚ୍ଚ ମନ୍ଦିର ଗୁଡିକରେ ଏହି ନିରାପତ୍ତା ଗାଇଡଲାଇନ କରିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ଶ୍ରୀ ଲିଙ୍ଗରାଜ ମନ୍ଦିର ଘଟଣା ଉପରେ ନିରପେକ୍ଷ ତଦନ୍ତ, ଆହତ ସେବାୟତଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ ରାଜ୍ୟର ସମସ୍ତ ମନ୍ଦିରରେ ସେବାୟତଙ୍କ ପାଇଁ ସୁରକ୍ଷା ପ୍ରଟୋକଲ୍ ଅନିବାର୍ଯ୍ୟ କରିବାକୁ ସେ ନିବେଦନ କରିଛନ୍ତି । ମାମଲାର ପରବର୍ତ୍ତି ଶୁଣାଣି ଆସନ୍ତା ୨୧ରେ ଭୁବନେଶ୍ୱରରେ ସ୍ୱତନ୍ତ୍ର କ୍ୟାମ୍ପ ସିଟିଂରେ କରାଯିବ ।




ଶୁକ୍ରବାର ନୂଆଦିଲ୍ଲୀର ଲୋଦି ରୋଡ୍‌ସ୍ଥିତ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବାସଭବନରେ ନିକଟରେ ପରଲୋକ ଗମନ କରିଥିବା ତାଙ୍କ ପିତା ଦୌଲାଲ୍ ବୈଷ୍ଣବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ବିଦ୍ୟୁତ ସଂସ୍ପର୍ଶରେ ଆସି ୨ ଚାଷୀ ମୃତ

**ଭବାନୀପାଟଣା, ୧୧।୭ (ସଂଚାର ବ୍ୟୁରୋ) :** କହି କି ଯାଇଥିଲେ ଘରକୁ ଫେରିବେ, ହେଲେ ଘରକୁ ଫେରିଲା ମରଶରୀର । ସତେ ଯେମିତି ଚାଷଜମିରେ ଚାହିଁ ରହିଥିଲା ମୃତ୍ୟୁ । କାନ୍ଦ ବୋବାଳିରେ ଫାଟିପଡୁଛି ଘର । ଜଣେ ନୁହେଁ ଦୁଇ ଦୁଇଟି ଭେଣ୍ଡିଆ ପୁଅକୁ ହରାଇ ବାଡେଇ ଛାଟି ହେଉଛନ୍ତି ପରିବାର ଲୋକେ । ଏଭଳି ହୃଦୟ ବିଦାରକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ ପୋଡ଼ାଗୁଡା ଗାଁରେ । ଚାଷଜମିରେ ପାଣି ମଡାଇବାକୁ ଯାଇ ମୃତ୍ୟୁକୁ ଡାକି ଆଣିଛନ୍ତି ଏହି ଦୁଇଜଣ ଚାଷୀ । ମୃତକ ଦୁଇ ଚାଷୀ ହେଲେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ ପୋଡ଼ାଗୁଡା ଗାଁର ଧନୁର୍ଯ୍ୟ ମଶ୍ରା ଓ କଛାର ପଡା ଗ୍ରାମର ଅନିରୁଦ୍ଧ ନାଏକ । ସେମାନେ ସମ୍ପର୍କରେ ଶଳା ଓ ଭେଣେଇ ବୋଲି ଜଣା ପଡିଥିବା ବେଳେ ଏକାବେଳକେ ଦୁଇଜଣ ଭେଣ୍ଡିଆ ପୁଅକୁ ହରାଇ ଦୁଃଖରେ ଭାଙ୍ଗିପଡିଛନ୍ତି ପରିବାର ଲୋକେ ।

# ଅଗଷ୍ଟ ୧୦ରୁ କଳିଙ୍ଗରେ ୱାର୍ଲ୍ଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍

**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆସନ୍ତା ଅଗଷ୍ଟ ୧୦ରୁ ୱାର୍ଲ୍ଡ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭେଲ) ଆରମ୍ଭ ହେବ। ଏନେଇ ଆଜି କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ବିଶ୍ୱସ୍ତରୀୟ ଆଥଲେଟିକ୍ ପ୍ରତିଯୋଗିତାର ଆୟୋଜନ କରାଯିବ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଥିବା ବେଳେ ଏଥିରେ ୧୦ରୁ ଊର୍ଦ୍ଧ୍ୱ ଦେଶର ପ୍ରାୟ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରେ ଭାରତ ବ୍ୟତୀତ ତୁର୍କମେନିସ୍ତାନ, ଭୁଟାନ୍, ଫିଲିପାଇନ୍ସ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ୍, ଭିଏତ୍‌ନାମ, ରିପବ୍ଲିକ ଅଫ୍ କାମେରୁନ୍, ଶ୍ରୀଲଙ୍କା, ଇରାନ୍ ଓ ମାଳଦ୍ୱୀପ ଆଦି ଦେଶର ପ୍ରତିଯୋଗିତା ଭାଗନେବେ। ସେହିପରି ପ୍ରତିଯୋଗୀମାନେ ୨୦ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ।

ଏପରି ପ୍ରତିଯୋଗିତାର ଆୟୋଜନ ସୁଯୋଗ ପାଇଥିବାରୁ ଏହା ଓଡ଼ିଶା ପାଇଁ

- ❖ ଯୋଗଦେବେ ୧୦ରୁ ଊର୍ଦ୍ଧ୍ୱ ଦେଶର ପ୍ରାୟ ୧୫୦ ପ୍ରତିଯୋଗୀ
- ❖ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ: କ୍ରୀଡ଼ାମନ୍ତ୍ରୀ

ଗର୍ବ ଓ ଗୌରବର ବିଷୟ। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିଙ୍କର ସୁରକ୍ଷିତ ରହଣି, ଆତିଥ୍ୟଠାରୁ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି। ଏଥିସହ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ସୃଷ୍ଟି କରିପାରିଛି। ରାଜ୍ୟର କ୍ରୀଡ଼ାବିତ୍‌ମାନେ ମଧ୍ୟ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ୱାର୍ଲ୍ଡ ଆଥଲେଟିକ କଣ୍ଟିନେଣ୍ଟାଲ ଟୁର୍ ପ୍ରତିଯୋଗିତାରେ ମଧ୍ୟ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶା ବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ଉକ୍ତ ପ୍ରତିଯୋଗିତାକୁ ସଫଳତା ପୂର୍ବକ ଆୟୋଜନ କରିବା ନେଇ ଆଥଲେଟିକ୍ସ ଫେଡେରେସନ୍ ଅଫ ଇଣ୍ଡିଆର ମହାସଚିବ ସନ୍ଦୀପ ମେହେଟା ଆଶାବାଦୀ ଅଛନ୍ତି।

ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଶ୍ରୀ ଦୀପଙ୍କର ମହାପାତ୍ର, ଆଥଲେଟିକ୍ସ ଫେଡ଼େରେସନ୍ ଅଫ ଇଣ୍ଡିଆର ଟ୍ରେଜେରର ଶ୍ରୀ ବି.ଇ ସ୍ଟେନଲି ଜୋନ୍ସ ପ୍ରମୁଖ ଉପସ୍ଥିତ ଥିଲେ।




● ଆଇନଜୀବୀଙ୍କୁ ଦୁର୍ବ୍ୟବହାର ମାମଲା

# ଖେମୁଣ୍ଡି ଓକିଲ ସଂଘର ବିକ୍ଷୋଭ

**ଦିଗପହଣ୍ଡି,୧୧।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଓକିଲ ସଂଘର ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ଦାସଙ୍କୁ ଜଣେ ପ୍ରୋବେସନ ଆଇଏଏସ ଅଫିସରଙ୍କ ଧମକପୂର୍ଣ୍ଣ ଦୁର୍ବ୍ୟବହାର ଏବଂ ସହଦେବଖୁଣ୍ଟା ପୁଲିସ ଥାନାର ଆଇଆଇସିଙ୍କ ବେଆଇନ ତଥା ଔଦ୍ଧତ୍ୟପୂର୍ଣ୍ଣ କାର୍ଯ୍ୟକଳାପ ପ୍ରତିବାଦରେ ଗଞ୍ଜାମ ଜିଲ୍ଲା ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏଥିରେ ସଂଘର ସଭାପତି ହୃଦୟ ମେକାପଙ୍କ ସମେତ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ସାହୁ, ଚନ୍ଦ୍ରଧ୍ୱଜ ସିଂହ, ହରପ୍ରସାଦ ରଥ, ନକୁଳ ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ନାୟକ, ହେମନ୍ତ କୁମାର ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ, ରାଜେନ୍ଦ୍ର କୁମାର ତ୍ରିପାଠୀ, ଟୁକୁନା ପ୍ରଧାନ, ରବିଚନ୍ଦ୍ର ଗୌଡ, ପ୍ରମୋଦ କୁମାର ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ସାମିଲ ହୋଇଥିଲେ।

# ସ୍ନାତକ ଓ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କର ଶ୍ରେଣୀଗୃହ ପାଠପଢ଼ା ଗତକାଲିଠାରୁ ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ସମୟ ସାରଣୀ ଅନୁଯାୟୀ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ନାମଲେଖା ପ୍ରକ୍ରିୟାର ଫେଜ୍-୧ ତୃତୀୟ ପର୍ଯ୍ୟାୟ ଶେଷହେବା ପର୍ଯ୍ୟନ୍ତ, ୧ ଲକ୍ଷ ୬୦ ହଜାର ୨୫୫ ଜଣ ଛାତ୍ରଛାତ୍ରୀ ସ୍ନାତକ ଶ୍ରେଣୀରେ ନାମ ଲେଖାଇଥିବା ବେଳେ ୧୮ ହଜାର ୪୨୮ ଜଣ ଛାତ୍ରଛାତ୍ରୀ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଛନ୍ତି। ସ୍ନାତକ ଶ୍ରେଣୀ ପାଇଁ ଫେଜ୍-୧ ସ୍ପଟ ଆଡମିଶନ ପ୍ରକ୍ରିୟା (ସ୍ପଟ ନାମଲେଖା ପ୍ରକ୍ରିୟା) ଆସନ୍ତା ୧୬ ତାରିଖରେ ସମାପ୍ତ ହେବ। ସେହିପରି ଭାବେ ସ୍ନାତକୋତ୍ତର ପାଠ୍ୟକ୍ରମର ଶେଷ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆସନ୍ତା ୨୫ ତାରିଖରେ ସମାପ୍ତ ହେବ। ପ୍ରକାଶଯୋଗ୍ୟ ଯେ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ପାଠ୍ୟକ୍ରମକୁ ସଠିକ ସମୟରେ ଆରମ୍ଭ କରିବା ପାଇଁ ଶିକ୍ଷାବର୍ଷ-୨୦୨୫-୨୬ରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ଫଳରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ସଠିକ ସମୟରେ ପାଠପଢ଼ା ଆରମ୍ଭ ହେବା ସହିତ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହେବେ।

# ରାହୁଲ- ସୋଫିଆ ଆଲୋଚନାକୁ ନେଇ ଚର୍ଚ୍ଚା



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଆଜି ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗ ଦେଇଥିଲେ। ଏହି ସମାବେଶରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋସଙ୍କ ସହ ରାହୁଲଙ୍କ ଆଲୋଚନାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା କ୍ରମଶଃ ବଢ଼ିବାରେ ଲାଗିଛି।

ସୋଫିଆ କଂଗ୍ରେସର ଜଣେ ଯୁବନେତ୍ରୀ ଭାବେ ବେଶ୍ ପରିଚିତ ଥିବା ବେଳେ ଏହି ସମାବେଶରେ ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ରାହୁଲ ଗାନ୍ଧୀଙ୍କ ଆଗମନ ଦଳୀୟ କର୍ମୀଙ୍କ ମନୋବଳକୁ ଅଧିକ ସୁଦୃଢ଼ କରିଛି। ଆଜି ଭୁବନେଶ୍ୱର ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଏକ ଉତ୍ସାହଜନକ ପରିବେଶ ଦେଖାଦେଇଛି। ବିଜେପି ସରକାର ଗତ ବର୍ଷେ ମଧ୍ୟରେ ନାରୀକୁ ସମ୍ମାନ ଓ ଅସ୍ମିତାକୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ବିକାଶ ନାଁରେ ବିଜେପି କେବଳ ଧୋକା ଦେଇଛି ଓ ବଳାତ୍କାର ଭଳି ଘଟଣା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଛି ବୋଲି ସୋଫିଆ ଅଭିଯୋଗ କରିଥିଲେ।

ରତ୍ନ ଭଣ୍ଡାର ଗଣତି ମଣତି ପ୍ରସଙ୍ଗ

# ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର: ବିଜେଡି



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ରତ୍ନ ଭଣ୍ଡାର ଗଣତିମଣତିକୁ ନେଇ ଗତ ବର୍ଷେ ହେଲା ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଆଜି ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଗତ ଏକ ବର୍ଷ ହେଲା ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବା ବେଳେ ଆଜି ଆଇନ ମନ୍ତ୍ରୀ ଆହୁରି ତିନି ମାସ ସମୟ ଲାଗିବ ବୋଲି କହିବା ଦୁର୍ଭାଗ୍ୟଜନକ। ଗଣତିମଣତି ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ାଯାଇଛି ବୋଲି ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ପୂର୍ବରୁ ଗଣତିମଣତି ସମୟରେ କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆଯାଇଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ଗଣତିମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ନାହିଁ। ତେଣୁ କେଉଁ କାରଣ ପାଇଁ ରିଜର୍ଭ ବ୍ୟାଙ୍କ ନାଁରେ ଗଣତିମଣତିକୁ ବିଳମ୍ବିତ କରାଯାଉଛି, ତାହା ରାଜ୍ୟ ସରକାର ସ୍ପଷ୍ଟ କରିବା ଉଚିତ ବୋଲି ଡ. ମହାନ୍ତି କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ରତ୍ନଭଣ୍ଡାରର ଗଣତିମଣତି ପରିବର୍ତ୍ତେ ଗତ ବର୍ଷେ ଧରି ଠାକୁରଙ୍କ ବହୁ ମୂଲ୍ୟ ଅଳଙ୍କାର ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ଅଳିଆ ଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ପଞ୍ଚମ ଦ୍ୱାର ଦେଇ କିଛି ଲୋକ ପ୍ରବେଶ କରୁଥିବା ଦୃଶ୍ୟ ରାଜ୍ୟବାସୀଙ୍କୁ ବିଚଳିତ କରିବା ସହ ରତ୍ନଭଣ୍ଡାର ବାହାରେ ଥିବା ରତ୍ନ ସୁରକ୍ଷିତ କି ନାହିଁ, ସେନେଇ ଜଗନ୍ନାଥପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। ତେଣୁ ରାଜ୍ୟ ସରକାର ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଆଉ ଅଧିକ ରାଜନୀତି ନ କରି ଜନସାଧାରଣଙ୍କ ମନରୁ ତୁରନ୍ତ ସନ୍ଦେହ ଦୂର କରନ୍ତୁ ବୋଲି ଡ. ମହାନ୍ତି କହିଛନ୍ତି।

# ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ପରିଚାଳନା ପରିଷଦ ବୈଠକ



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଏଥିରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଅଧ୍ୟକ୍ଷତା କରି କହିଛନ୍ତି ଯେ ବ୍ୟାଘ୍ର

■ ଗ୍ରାମୀଣ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା

ସଂରକ୍ଷଣରେ ପରିବେଶଗତ, ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ବିକାଶକୁ ସହଜ କରିବା, ସ୍ଥାନୀୟ ହିତାଧିକାରୀ ସମ୍ପ୍ରଦାୟଙ୍କ ସମ୍ପୃକ୍ତି ସହ ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଓ ବ୍ୟାଘ୍ର ସଂରକ୍ଷଣରେ ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେବାରେ ସହାୟତା କରିବା ଆଦି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ପ୍ରମୁଖ ଲକ୍ଷ୍ୟ ଓ ଆଭିମୁଖ୍ୟ । ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଫାଉଣ୍ଡେସନ ନିରନ୍ତର ଉଦ୍ୟମ କରି ଆସିଛି । ୨୦୨୫ ୨୬ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟାନ୍ୱୟନ ଯୋଜନା ୧୦ କୋଟି ୪୮ ଲକ୍ଷ ଟଙ୍କା ପ୍ରସ୍ତୁତ ଓ ଅନୁମୋଦିତ ହୋଇଛି। ଏହାର ସଦୁପଯୋଗ କରି ଶିମିଳିପାଳ ଅଞ୍ଚଳର ଗ୍ରାମୀଣ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଦେବାକୁ ଓ ଗ୍ରାମୀଣ ଯୁବକମାନଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଆଦି ଦକ୍ଷତା ପ୍ରଦାନ କରିବାକୁ ଜଙ୍ଗଲ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ମତ ଦେଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫାଉଣ୍ଡେସନର ଉପାଧ୍ୟକ୍ଷ ତଥା ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି ଯେ ଜଙ୍ଗଲ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଦକ୍ଷତା ବିକାଶ ଏବଂ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ, ପ୍ରକୃତି ଶିକ୍ଷା, ସଂରକ୍ଷଣ, ସଚେତନତା ସୃଷ୍ଟି ଏବଂ ପ୍ରଚାର, ଗବେଷଣା ଏବଂ ତଦାରଖ, ବନ କର୍ମଚାରୀ ଏବଂ ସ୍କ୍ୱାଡ୍ କଲ୍ୟାଣ ଏବଂ ତାଲିମ, ସିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ପରିବେଶ ପର୍ଯ୍ୟଟନ ସଫାରୀ ପରିଚାଳନା ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବନ୍ୟ ସମ୍ପ୍ରଦାୟ କଲ୍ୟାଣ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହେବ। ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ସମ୍ପୃକ୍ତ କରିବା, ୪ କୋଟି ୨୦ ଲକ୍ଷ ଟଙ୍କା ବିନିଯୋଗରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଜୋରଦାର କରିବା, ଶିମିଳିପାଳ ଅଭୟାରଣ୍ୟରେ ରହୁଥିବା ସମସ୍ତ ଗ୍ରାମୀଣ ଯୁବକଙ୍କୁ ଡ୍ରାଇଭିଂ, ବୈଦ୍ୟୁତିକ ଓ ଯାନ୍ତ୍ରିକ କାର୍ଯ୍ୟ, ସିଲାଇ ଇତ୍ୟାଦି ଦକ୍ଷତା ପ୍ରଦାନ କରିବା ନିମନ୍ତେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ଆହ୍ୱାନ ଦେଇଛନ୍ତି।

ବୈଠକରେ ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ ଦେବେନ୍ କୁମାର ପ୍ରଧାନ, ମୁଖ୍ୟ ବନ ସଂରକ୍ଷକ ମନୋଜ ଭି. ନାୟାର, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ ସଂରକ୍ଷକ, ଶିମିଳିପାଳ (ଉତ୍ତର) ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ, ଶିମିଳିପାଳ (ଦକ୍ଷିଣ) ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ, ଓୟୁଏଟି ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟର ସର୍ଜରୀ ବିଭାଗର ପୂର୍ବତନ ମୁଖ୍ୟ ଡ. ଇନ୍ଦ୍ରମଣି ନାଥ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦାର ପ୍ରାଣୀ ବିଜ୍ଞାନ ପ୍ରଫେସର ଡ. ହେମନ୍ତ କୁମାର ସାହୁ ଓ ପରିଚାଳନା କମିଟିର ଅନ୍ୟ ସଦସ୍ୟମାନେ ଯୋଗଦେଇ ସୁଚିନ୍ତିତ ପରାମର୍ଶ ଦେଇଛନ୍ତି।

# ଜଳ ଜୀବନ ମିଶନ, ପାଣ୍ଠି ଅଭାବ



**ଭୁବନେଶ୍ୱର,୧୧।୭:** ଜଳ ଜୀବନ ମିଶନରେ ଅର୍ଥାଭାବ ଯୋଗୁ ପାଇପ୍ ଯୋଗେ ଜଳ ଯୋଗାଣ କାର୍ଯ୍ୟକ୍ରମ ମନ୍ଥର ଗତିରେ ଚାଲୁଛି। କେବଳ ଓଡ଼ିଶା ନୁହେଁ, ଦେଶର ପ୍ରାୟ ସମସ୍ତ ରାଜ୍ୟରେ ଏହି ସମସ୍ୟା ଲାଗି ରହିଛି। ଫଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହୋଇନପାରେ। ୨୦୨୫-୨୬ ବର୍ଷ ପାଇଁ ରାଜ୍ୟ ସରକାର ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଲାଗି ୮୬୦୦ କୋଟି ଟଙ୍କାର ଯୋଜନା ରଖିଛନ୍ତି। ଏଥିମଧ୍ୟରୁ ପ୍ରାୟ ୧୬୦୦ କୋଟି ଟଙ୍କା ରାଜ୍ୟର ବସୁଧା ଯୋଜନାର ଅନ୍ତର୍ଭୁକ୍ତ ଥିବା ବେଳେ ଆଉ ପ୍ରାୟ ୭ ହଜାର କୋଟି ଟଙ୍କା କେନ୍ଦ୍ରୀୟ ପ୍ରବର୍ତ୍ତିତ ଜଳ ଜୀବନ ମିଶନ ମାଧ୍ୟମରେ ଆସିବା କଥା। ଏହାବାଦ୍ ଗ୍ରାମୀଣ କ୍ଷେତ୍ରରେ ପରିମଳ ବ୍ୟବସ୍ଥା ପାଇଁ ବି କେନ୍ଦ୍ର ସରକାରଙ୍କଠାରୁ ଆଉ ୬୦୦ କୋଟି ଟଙ୍କା ଓଡ଼ିଶା ପାଇବା କଥା।

ଜଳଜୀବନ ମିଶନରୁ ବିଭିନ୍ନ ରାଜ୍ୟକୁ ଅର୍ଥ ପ୍ରଦାନ କ୍ଷେତ୍ରରେ ମନ୍ଥରତା ଦେଖାଦେଇଥିବାରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ପାଇପ୍ ଜଳ ଯୋଗାଣ କାର୍ଯ୍ୟକ୍ରମ ଧିମେଇ ଯାଉଛି । କେନ୍ଦ୍ରୀୟ ସହାୟତାକୁ ଆଖିଆଗରେ ରଖି ରାଜ୍ୟ ସରକାର ବଜେଟ୍ ବ୍ୟବସ୍ଥା କରିଥିବାବେଳେ ପ୍ରଥମ ୪ମାସରେ ଯେତେ ପରିମାଣର ଅର୍ଥ କେନ୍ଦ୍ରରୁ ପାଇବେ ବୋଲି ଆଶା ରଖିଥିଲେ ଏଯାବତ୍ ତାହା ମିଳିପାରୁନଥିବାରୁ ଲୋକଙ୍କୁ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଧିମେଇ ଯାଉଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ବାରମ୍ବାର ସମୀକ୍ଷା କରି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ କାମ କିଭଳି ଆଗେଇବ, ସେଥିଲାଗି ତାଗିଦା କରୁଛନ୍ତି। ନିକଟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଗ୍ରାମୀଣ ଜଳଯୋଗାଣ ଓ ପରିମଳ କାର୍ଯ୍ୟକ୍ରମର ଦ୍ରୁତ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ଯେଉଁ ପ୍ରକଳ୍ପଗୁଡ଼ିକ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି, ସେଗୁଡ଼ିକୁ କିଭଳି ବିଭିନ୍ନ ବିଭାଗର ଅନୁମୋଦନ ସହ ବିଦ୍ୟୁତ ସଂଯୋଗ ଦିଆଯାଇପାରେ, ତା' ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜଳ ଜୀବନ ମିଶନରେ ଓଡ଼ିଶା ଯେତିକି ଅର୍ଥ ପାଇବା କଥା, ତାହା ଶୀଘ୍ର ମିଳିଗଲେ ବର୍ଷାଦିନେ ଏହି କାର୍ଯ୍ୟ ଢେର ଆଗେଇପାରିବ ବୋଲି ବିଭାଗୀୟ ଅଧିକାରୀମାନେ ଆଶା ରଖିଛନ୍ତି। ରାଜ୍ୟ ସରକାର ମଧ୍ୟ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟରେ ଝାଡ଼ାବାନ୍ତି ରୋଗ ବ୍ୟାପିବାର ପ୍ରମୁଖ କାରଣ ଦୂଷିତ ପାନୀୟ ଜଳ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଝାଡ଼ାବାନ୍ତି ବ୍ୟାପୁଥିବ ଅଞ୍ଚଳଗୁଡ଼ିକୁ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସହ ଗାଁଗଣ୍ଡାରେ କୂଅ, ନଳକୂପ ଆଦିର ଦଳ ବିଶୋଧନ ଏବଂ ଘରେ ଘରେ ଲୋକେ ଯେଭଳି ଫୁଟାପାଣି ସହିତ ସରକାରଙ୍କ ପକ୍ଷରୁ ଜଳ ବିଶୋଧନ ପାଇଁ ବଣ୍ଟାଯାଉଥିବା ବଟିକାର ବ୍ୟବହାର କରିବେ ଏବଂ ନଳକୂପଗୁଡ଼ିକ ପାଇଖାନା ପାଣି ଯୋଗୁ ଯେଭଳି ପ୍ରଦୂଷିତ ନହେବ, ତା' ଉପରେ ଗୁରୁତ୍ୱ ଦିଆଯାଉଛି। (ତଥ୍ୟ)

● ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ଘଟଣା

# ୮ ଆନ୍ଦୋଳନରତ ଡ୍ରାଇଭର୍ ଗିରଫ

**ବଲାଙ୍ଗୀର,୧୧।୭(ସଂଚାର ବ୍ୟୁରୋ):** ସମ୍ପ୍ରତି ଓଡ଼ିଶା ଡ୍ରାଇଭର ସଂଘ ପକ୍ଷରୁ ଗତ ୪ ଦିନ ହେଲା ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଚାଲିଥିବା ବେଳେ ଟ୍ରକ୍ ଚଳାଇବାରୁ ଜନୈକ ଡ୍ରାଇଭରଙ୍କୁ ମାଡ଼ ମାରିବା ଘଟଣାରେ ୮ ଜଣଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ଭଇଁଷାପାଲି ଟୋଲ୍ ଗେଟ୍‌ଠାରେ ଉକ୍ତ ଡ୍ରାଇଭରଙ୍କୁ ଆନ୍ଦୋଳନରତ ଡ୍ରାଇଭରଙ୍କ ମଧ୍ୟରୁ କେତେଜଣ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏନେଇ ପୁଇଁତଳା ଥାନାରେ ଗତକାଲି ଅଭିଯୋଗ ହୋଇଥିଲା। ବଲାଙ୍ଗୀର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ ଭାଲେର ଗାଁର ମନୋଜ ବଗର୍ତ୍ତି (୨୭) ସୋନପୁର ଜିଲ୍ଲାର ଶରଧାପାଲି ଇଥାନଲ ପ୍ଲାଣ୍ଟରୁ ଏକ ଟ୍ରକ୍ ଚଲାଇ ବଲାଙ୍ଗୀର ଅଭିମୁଖେ ଆସୁଥିବା ବେଳେ ତାଙ୍କୁ ଆକ୍ରମଣ ହୋଇଥିଲା। ଏହି ମାମଲାରେ ପୁଲିସ ଶୁକ୍ରବାର ମାଡ଼ ମାରିଥିବା ୮ ଜଣ ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ପୁଇଁତଲା ଥାନାଧିକାରୀ ଅନୀତା ପ୍ରଧାନ ସୂଚନା ଦେଇଛନ୍ତି।

OFFICE OF THE PANCHAYAT SAMITI, JATNI, DIST-KHORDHA

"e" Procurement Notice

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

1. Tender Reference No. : 25/ PSJ/2025-26
2. Name of the Work : Civil Construction works as mentioned in DTCN
3. No. of works : 4 Nos.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : 11/07/2025 at 11.00 PM
8. Last date & time for receipt of bids in the portal : 25/07/2025 at 5.00 PM
9. Bids received on time shall be opened on : 28/07/2025 at 11 AM
10. Name and address of the Officer inviting Bid : O/o- Block Development Officer, Jatni

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.

Block Development Officer, Jatni

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ଶନିବାର ୧୨ ଜୁଲାଇ ୨୦୨୫, ଭୁବନେଶ୍ୱର
Saturday 12 July 2025, Bhubaneswar

# ପଡ଼ୋଶୀଙ୍କ ସହ ତିକ୍ତତା

ଭାରତର ଦୁଇ ମୁଖ୍ୟ ପଡ଼ୋଶୀ ଦେଶ ପାକିସ୍ତାନ ଓ ବାଂଲାଦେଶ ସହ ଏବେ ସମ୍ପର୍କ ଅତି ତିକ୍ତ ହୋଇଛି। ପହଲଗାମ ଆତଙ୍କୀ ହମଲା ପରେ ପାକିସ୍ତାନ ସହ ଏକରକମ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ବିଶ୍ୱ ଏଥିଲାଗି ଚିନ୍ତିତ। ଦକ୍ଷିଣ ଏସିଆ ଏହି ଦୁଇ ପ୍ରମୁଖ ସାମରିକ ଶକ୍ତି ମଧ୍ୟରେ ତିକ୍ତା ବେଶ ପୁରୁଣା। ଉଭୟ ପକ୍ଷ ମଧ୍ୟାର ଗତ ୭୮ ବର୍ଷ ଭିତରେ ୫ଇର ଯୁଦ୍ଧ ହେଲାଣି। ପ୍ରତିଥର ଭାରତ ବିଜୟୀ ହୋଇଛି। କିନ୍ତୁ ତଥାପି ପାକିସ୍ତାନର ସଦବୁଦ୍ଧି ଉଦୟ ହୋଇନି। ସମ୍ମୁଖ ଯୁଦ୍ଧରେ ବାରମ୍ବାର ପରାଜିତ ହେବା ପରେ ପାକିସ୍ତାନ ଏବେ ଭାରତ ସହ ଆତଙ୍କବାଦ ମାଧ୍ୟମରେ ଛାୟା ଯୁଦ୍ଧ ଚଳାଇଛି। ଏହାର ଅନ୍ତ ହେବା ଜରୁରୀ। ଏଥିପାଇଁ ସମ୍ମୁଖ ଯୁଦ୍ଧ ଅବଶ୍ୟମ୍ଭାବୀ ଭଳି ଲାଗୁଛି। ଯୁଦ୍ଧ ହେଲେ ଉଭୟ ପକ୍ଷ କ୍ଷତିଗ୍ରସ୍ତ ହେବେ। କିନ୍ତୁ ଏହା ସତ୍ତ୍ୱେ ପାକିସ୍ତାନକୁ ସବକ ଶିଖାଇବା ନିହାତି ଜରୁରୀ। ଏଥିଲାଗି ସବୁଦିନ ତିଳତିଳ ହୋଇ ମରିବା ଅପେକ୍ଷା ଥରେ ଫଇସଲା ହୋଇଯିବା ଜରୁରୀ। ଭାରତର ସମରସଜ୍ଜା ଦେଖୀ ପାକିସ୍ତାନ ଏବେ ଛାନିଆ। ଦେଶର ଅନେକ ନେତା ଓ ସେନାଧିକାରୀ ଭୟରେ ଦେଶ ଛାଡ଼ି ପଳାଇଲେଣି। ପାକ ସେନାରେ ବିଦ୍ରୋହ ସୃଷ୍ଟି ହୋଇଛି। ପ୍ରାୟ ୨୫୦ ଅଧିକାରୀ ଏବଂ ୬୦୦୦ ଯବାନ ଇସ୍ତଫା ଦେଇ ଚାଲିଗଲେଣି। ଏବେ ପାକିସ୍ତାନ ଅନୁଶୋଚନା କରୁଥିବ କାହିଁକି ପହଲଗାମରେ ଆତଙ୍କୀ ହମଲା ହେଲା। ପାକିସ୍ତାନ ଭଳି ବାଂଲାଦେଶ ସହ ଭାରତର ଯୁଦ୍ଧ ପରିସ୍ଥିତି ସୃଷ୍ଟି ନହୋଇଥିଲେ ମଧ ସମ୍ପର୍କ ଅତି ମାତ୍ରାରେ ତିକ୍ତ ହୋଇଛି। ବାଂଲାଦେଶରେ ଶେଖ ହାସିନା କ୍ଷମତାଚ୍ୟୁତ ହୋବା ଏବଂ ସେଠାରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ନୂତନ ମଧ୍ୟବର୍ତ୍ତୀକାଳିନ ସରକାର ଗଠିତ ହେବା ପରେ ଭାରତ-ବାଂଲାଦେଶ ସମ୍ପର୍କରେ ତିକ୍ତତା ଆସିଛି। ଭାରତ ଏ କ୍ଷେତ୍ରରେ ଯଥେଷ୍ଟ ସଂଯମତା ଅବଲମ୍ବନ କଲେ ମଧ ଦିନକୁ ଦିନ ତିକ୍ତତା ବଢ଼ିବାରେ ଲାଗିଛି। ଏହାର କୋ୍ୈଣସି ସନ୍ତୋଷଜନକ କାରଣ ନାହିଁ। ବିତାଡ଼ିତ ପ୍ରଧାନମନ୍ତ୍ରୀ ହାସିନା ଏବେ ଭାରତରେ ରାଜନୈତିକ ଆଶ୍ରୟ ନେଇଛନ୍ତି। ଭାରତ ତାଙ୍କୁ ନିମନ୍ତ୍ରଣ କରିନଥିଲା। ବାଂଲାଦେଶ ସେନା ତାଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲା ଏବଂ ସେ ପଡ଼ୋଶୀ ଭାରତରେ ଆଶ୍ରୟ ନେବା ବ୍ୟତିତ ଅନ୍ୟ ପନ୍ଥା ନଥିଲା। ସେ ତତ୍କାଳ ସୁରକ୍ଷା ନିମନ୍ତେ ଭାରତ ଆସିଥିଲେ। ଉଦ୍ଦେଶ୍ୟ ଥିଲା ଇଂଲଣ୍ଡ ଚାଲିଯିବା। କିନ୍ତୁ ଇଂଲଣ୍ଡ ହାସିନାଙ୍କୁ ଏଥିଲାଗି ଅନୁମତି ଦେଲାନାହିଁ। ତେଣୁ ଭାରତ ମାନବିକତା ଦୃଷ୍ଟିରୁ ହାସିନାଙ୍କୁ ଆଶ୍ରୟ ଦେଇଛି। ଭାରତ ଏକ ସଭ୍ୟ ରାଷ୍ଟ୍ର। ଏଠାରେ ଆଶ୍ରୟ ନେଇଥିବା ଜଣେ ମହିଳାଙ୍କୁ ଭାରତ ସରକାର ଦେଶ ଛାଡ଼ି ଚାଲିଯିବାକୁ କହିପାରିବେ ନାହିଁ। କିନ୍ତୁ ବାଂଲାଦେଶ ଏଥିରେ କ୍ଷୁବ୍ଧ ହୋଇଛି। ହାସିନାଙ୍କ ପ୍ରତ୍ୟର୍ପଣ ନିମନ୍ତେ ବାଂଲାଦେଶ ସରକାର ଭାରତକୁ ଅନୁରୋଧ ପତ୍ର ପଠାଇଛନ୍ତି। ଭାରତ ସରକାର ଏହା ଉପରେ କୋ୍ୈଣସି ପ୍ରତିକ୍ରିୟା ବ୍ୟକ୍ତ କରିନାହିଁ। ହାସିନାଙ୍କ ସରକାର ପତନ ପରେ ସେଠାରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ବଢ଼ିଛି।



ସେମାନଙ୍କ ମୌ୍ୈଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ଇତିମଧ୍ୟରେ ବାଂଲାଦେଶ ସମ୍ବିଧାନରୁ ଧର୍ମନିରପେକ୍ଷତା ଶବ୍ଦ ହଟାଇ ଏହାକୁ ଏକ ଇସଲାମିକ ରାଷ୍ଟ୍ର ଭାବେ ଘୋଷଣା କରିବାକୁ ବିଚାର ଆଲୋଚନା କରାଯାଉଛି। ହାସିନା ସ୍ୱର୍ଗୀୟ ପିତା ମୁଜିବୁର ରହମାନଙ୍କୁ ଦେଶର ପ୍ରତିଷ୍ଠାତା ଭାବେ ଯେଉଁ ସ୍ୱୀକୃତି ମିଳିଛି ତାହାକୁ ପ୍ରତ୍ୟାହାର କରିବା ନିଷ୍ପତ୍ତି ହୋଇଛି।

ଏବେ ଭାରତ ଓ ବାଂଲାଦେଶ ମଧ୍ୟରେ ସୀମା ବିବାଦକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ବାଂଲାଦେଶ ସୀମାରେ ଭାରତ ଉତ୍ତେଜନା ସୃଷ୍ଟି କରୁଥିବା ଅଭିଯୋଗ କରି ବାଂଲାଦେଶ ସରକାର ଢାକା ସ୍ଥିତ ଭାରତର ହାଇକମିଶନରଙ୍କୁ ସମନ କରିଥିଲେ। ଏହାର ଦିନକ ପରେ ଭାରତ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ବାଂଲାଦେଶ କୂଟନୀତିଜ୍ଞଙ୍କୁ ସମନ କରାଯାଇ ତାଗିଦ କରାଯାଇଛି। ଉଦବେଗର ବିଷୟ ହେଲା ହାସିନାଙ୍କ ସମୟରେ ଭାରତ-ବାଂଲାଦେଶ ସୀମା ବିବାଦର ସମାଧାନ ନିମନ୍ତେ ଦୁଇ ଦେଶ ମଧ୍ୟରେ ଏକ ବୁଝାମଣା ହୋଇଥିଲା ଏବଂ ଦୀର୍ଘ ବର୍ଷ ପରେ ବିବାଦର ସମାଧାନ ହୋଇଥିଲା। ଏବେ ବାଂଲାଦେଶ ସରକାର ଏହି ବୁଝାମଣାକୁ ବାତିଲ କରିବା ଦାବି କରୁଛନ୍ତି। ବାଂଲାଦେଶ ସରକାରଙ୍କ କହିବା କଥା ହେଲା ହାସିନାଙ୍କ ସମୟରେ ଦୁଇ ଦେଶ ମଧ୍ୟରେ ଯେଉଁ ଚୁକ୍ତି ହୋଇଥିଲା ତାହା ବାଂଲାଦେଶର ସ୍ୱାର୍ଥ ବିରୋଧୀ। ଏହାକୁ ଗ୍ରହଣ କରାଯାଇପାରିବ ନାହିଁ। ଢାକାର ଏଭଳି ଯୁକ୍ତି ବାସ୍ତବରେ ହାସ୍ୟାସ୍ପଦ। ଆଜି କିଏ ପ୍ରଧାନମନ୍ତ୍ରୀ ଅଛି, କାଲି କିଏ ରହିବ ସେଥିରେ କିଛି ଯାଏ ଆସେ ନାହିଁ। ସରକାର ଏକ କ୍ରମାଗତ ପ୍ରକ୍ରିୟା। ସରକାର ବଦଳିଲେ ମଧ ଦେଶର ପୂର୍ବ ଚୁକ୍ତିକୁ ବର୍ତ୍ତମାନର ସରକାର ସମ୍ମାନ ଏବଂ ସ୍ୱୀକାର କରିବା କଥା। ଯଦି କିଛି ଆପତ୍ତି ଅଭିଯୋଗ ଥାଏ ଏହା ଉପରେ ଶାନ୍ତିପୂର୍ଣ୍ଣ ଆଲୋଚନା ହେବା କଥା। କିନ୍ତୁ ବାଂଲାଦେଶର ୟୁନୁସ ସରକାର ସମ୍ପୂର୍ଣ୍ଣ ଏକପାଖିଆ ଭାବେ ପୂର୍ବ ଚୁକ୍ତିକୁ ଅସ୍ୱୀକାର କରୁଛନ୍ତି। ଏହା କୋ୍ୈଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ବାଂଲାଦେଶ ସହିତ ସୀମା ବିବାଦର ସମାଧାନ ଲାଗି ଶେଖ ହାସିନା ଯେଉଁ ଆନ୍ତରିକତା ପ୍ରଦର୍ଶନ କରିଥିଲେ ତାହାକୁ ସ୍ୱୀକାର କରିବା ଉଚିତ। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ସବୁ ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏହାର ଲକ୍ଷ୍ୟ। ବାଂଲାଦେଶ ଭାରତର ଏକ ଉତ୍ତମ ପଡ଼ୋଶୀ ଭାବେ ପରିଚିତ। ସବୁ ସମୟରେ ସବୁ କ୍ଷେତ୍ରରେ ଭାରତ ଏହାକୁ ସହାୟତା କରି ଆସିଛି। ବାଂଲାଦେଶର ସ୍ୱାର୍ଥ ବିରୋଧରେ ଏହା କେବେ ବି କିଛି ପଦକ୍ଷେପ ନେଇନାହିଁ। ସାମରିକ, ଆର୍ôଥକ ଏବଂ ଅନ୍ୟ ସମସ୍ତ ଦୃଷ୍ଟିରୁ ବାଂଲାଦେଶ ତୁଳନାରେ ଭାରତ ଅଧିକ ଶକ୍ତିଶାଳି। ବାଂଲାଦେଶ ସହ ଯୁଦ୍ଧ ଲାଗିଲେ ଭାରତ ଦିନକରେ ଏହାକୁ କବଜା କରିନେବ। କିନ୍ତୁ ଭାରତର ନୀତି ଏହାର ବିପରୀତ। ଖାଦ୍ୟ ସାମଗ୍ରୀ ହେଉ ବା ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଭାରତ ସବୁ ବେଳେ ବାଂଲାଦେଶକୁ ସହାୟତା କରିଆସିଛି। କିନ୍ତୁ ଏହା ସତ୍ତ୍ୱେ ଭାରତକୁ ବିରୋଧ କରିବା, ଭାରତ ବିରୋଧୀ ମନ୍ତବ୍ୟ ଦେବା, ଭାରତକୁ ଅପମାନିତ କରିବା ଭଳି ପଦକ୍ଷେପ ନେବା ବାଂଲାଦେଶ ପାଇଁ ଶୋଭାପାଉନି। ଏହା କେବଳ ଭାରତ ପ୍ରତି ଅସହିଷ୍ଣୁତାର ପରିଚାୟକ। ବାଂଲାଦେଶରେ ଏବେ ମୌ୍ୈଳବାଦୀଙ୍କ ରାଜ ଚାଲିଛି। ପାକିସ୍ତାନ ନିଆଁରେ ଘିଅ ଢାଳୁଛି। ଏହା ହିଁ ବାଂଲାଦେଶର ପରିବର୍ତ୍ତିତ ଆଭିମୁଖ୍ୟ ପଛରେ ମୁଖ୍ୟ କାରଣ। ଏହା ବାଂଲାଦେଶ ପାଇଁ ମହଙ୍ଗା ପଡ଼ିବ। ଦିନେ ଏଥିଲାଗି ବାଂଲାଦେଶକୁ ପଶ୍ଚାତାପ କରିବାକୁ ପଡ଼ିବ।

# ମୁଦ୍ରା, ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ବିଷମତା



ଗୋପାଳ ମହାପାତ୍ର




ଆଜିର ବିଶ୍ୱସ୍ତରୀୟ ଅର୍ଥବ୍ୟବସ୍ଥାରେ ମୁଦ୍ରା କେବଳ ବିନିମୟର ମାଧ୍ୟମ ହୋଇ ରହିନାହିଁ, ବରଂ ଶାସନ, ନୀତି ଏବଂ ସାମାଜିକ ବିଭାଜନର ପ୍ରକରଣ ପାଲିଟି ଯାଇଛି। ମୁଦ୍ରା ଏବଂ ବ୍ୟାଙ୍କିଙ୍ଗ୍ ପଣାଳୀ ଗୋଟିଏ ପଟେ ସମାଜରେ ଆର୍ଥୀକ କ୍ରୀୟାକୁ ଗତିଶୀଳ କରୁଥିବା ବେଳେ ଅନ୍ୟପଟେ ଏକ ଗଭୀର ଏବଂ ସ୍ଥାୟୀ ବିଷମତାର ମଞ୍ଜିବୁଣି ଦେଇଛି। ପ୍ରାକ୍‌କାଳର ସ୍ୱର୍ଣ୍ଣମୁଦ୍ରା ଠାରୁ ଆରମ୍ଭ କରି ଏବେର ମୁଦ୍ରା (କାଗଜ ଟଙ୍କା) ଏବଂ ଡିଜିଟାଲ ଟଙ୍କା ପର୍ଯ୍ୟନ୍ତର ଯାତ୍ରା କେବଳ ଟେକନିକ ବିକାଶ ତା ନୁହେଁ ଏହା ଶାସନ ବା ସତ୍ତା-ସମ୍ପର୍କ ଏବଂ ସାମାଜିକ ନ୍ୟାୟର କଥା କହିଥାଏ। ପ୍ରାକ କାଳରେ ବସ୍ତୁ ବିନିମୟରୁ ଆରମ୍ଭ ହୋଇ ମୁଦ୍ରାର ବିକାଶ ହୋଇଥିଲା। ଯେତେବେଳେ ମୁଦ୍ରା ଧାତୁ ଆଧାରିତ ଥିଲା ବିଶେଷକରି ସୁନା ବା ରୁପାର ସେତେବେଳେ ତାର ଅନ୍ତର୍ନିହିତ ମୁଲ୍ୟଥିଲା। କିନ୍ତୁ ଯେତେବେଳେ କାଗଜ ମୁଦ୍ରା (ଟଙ୍କାର) ବ୍ୟବସାୟ ଆରମ୍ଭ ହେଲା ମୁଦ୍ରାର ବାସ୍ତବିକ ମୂଲ୍ୟ ଏବଂ ତାର ସ୍ୱୀକୃତି ରାଷ୍ଟ୍ରର ଗ୍ୟାରେଣ୍ଟି ଉପରେ ନିର୍ଭର କଲା। ଡିଜିଟାଲ ଯୁଗରେ ଏହା ଆହୁରି ଅମୂର୍ତ୍ତ ହୋଇଗଲା ଓ ଏବେ ଏହା କେବଳ ଖାତା ବା ପାସବୁକରେ ଦରଜ କରାଯାଉ ଥିବା ଅଙ୍କଭାବେ ରହିଗଲା। ଏହି ଅମୁର୍ତ୍ତତା ମୁଦ୍ରାକୁ ଏକ ରାଜନୈତିକ ଉପକରଣ ଭାବେ ପରିଗଣିତ କରିଦେଲା ଯାହାର ସୃଜନ ଓ ନିୟନ୍ତ୍ରଣ ଶକ୍ତି ସୀମିତ ସଂସ୍ଥା ମାନଙ୍କର ହାତରେ କେନ୍ଦ୍ରୀତ ହୋଇଗଲା।

ଯେତେବେଳେ ରାଷ୍ଟ୍ରବା ଦେଶ ଅଧିକ ମୁଦ୍ରା ଛପାଇଥାଏ ସେତେବେଳେ ମୁଦ୍ରାସ୍ଫିତି ସୃଷ୍ଟି ହୁଏ ଯେଉଁଥିପାଇଁ ମୁଦ୍ରାର ମୂଲ୍ୟ ହ୍ରାସ ପାଇଥାଏ। କିନ୍ତୁ ଏହି ହ୍ରାସ ସବୁକୁ ପ୍ରଭାବିତ କରିନଥାଏ। ଶ୍ରମିକଙ୍କ ଆୟ ସ୍ଥିର ରହିଥାଏ ପରନ୍ତୁ ସେମାନଙ୍କ ଜୀବନ-ଶୈଳୀ ମହଙ୍ଗା ହୋଇଯାଏ, ପୁଞ୍ଜିପତିଙ୍କ ସମ୍ପତ୍ତିର ମୂଲ୍ୟ ବଢ଼ିଯାଏ ଯେପରି ଜମି, ଅଂଶଧନ (ଶେୟାର) ଓ ସୁନା। ଏହି ପ୍ରକାର ମୁଦ୍ରାର ଅମୂର୍ତ୍ତତା ଏବଂ ସୃଜନର ଅସମାନ ପ୍ରଣାଳୀ ଶ୍ରମର ଶୋଷଣ ଏବଂ ସମ୍ପତ୍ତି ଆଧାରିତ ଆୟର ବର୍ଚ୍ଚସ୍ୱ ବୃଦ୍ଧି କରିଥାଏ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏବଂ ୟୁପିଆଇ ଭଳି ପ୍ରଣାଳୀ ସବୁସୁବିଧା ଜନକ ନିଶ୍ଚୟ ହେଲେ ଏହା ପଛରେ। ଏକ ସର୍ବବ୍ୟାପକ ଦୃଷ୍ଟି ରଖିଥିବା ତନ୍ତ୍ର ମଧ ସକ୍ରିୟ ରହିଛି। ଏହି ତନ୍ତ୍ର ନିମ୍ନ ଏବଂ ମଧ୍ୟମ ବର୍ଗର ଆର୍ଥୀକ ବ୍ୟବହାର ଉପରେ ନଜର ରଖିଥାଏ। ଅଙ୍କନ ଏବଂ ମୂଲ୍ୟାଙ୍କନ ସମ୍ଭବ ହୋଇଥାଏ ଯେଉଁଥି ପାଇଁ ସାମାଜିକ ସହାୟତା ଯୋଜନା, କ୍ରେଡିଟ ସ୍କୋର ବା ସାମାଜିକ ସ୍ଥିତିରେ ଭେଦଭାବ ଭଳି ପରିସ୍ଥିତି ଦେଖାଯାଇଥାଏ।

ମୁଦ୍ରା ଏବଂ ବ୍ୟାଙ୍କିଙ୍ଗ୍‌ର ବିକାଶ ଏମିତି ଏକ ସମାଜକୁ ଜନ୍ମ ଦେଇଛୁ ଯେଉଁଠି ବାସ୍ତବିକ ଉତ୍ପାଦନ ଆପେକ୍ଷା ଆର୍ଥୀକ ବ୍ୟାପାର, ଟ୍ରେଡିଙ୍ଗ ଏବଂ ନିବେଶ ଅଧିକ ଲାଭଦାୟକ ହୋଇଯାଇଛି। ଏହା ଫଳରେ ଶ୍ରମିକ ଏବଂ ଉତ୍ପାଦକ ବର୍ଗଙ୍କ ଭୁମିକା ଗୌଣ ହୋଇଯାଇଛି ଏବଂ ବିତ୍ତିୟ ବର୍ଗ ସାମାଜିକ ଶକ୍ତିର କେନ୍ଦ୍ର ପାଲିଟିଯାଇଛି। ଏହା ଏଭଳି ସଂରଚନା ଯାହା ଆର୍ଥୀକ ଅସମାନତାକୁ ଜନ୍ମ ଦେବା ସହ ଅସମାନତାକୁ ସଂସ୍ଥାଗତ ରୂପ ମଧ ଦେଇଥାଏ। ଯୁକ୍ତି କରାଯାଇପାରେ ଯେ ମୁଦ୍ରା ଏବଂ ବ୍ୟଙ୍କିଙ୍ଗର ଏହି ରୂପ ବା ବ୍ୟବସ୍ଥା କେବଳ ଆଧୁନିକତାର ସ୍ୱଭାବିକ ପରିମାଣ ଅଟେ। କିନ୍ତୁ ଏହାକୁ ଠିକ୍ ବୋଲି କୁହାଯାଇ ପରିବ ନାହିଁ ଏହି ସମ୍ପୁର୍ଣ୍ଣ ବ୍ୟବସ୍ଥା ରାଜନୈତିକ ଏବଂ ନୀତିଗତ ବିକଳ୍ପ ଦ୍ୱାରା ନିର୍ମିତ କରାଯାଇଛି। ମୁଦ୍ରାର ସୃଜନ ପ୍ରକ୍ରିୟା ଉପର ଲୋକଙ୍କର ନିୟନ୍ତ୍ରଣ ନାହିଁ ଏ ପ୍ରସଙ୍ଗରେ ଚିନ୍ତା କରାଯିବା ଆବଶ୍ୟକ ଯେ ବ୍ୟାଙ୍କମାନେ ଡିପୋଜିଟ୍ ରଖୁଥିବା ଜମାକରୀଙ୍କୁ ସେମାନଙ୍କ ଫକ୍ସଡିପୋଜିଟ୍ ଉପରେ ଯେଉଁ ସୁଧ ଦେଉଛନ୍ତି ତାର ହାର ମୁଦ୍ରା ସ୍ଫିତି ର ହାର ତୁଳନାରେ କେତେ? ମୁଦ୍ରା ଏବଂ ବ୍ୟାଙ୍କିଙ୍ଗ୍‌ର ଅମୂର୍ତ୍ତ ରୁପ ଆର୍ଥୀକ ଗତିବିଧିକୁ ବ୍ୟାପକ ଏବଂ ତୀବ୍ର କରିଥାଏ ହୋଲେ ଅନ୍ୟ ପକ୍ଷରେ ସମାଜରେ ଆର୍ଥୀକ ବିଷମତାକୁ ବୈଧ ଏବଂ ସ୍ଥାୟୀକରି ଦେଇଥାଏ। ଯଦି ଏହାକୁ ରୋକା ନଯାଏ ତେବେ ଭବିଷ୍ୟତରେ ଏମିତି ଅବାସ୍ଥା ସୃଷ୍ଟି ହେବ ଯେଉଁଠି ମୁଦ୍ରାର ସୁବିଧା କେବଳ ଗୋଟିଏ ବର୍ଗଙ୍କୁ ମଳିବ ଏବଂ ଶୋଷଣ ଅନିବାର୍ଯ୍ୟ ହୋଇଯିବା ମୁଦ୍ରା ଭୌତିକ ହେଉ, ଡିଜିଟାଲ ହେଇ ବା କ୍ରିଷ୍ଟୋ ହେଉ ସଂସ୍ଥାନ ଶୂନ୍ୟତାରେ କାମ କରିଥାଏ ନା କିଛି ଖାସ୍ ସଂସ୍ଥାନ ମୁହ ସାମଞ୍ଜସ୍ୟ ସ୍ଥାପନ କରି କାର୍ଯ୍ୟ କରିଥାଏ ବା ଚାଲିଥାଏ?

ମୁଦ୍ରା କେବଳ ବିନିମୟର ମାଧ୍ୟମ ନୁହେଁ ଏହ ଏକ ସମାଜିକ ଅନୁବନ୍ଧ, ସାମାଜିକ ଶକ୍ତି ଏବଂ ନ୍ୟାୟ ପ୍ରକ୍ରିୟାର ଅଶଂ ଅଟେ। ଯେତେବେଳ ରାଷ୍ଟ୍ର ବା ବ୍ୟାଙ୍କମୁଦ୍ରାର ନିର୍ମାଣ (ଛପାଇବା) କରିଥାନ୍ତି ସେତେବେଳେ ତାହା କେବଳ ଆର୍ଥୀକ ପ୍ରବାହ ନୁହେଁ ସାମାଜିକ ସମ୍ପର୍କରେ ସଂରଚନା ମଧ ସ୍ଥିର କରିଥାଏ। ଯେଉଁ ସମାଜରେ ମୁଦ୍ରା ହାସଲ କରବା ଆର୍ଥୀକସ୍ଥିତି, କ୍ରେଡିଟ୍‌ସ୍କୋର ବା ସମ୍ପତ୍ତି ଉପରେ ନିର୍ଭର କରେ ସେଠି ମୁଦ୍ରା ସମାଜିକ ବିଭାଜନ ପାଇଁ ବାଟ ଖୋଲି ଦେଇଥାଏ ଏବଂ ସାମାଜିକ ନ୍ୟାୟ ବିପର୍ଯ୍ୟସ୍ତ ହୋଇଥାଏ। ମୁଦ୍ରାର ଅର୍ଥ ଶାସ୍ତ୍ରକୁ କେବଳ ଟେକନିକ୍ ବା ମୂଲ୍ୟ ସିଦ୍ଧାନ୍ତ ଦୃଷ୍ଟିରେ ନୁହେଁ ବରଂ ସାମାଜିକ, ରାଜନୈତିକ ଏବଂ ନୈତିକ ଦୃଷ୍ଟିରେ ଦେଖିବା ଉଚିତ୍। ଆମକୁ ଏହି ବ୍ୟାପକ ଦୃଷ୍ଟିକୋଣକୁ ଆପଣେଇବାକୁ ପଡ଼ିବ। ଏହା କେବଳ ଯେ ଉପଯୋଗୀତା ନୁହେଁ ବରଂ ସମୟର ଆବଶ୍ୟକତା ବୋଲି କୁହାଯାଇପାରେ।

ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪

# ଡ୍ରାଇଭର ମହାସଂଘର କଥା ବୁଝ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ସାତଦଫା ଦାବିରେ ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନକୁ ଚାରି ଦିନ ବିତିଯାଇଥିବାବେଳେ ରାଜ୍ୟରେ ପରିବହନ ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟାସ୍ତ ହୋଇପଡ଼ିଛି। ଯାତ୍ରୀ ପରିବହନ ଠାରୁ ଆରମ୍ଭ କରି ସମସ୍ତ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ସହ ମାଲ ପରିବହନ ଠପ୍ ହୋଇଯାଇଛି। ଯାହାର ପରିଣତ ସ୍ୱରୁପ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ, ଡିଜେଲ ସଂକଟ ଦେଖାଦେଇଥିବାବେଳେ ଇନ୍ଧନ ଗ୍ୟାସ ଯୋଗାଣ ଗୁରୁତର ଭାବେ ବ୍ୟହାତ ହୋଇଛି। ସାଧାରଣତଃ ୨୪ଘଣ୍ଟା ମଧ୍ୟରେ ଇନ୍ଧନ ଗ୍ୟାସ ଯୋଗାଣ ବ୍ୟବସ୍ଥା ଥିବା ସମୟରେ ବୁକିଂର ସାତଦିନ ପରେ ଯୋଗାଣ ସମ୍ଭବପର ହୋଇନାହିଁ। ଡିପୋରୁ ଗ୍ୟାସ ଗାଡି ଆସୁନଥିବାରୁ ଯୋଗାଣ ହୋଇପାରୁନଥିବା ଡିଲରଙ୍କ ପକ୍ଷରୁ କୁହାଯାଉଛି। କହିବା ବାହୁଲ୍ୟ ଯେଉଁ ପରିବାରର ମାତ୍ର ଗୋଟିଏ ସିଲିଣ୍ଡର ରହିଛି, ସେହି ପରିବାରର କି ପ୍ରକାର ପରିସ୍ଥିତିର ସମ୍ମୁଖୀନ ହେଉଥିବେଳ ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। କେବଳ ପେଟ୍ରୋଲ, ଡିଜେଲ କିମ୍ବା ଇନ୍ଧନ ଗ୍ୟାସ ନୁହେଁ, ପନିପରିବା ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ପରିବହନ ବନ୍ଦ ହୋଇଯିବା ଯୋଗୁଁ ରାଜ୍ୟରେ ବିଭିନ୍ନ ପନିପରିବା ଦର ଏବେ ଆକାଶଛୁଆଁ। ଚାହିଦା ମୁତାବକ ପନିପରିବା ଆସୁନଥିବାରୁ ଦରଦାମ ବଢ଼ିବା ସ୍ୱାଭାବିକ। ଆଉ କିଛି ଦିନ ଏପରି ଅବସ୍ଥା ଜାରି ରହିଲେ, ରୋଷେଇଶାଳ ଉପରେ ଚଡକ ପଡ଼ିବ, ଏଥିରେ ସନ୍ଦେହ ନାହିଁ। କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ ନୁହେଁ, ସାରା ରାଜ୍ୟରେ ଯାତ୍ରୀ ପରିବହନ ମଧ ଠପ୍ ହୋଇଯାଇଛି। ଓଡ଼ିଶାରେ ସଡକ ପଥରେ ଯାତ୍ରୀ ପରିବହନ ମୁଖ୍ୟ ମାଧ୍ୟମ ହୋଇଥିବାବେଳେ ଯାତ୍ରୀମାନେ ଗଲା ଚାରିଦିନ ଧରି ନିଜ ନିଜର ଜରୁରୀ କାର୍ଯ୍ୟରେ ଯାଇନପାରିନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ଗଣମାଧ୍ୟମର ରିପୋର୍ଟରୁ ଜଣାଯାଏ। ଏପରିକି ଚିକିତ୍ସା ପାଇଁ ଯାଇନପାରି ଅସୁସ୍ଥ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିବା ଜଣାଯାଇଛି। ଏହା ସତ୍ୟ ଯେ, ଗୋଟିଏ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କ ହିତ ସାଧନ ହେଉଛି, ସରକାରଙ୍କ ପ୍ରଥମ କର୍ତବ୍ୟ। ଅବଶ୍ୟ ଆନ୍ଦୋଳନରତ ଡ୍ରାଇଭର ମହାସଂଘ ସହ ସରକାର ଦୁଇଥର ଆଲୋଚନା କରିଥିବାବେଳେ ସଂକଟର ସମାଧାନ ଲାଗି ସରକାର ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି। ଖୋଦ୍ ପରିବହନ ମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ, ଆନ୍ଦୋଳନରତ ଡ୍ରାଇଭର ମହାସଂଘର ସମସ୍ତ ଦାବି ସେମାନଙ୍କ ହିତରେ ଥିବା ଏବଂ ସେସବୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା ହୋଇସାରିଥିବାବେଳେ ଆନ୍ଦୋଳନର ଆବଶ୍ୟକତା ନାହିଁ ତେବେ ଆଲୋଚନା କାହିଁକି ବିଫଳ ହେଉଛି ତାହା ବୁଝାପଡୁନାହିଁ ଆଲୋଚନା ବିଫଳ ହେବା ଏବଂ ଡ୍ରାଇଭର ମହାସଂଘ ନିଜ ଜିଦ୍‌ରେ ଅଟଳ ରହି ଚକ ଅଖ ବନ୍ଦ କରିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ୧୦ତାରିଖ ରାତି ସୁଦ୍ଧା ସମସ୍ୟାର ସମାଧାନ ହୋଇଯିବା ନେଇ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ଗଣମାଧ୍ୟମରେ ଦୃଢୋକ୍ତି ପ୍ରକାଶ କରିଥିବାବେଳେ ସେପରି କିଛି ହେଲା ନାହିଁ ପ୍ରଶ୍ନ ଉଠୁଛି, ସରକାର ଯଦି ସବୁ ଦାବିକୁ ଗ୍ରହଣ କରି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ତେବେ ମହାସଂଘର ଦାବି ମୁତାବକ ଲିଖିତ ପ୍ରତିଶୃତି ଦେଉନାହାଁନ୍ତି କାହିଁକି? ଯାହାର ପରିଣତି ସ୍ୱରୁପ ଆନ୍ଦୋଳନ ଜାରି ରଖିବାକୁ ଡ୍ରାଇଭର ମହାସଂଘ ବାଧ ହୋଇଥିବା କୁହାଯାଇପାରେ। ଶୁଣାଯାଏ ଯେ, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ପାଇଁ ସମାବେଶକୁ ଭଣ୍ଡୁର କରିବା ପାଇଁ ସରକାର ଜାଣିଶୁଣି ଆନ୍ଦୋଳନ ପ୍ରତ୍ୟାହାର ନକରାଇବାକୁ ଲିଖିତ ପ୍ରତିଶୃତି ନଦେବା, ଟାଳଟୁଳ ନୀତି ଗ୍ରହଣ କରୁଥିବା ଅଭିଯୋଗ ହୁଏ। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ। ଉଲ୍ଲେଖଯୋଗ୍ୟ ଯେ, ଡ୍ରାଇଭର ମହାସଂଘରେ ସାତଦଫା ସମ୍ବଳିତ ଦାବି ମଧ୍ୟରୁ ଗୋଟିଏ ହେଲେ ଦାବି ସରକାରଙ୍କ ପାଇଁ ଅଗ୍ରହଣୀୟ ଥିବା ମନେହୁଏ ନାହିଁ। ପୋଲିସକୁ ଦିଆଯାଇଥିବା ଯାନବାହାନ ଯାଞ୍ଚ କ୍ଷମତା ପ୍ରତ୍ୟାହାର, ସେମାନଙ୍କୁ ଜନକଲ୍ୟାଣମୂଳକ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ରାଜ୍ୟ ରାଜପଥରେ ବିଶ୍ରାମ କକ୍ଷ ନିର୍ମାଣ କରିବା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇବା। ଏହି ଦାବିଗୁଡିକ ମଧ୍ୟରୁ ଗୋଟିଏ ହେଲେ ଅଗ୍ରହଣୀୟ ମନେହୁଏ ନାହିଁ ଜୀବନ ରକ୍ଷା, ଦୁର୍ଘଟଣା ଏଡାଇବା ପାଇଁ କେନ୍ଦ୍ର ସରକାର ଡ୍ରାଇଭରମାନଙ୍କ ପାଇଁ ରାଜପଥ କଡରେ ମାଗଣା ଚା, ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ରାଜପଥ କଡରେ ବିଶ୍ରାମ କକ୍ଷ୍ୟ ନିର୍ମାଣରେ ଜରୁରୀ ଆବଶ୍ୟକତା ରହିଛି। ସେହିପରି ଜୀବନ ରକ୍ଷା ଓ ରାଜ୍ୟ ତଥା ଦେଶର ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ପରିବହନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବାବେଳେ ଡ୍ରାଇଭର ମହାସଂଘର ଦାବିକୁ ସରକାର ଗୁରୁତର ଭାବେ ବିଚାର କରିବା ଆବଶ୍ୟକ। ଅନ୍ୟଥା ସରକାର ଓ ଡ୍ରାଇଭର ମହାସଂଘର ଜିଦ୍‌ରେ ସାଧାରଣ ଜନତା ବଳି ପଡ଼ିବା ସାର ହେବ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ବ୍ରିକ୍ସ ସମ୍ମିଳନୀର ଭବିଷ୍ୟତ କ'ଣ ?



ଡକ୍ଟର ଲକ୍ଷ୍ମଣ ସାହୁ

ବ୍ରାଜିଲର ରିଓ ଡି ଜେନେରିଓରେ ଜୁଲାଇ ୬ ଏବଂ ୭ରେ ୨୦୨୫ର, ୧୭ ତମ ବ୍ରିକ୍ସ ସମ୍ମିଳନୀ ଓ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବ୍ରିକ୍ସ ସମ୍ମିଳନୀର ସଫଳ ସମାପ୍ତି ପରେ ରାଷ୍ଟ୍ରପତି ଟ୍ରମ୍ପ ପୁଣି ଥରେ ବ୍ରିକ୍ସ ସଂଗଠନ ଉପରେ ଆକ୍ରମଣ କରିଥିଲେ। ଓଡ଼ିଆ ବ୍ରିକ୍ସ ବିରୋଧରେ, ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ ଯେ ବ୍ରିକ୍ସ ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଅଧିକ ଶୁଳ୍କ ଲାଗୁ କରାଯିବ। ଏହି ୧୭ ତମ ବ୍ରିକ୍ସ ସମ୍ମିଳନୀର ବିଷୟବସ୍ତୁ ଥିଲା ଅଧିକ ଅନ୍ତର୍ଭୁକ୍ତ ଓ ସ୍ଥାୟୀ ଶାସନ ପାଇଁ ବିଶ୍ୱ ଦକ୍ଷିଣ ସହଯୋଗକୁ ସୁଦୃଢ଼ କରିବା। ଶିଖର ପରଦାରେ ଦେଖାଯାଇଥିବା ଚିତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନୀ ରାଷ୍ଟ୍ରପତି ମାସୁଦ ପେଜାଶକିୟାନ ଏବଂ ଇଜିପ୍ଟର ରାଷ୍ଟ୍ରପତି ଅବଦେଲ ଫତେହ ଅଲ-ସିସି ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇ ନଥିଲେ। କିଛି ଅନ୍ତର୍ଜାତୀୟ ବିଶ୍ଳେଷକ କହିଛନ୍ତି ଯେ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଅନୁପସ୍ଥିତି ପ୍ରକୃତରେ ବ୍ରାଜିଲର ବାମପନ୍ଥୀ ରାଷ୍ଟ୍ରପତି ଲୁଲା ଡି ସିଲଭାଙ୍କ ପାଇଁ ଏକ ବଡ଼ ରାଜନୈତିକ ଧକ୍କା। କାରଣ ଚୀନ୍ ହେଉଛି ବ୍ରାଜିଲର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ଏବଂ ବ୍ରିକ୍ସ ଭିତ୍ତିଭୂମି ମଧ ଚୀନ୍ ଦ୍ୱାରା ଆର୍ଥିକ ସହାୟତା ପ୍ରାପ୍ତ।

୨୦୦୯ ମସିହାରେ ବ୍ରାଜିଲ, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକା ଦ୍ୱାରା ବ୍ରିକ୍ସ (ବ୍ରିକ୍ସ) ପ୍ରତିଷ୍ଠିତ ହୋଇଥିଲା। ବ୍ରିକ୍ସ ( ବ୍ରିକ୍ସ ) ମେଣ୍ଟ ଆଧୁନିକ ସମୟରେ ବିଶ୍ୱ ସ୍ତରରେ ସବୁଠାରୁ ଦ୍ରୁତତମ ବୃଦ୍ଧି ପାଉଥିବା ବିକଳ୍ପ ଅର୍ଥନୀତିର ପ୍ରତୀକ ହେବାକୁ ଯାଉଛି। ବ୍ରିକ୍ସ (ବ୍ରିକ୍ସ) ଶବ୍ଦଟି ପ୍ରଥମେ ୨୦୦୧ ମସିହାରେ ବ୍ରିଟିଶ ଅର୍ଥନୀତିଜ୍ଞମାନେ ବିଶ୍ୱ ସ୍ତରରେ ବ୍ରାଜିଲ, ରୁଷ ଓ ଭାରତ ବ୍ୟବହାର କରିଥିଲେ। ସେ ସମୟରେ ଚୀନର ଉଦୀୟମାନ ଅର୍ଥନୀତି ମଧ ସେହିପରି ଥିଲା। ୨୦୦୯ ମସିହାରେ ପ୍ରଥମ ବ୍ରିକ୍ସ ସମ୍ମିଳନୀ ରୁଷରେ ଅନୁଷ୍ଠିତ ହୋଇଥିଲା। ବ୍ରିକ୍ସକୁ ପଶ୍ଚିମର ଆର୍ଥିକ ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ମିଳିତ ଭାବରେ ପ୍ରଶଂସା କରାଯାଇଛି। ୨୦୨୫ ମସିହାର ୧୭ ତମ ବ୍ରିକ୍ସ ସମ୍ମିଳନୀରେ, କିନ୍ତୁ ରୁଷ, ଚୀନ୍, ଇରାନ ଓ ଇଜିପ୍ଟର ଶୀର୍ଷ ନେତାଙ୍କ ଆଶ୍ଚର୍ଯ୍ୟଜନକ ଅନୁପସ୍ଥିତି ଯୋଗୁଁ ବ୍ରିକ୍ସର ଭବିଷ୍ୟତ ଉଠାଯାଇ ନାହିଁ କି ? ଚୀନ୍ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ, ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭରୋଭ ଓ ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ନିଶ୍ଚିତ ଭାବରେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଆସିଥିବେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ ଉତ୍ସାହର ସହିତ ବ୍ରିକ୍ସ (ବ୍ରିକ୍ସ ) ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଭାରତ ପାଇଁ ୧୭ ତମ ବ୍ରିକ୍ସ ସମ୍ମିଳନୀର ସବୁଠାରୁ ବଡ଼ ସଫଳତା ଥିଲା। କାରଣ ବ୍ରିକ୍ସ ଦ୍ୱାରା ଜାରି ମିଳିତ ଘୋଷଣାନାମାରେ ପ୍ରତ୍ୟେକ ବର୍ଗର ଆତଙ୍କବାଦକୁ ଏକ ପ୍ରମୁଖ ପ୍ରସଙ୍ଗ କରାଯାଇଥିଲା। ମିଳିତ ବିବୃତ୍ତିରେ ୨୨ ଏପ୍ରିଲରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଜଘନ୍ୟ ଆତଙ୍କବାଦୀ ହତ୍ୟାକାଣ୍ଡକୁ କଡ଼ା ଶବ୍ଦରେ ନିନ୍ଦା କରାଯାଇଥିଲା। ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସମ୍ମିଳନୀରେ ପ୍ରସ୍ତୁତ ମିଳିତ ବିବୃତ୍ତି ଉଲ୍ଲେଖନୀୟ।

ପାକିସ୍ତାନର ବାଲୁଚିସ୍ତାନ ପ୍ରଦେଶରେ ଡିଆରି ଜାଫର ଏକ୍ସପ୍ରେସ ଅପହରଣ ଘଟଣାକୁ ଏକ ଆତଙ୍କବାଦୀ ଘଟଣା ଭାବରେ ଉଲ୍ଲେଖ କରାଯାଇଥିବାରୁ, ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ନୃଶଂସ ହତ୍ୟାକାଣ୍ଡକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ୧୭ତମ ବ୍ରିକ୍ସ ସମ୍ମିଳନୀ ଦ୍ୱାରା ଜାରି ହୋଇଥିବା ମିଳିତ ବିବୃତ୍ତିକୁ ଭାରତ ପାଇଁ ଏକ କୂଟନୈତିକ ବିଜୟ ଭାବରେ ଦେଖାଯିବା ଉଚିତ୍। ୧୭ତମ ବ୍ରିକ୍ସ ସମ୍ମିଳନୀର ଇସ୍ତାହାରରେ ବିଶ୍ୱ ଶାସନ ସଂସ୍ଥା ଠାରୁ ଆରମ୍ଭ କରି




ଅନ୍ତର୍ଜାତୀୟ ସ୍ଥିରତା ପର୍ଯ୍ୟନ୍ତ ସବୁକିଛି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମ୍ମିଳନୀରେ ଏକପାଖିଆ ଶୁଳ୍କ ଓ ଅଣ-ଶୁଳ୍କ ଭଳି ପ୍ରସଙ୍ଗ ଉପରେ ମଧ ଗଭୀର ଆଲୋଚନା କରାଯାଇଥିଲା। ତଥାପି ବ୍ରିକ୍ସ ଇସ୍ତାହାରରେ ଏହି ପରିପ୍ରେକ୍ଷୀରେ ସିଧାସଳଖ ଆମେରିକାର ନାମ ନିଆଯାଇ ନାହିଁ।

ଉଲ୍ଲେଖନୀୟ ଯେ ବ୍ରିକ୍ସ (ବ୍ରିକ୍ସ)ର ପ୍ରତିଷ୍ଠାତା ସଦସ୍ୟ ଦେଶ ହେଉଛି ବ୍ରାଜିଲ, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକା। ଏହା ପରେ, ଇଜିପ୍ଟ, ଇଥିଓପିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଓ ଇଣ୍ଡୋନେସିଆକୁ ବ୍ରିକ୍ସ (ବ୍ରିକ୍ସ) ସଦସ୍ୟ ଦେଶ କରାଯାଇଥିଲା। କ୍ୟୁବା ଓ ବୋଲିଭିଆ ହେଉଛି ବ୍ରିକ୍ସ (ବ୍ରିକ୍ସ ) ସହଯୋଗୀ ଦେଶ। ବ୍ରିକ୍ସ ( ବ୍ରିକ୍ସ) ଦେଶମାନଙ୍କରେ ବିଶ୍ୱର ମୋଟ ଜନସଂଖ୍ୟାର ୪୫ ପ୍ରତିଶତ ଅଛନ୍ତି। ବିଶ୍ୱ ଜିଡିପି (ଜିଡିପି) ର ୩୭.୩ ପ୍ରତିଶତ ବ୍ରିକ୍ସ (ବ୍ରିକ୍ସ) ଦେଶମାନଙ୍କରେ ରହିଛି। ଯେତେବେଳେ ଜି-୭ ( ଜି-୭ ) ଦେଶଗୁଡ଼ିକର ବିଶ୍ୱ ଜିଡିପ୍ (ଜିଡିପି) ରେ ପ୍ରାୟ ୨୯.୩ ପ୍ରତିଶତ ଅଂଶ ରହିଛି। ଏହି ଦୃଷ୍ଟିକୋଣରୁ ବ୍ରିକ୍ସ ( ବ୍ରିକ୍ସ) ହେଉଛି ବିଶ୍ୱ ସ୍ତରରେ ସବୁଠାରୁ ବଡ଼ ଆର୍ଥିକ ଶକ୍ତି।

ଏହା ଏକ ଅନ୍ତର୍ଜାତୀୟ ସଂଗଠନ। ଶକ୍ତି ଦୃଷ୍ଟିରୁ ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଭଳି ବ୍ରିକ୍ସ (ବ୍ରିକ୍ସ) ସଦସ୍ୟ ଦେଶ ବିଶ୍ୱ ସ୍ତରରେ ପ୍ରାୟ ୪୪ ପ୍ରତିଶତ ଅଶୋଧିତ ତୈଳ ଉତ୍ପାଦନ କରନ୍ତି। ବିଶ୍ୱରେ ସମସାମୟିକ ଭାବରେ ଆମେରିକା ଓ ପଶ୍ଚିମ ଅର୍ଥନୈତିକ କ୍ଷେତ୍ରରେ ଓ ସାମରିକ କ୍ଷେତ୍ରରେ କ୍ଷମତା ଭାବର ପ୍ରାଧାନ୍ୟ ବିସ୍ତାର କରିଚାଲିଛନ୍ତି। ଏହି ବିଶ୍ୱରେ ବ୍ରିକ୍ସ ( ବ୍ରିକ୍ସ ) ର ପ୍ରାସଙ୍ଗିକତା ଆହୁରି ବୃଦ୍ଧି ପାଏ। ଉଲ୍ଲେଖନୀୟ ଯେ ଇଥିଓପିଆ ଓ ଇରାନକୁ ଛାଡି ଅନ୍ୟ ସମସ୍ତ ବ୍ରିକ୍ସ ( ବ୍ରିକ୍ସ) ଦେଶ ମଧ ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟ ଦେଶ। ବିଶ୍ୱ ବାଣିଜ୍ୟ ସଂଗଠନ ସର୍ବଦା ଆମେରିକା ଓ ପଶ୍ଚିମ ଦେଶମାନଙ୍କ ଦ୍ୱାରା ପ୍ରାଧାନ୍ୟ ବିସ୍ତାରିତ ହୋଇଆସିଛି। ବ୍ରିକ୍ସ (ବ୍ରିକ୍ସ) ଦେଶଗୁଡ଼ିକ ମିଳିତ ଭାବରେ ଏହି ପ୍ରଭୁତ୍ୱକୁ ଚ୍ୟାଲେଞ୍ଜ କରିପାରିବେ। ଉଲ୍ଲେଖନୀୟ ଯେ ବ୍ରିକ୍ସ (ବ୍ରିକ୍ସ) ଦେଶଗୁଡ଼ିକର ସାମୂହିକ ଭାବରେ ବିଶ୍ୱ ବାଣିଜ୍ୟରେ ପ୍ରାୟ ୨୦ ପ୍ରତିଶତ ଅଂଶ ରହିଛି। କିନ୍ତୁ ବ୍ରିକ୍ସ (ବ୍ରିକ୍ସ) ଦେଶମାନଙ୍କ ମଧ୍ୟରେ ପାରସ୍ପରିକ ବାଣିଜ୍ୟ ଏବେ ବି ମାତ୍ର ତିନି ପ୍ରତିଶତର ନିମ୍ନ ସ୍ତରରେ ଅଛି।

ବିଶ୍ୱ ବାଣିଜ୍ୟରେ ଚୀନର ଭୌଗୋଳିକ ବିଚ୍ଛିନ୍ନତା ଓ ପ୍ରାଧାନ୍ୟ ଆଉ ଏକ ପ୍ରମୁଖ ସମସ୍ୟା ହୋଇଛି। ଇରାନ, ରୁଷ ଓ ଚୀନ୍ ଭଳି କିଛି ବ୍ରିକ୍ସ ( ବ୍ରିକ୍ସ ) ଦେଶ ନିଜସ୍ୱ ମୁଦ୍ରାରେ ଆନ୍ତର୍ଜାତୀୟ ବାଣିଜ୍ୟ କରୁଛନ୍ତି। ୨୦୨୪ କାଜାନରେ ବ୍ରିକ୍ସ ସମ୍ମିଳନୀରେ, ଏକ ସାଧାରଣ ବ୍ରିକ୍ସ ମୁଦ୍ରା ପ୍ରଚଳନ ବିଷୟରେ ଗଭୀର ଆଲୋଚନା କରାଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶକ୍ତ ବିଶ୍ୱ ବାଣିଜ୍ୟରେ ଡଲାର ବିପକ୍ଷରେ ବ୍ରିକ୍ସ ମୁଦ୍ରା ପରିଚାଳନା ପ୍ରସ୍ତାବକୁ ସେ କ'ଣ ପରିଚାଳନା କରିଥିଲେ ? ସେ ଏକ ଦୃଢ଼ ଆକ୍ରମଣ କରିଥିଲେ ଓ କହିଥିଲେ ଯେ ଯଦି ବ୍ରିକ୍ସ ମୁଦ୍ରାର ପରିଚାଳନା ଆରମ୍ଭ ହୁଏ, ତେବେ ଆମେରିକା ବ୍ରିକ୍ସ ଦେଶଗୁଡ଼ିକ ବିରୁଦ୍ଧରେ କଠୋର ପଦକ୍ଷେପ ନେବ। ବ୍ରିକ୍ସ ଏକ ବ୍ୟାଙ୍କିଂ ବ୍ୟବସ୍ଥା ବିଷୟରେ ଆଲୋଚନା କରୁଛି ଯାହା ଡଲାର ସହିତ ସମକକ୍ଷ ହେବ। ଏହି କାରଣରୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବ୍ରିକ୍ସରେ ଆମେରିକୀୟ ବିରୋଧୀ ଭାବରେ ଦେଖାଯାଏ। ତଥାପି ଏହି ବ୍ୟାଙ୍କିଂ ବ୍ୟବସ୍ଥା ଉପରେ ଆଜି ପର୍ଯ୍ୟନ୍ତ କୌଣସି ସହମତି ହୋଇପାରି ନାହିଁ। ପ୍ରକୃତରେ ବ୍ରିକ୍ସ ଦେଶଗୁଡ଼ିକ ହେଉଛି ଭିନ୍ନ ଭିନ୍ନ ବିଚାରଧାରା ଓ ଭିନ୍ନ ଶାସନ ବ୍ୟବସ୍ଥା ଥିବା ଦେଶ ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ ଏକାଠି ହୋଇଛନ୍ତି। ସଦସ୍ୟ ଦେଶମାନେ ସେମାନଙ୍କର ଆଭ୍ୟନ୍ତରୀଣ ବିରୋଧାଭାବ ଓ ମତଭେଦକୁ କହିବାକୁ ଗଲେ ଭଲ ଭାବରେ ସମାଧାନ କରନ୍ତି। ପାରସ୍ପରିକ ସହଯୋଗ ପାଇଁ ଏକ ସାଧାରଣ ଭୂମିକା ଯେଭଳି ଖୋଜନ୍ତି ତାହା ଉପରେ ବ୍ରିକ୍ସ (ବ୍ରିକ୍ସ) ର ପ୍ରକୃତ ସଫଳତା ନିର୍ଭର କରେ। ସେମାନେ କିପରି ସେମାନଙ୍କର ଶକ୍ତିଶାଳୀ ଅର୍ଥନୈତିକ ଶକ୍ତିର ସଠିକ୍ ଲାଭ ଉଠାଇପାରିବେ? ଯଦି ବ୍ରିକ୍ସ ବିଶ୍ୱ ସ୍ତରରେ ସଫଳ ହେବାକୁ ଚାହେଁ, ତେବେ ଏହାର ପ୍ରମୁଖ ସଦସ୍ୟ ଦେଶ ଭାରତ ଓ ଚୀନକୁ ସେମାନଙ୍କର ସମସ୍ତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବାକୁ ପଡିବ। ଚୀନକୁ ମଧ ଏହାର ବିସ୍ତାରବାଦୀ ପ୍ରକୃତି ପାଇଁ ଅନୁତାପ କରିବାକୁ ପଡିବ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

# ଆଉ ଆସିବନି ବେହିସାବ ମେଡିକାଲ ବିଲ୍!

● ସରକାର କରୁଛନ୍ତି ସ୍ୱତନ୍ତ୍ର ବ୍ୟବସ୍ଥା
● ବୀମା କମ୍ପାନୀ ଉପରେ ମଧ୍ୟ ଲାଗିବ ରୋକ

**ନୂଆଦିଲ୍ଲୀ,୧୦।୭:** ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଦ୍ୱାରା ଅଧିକ ବିଲ୍‌କୁ ରୋକିବା ପାଇଁ ଭାରତ ସରକାର ବିଦ୍ୟମାନ ସ୍ୱାସ୍ଥ୍ୟ ବୀମା ଦାବି ପୋର୍ଟାଲକୁ ଅର୍ଥ ମନ୍ତ୍ରଣାଳୟ ଏବଂ ବୀମା ନିୟାମକ ଅଧୀନରେ ଆଣିବାକୁ ଯୋଜନା କରୁଛନ୍ତି। ବୃତ୍ତିଗତ ସେବା ସଂସ୍ଥା ସ୍ୱାସ୍ଥ୍ୟ ବୀମା ପାଇବା କଷ୍ଟକର କରିଛି। ଜାତୀୟ ସ୍ୱାସ୍ଥ୍ୟ ଦାବି ବିନିମୟ ବୀମାକାରୀ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ରୋଗୀଙ୍କ ମଧ୍ୟରେ ଏକ ପ୍ରବେଶ ପଥ ଭାବରେ କାର୍ଯ୍ୟ କରେ।

ଏହାର କଡ଼ା ତଦାରଖ ବୀମା କମ୍ପାନୀଗୁଡ଼ିକର ଚିକିତ୍ସା ହାର



ନିର୍ଦ୍ଧାରଣ କରିବାର କ୍ଷମତାକୁ ଉନ୍ନତ କରିବ। ବର୍ତ୍ତମାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ଦ୍ୱାରା ଏହି ବିନିମୟ ତଦାରଖ କରାଯାଉଛି। ପ୍ରାଧିକରଣର ୱେବସାଇଟ ଅନୁଯାୟୀ, ଏହାକୁ ବୀମା ନିୟାମକଙ୍କ ସହିତ ପରାମର୍ଶ କରି ବିକଶିତ କରାଯାଇଛି।

ଆଇଆର୍‌ଡିଏଆଇ ସ୍ୱାସ୍ଥ୍ୟ ବିନିମୟକୁ ନିୟନ୍ତ୍ରଣ କରେ ନାହିଁ କିନ୍ତୁ ପ୍ଲାଟଫର୍ମରେ ବୀମା କମ୍ପାନୀଗୁଡ଼ିକୁ ନିୟନ୍ତ୍ରଣ କରେ। ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଆୟରେ ବାର୍ଷିକ ଅଭିବୃଦ୍ଧି ହାର ୨୦୨୪-୨୫ ରେ ନଅ ପ୍ରତିଶତକୁ ହ୍ରାସ ପାଇଛି, ଯାହା ଗତ ବର୍ଷ ୨୦ପ୍ରତିଶତ ଥିଲା। ପ୍ରିମିୟମ ଅନେକ ଲୋକଙ୍କ ପାଇଁ ଅସାଧ୍ୟ ହୋଇପଡ଼ିଛି, ଯାହା ଫଳରେ ପଲିସି ନବୀକରଣ କମ ହେଉଛି।

ଏଏଓଏନ୍‌ର ଏକ ରିପୋର୍ଟରେ କୁହାଯାଇଛି ଯେ ୨୦୨୫ରେ ଭାରତରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ୧୩ପ୍ରତିଶତ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହା ବିଶ୍ୱ ହାରରେ ୧୦ ପ୍ରତିଶତ ଏବଂ ଏକ ବର୍ଷ ପୂର୍ବେ ରେକର୍ଡ ହୋଇଥିବା ୧୨ ପ୍ରତିଶତଠାରୁ ମଧ୍ୟ ଅଧିକ।

ସୂତ୍ର ଅନୁଯାୟୀ, ସରକାର ଏବଂ ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ଦ୍ୱାରା ଏକ ବିଶ୍ଳେଷଣରୁ ଜଣାପଡିଛି ଯେ ହସ୍ପିଟାଲଗୁଡ଼ିକ ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ବୃଦ୍ଧି କରୁଛନ୍ତି ଏବଂ ଅଧିକ ଟଙ୍କା ପାଇଁ ବୀମା କରୁଥିବା ରୋଗୀଙ୍କଠାରୁ ଅଧିକ ଚାର୍ଜ କରୁଛନ୍ତି। ଏହି କାରଣରୁ, ବୀମା କମ୍ପାନୀଗୁଡ଼ିକ ଅଧିକ ପ୍ରିମିୟମ ନେଉଛନ୍ତି। ଏହା କିଛି ଲୋକଙ୍କ ପାଇଁ

## ଜୁଲାଇ ୧୪ରେ ପୃଥିବୀକୁ ଫେରିବେ ଶୁଭାଂଶୁ

**ନୂଆଦିଲ୍ଲୀ,୧୧।୭:** ଭାରତୀୟ ବାୟୁସେନାର ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ଏବଂ ତାଙ୍କ ଦଳ ୧୪ ଜୁଲାଇରେ ମହାକାଶରୁ ଫେରିପାରନ୍ତି। ଗୁରୁବାର ଏକ ବିବୃତ୍ତିରେ ନାସା ଏହି ସୂଚନା ଦେଇଛି। ପୂର୍ବରୁ, ୟୁରୋପୀୟ ସ୍ପେସ୍ ଏଜେନ୍ସି ସୂଚିତ କରିଥିଲା ଯେ ଆକ୍ସିଅମ-୪ ମିଶନର ସମସ୍ତ ମହାକାଶଚାରୀ ୧୪ ଜୁଲାଇ ପୂର୍ବରୁ ପୃଥିବୀକୁ ଫେରିବେ ନାହିଁ। ଶୁଭାଂଶୁ ଶୁକ୍ଲାଙ୍କ ସହିତ, ଏହି ମିଶନରେ ଆମେରିକୀୟ ମହାକାଶଚାରୀ ପେଗି ହ୍ୱିଟସନ (କମାଣ୍ଡର), ପୋଲାଣ୍ଡର ସ୍ଲାଭୋସ ଉଜନାନସ୍କି-ୱିସନିଓ୍ୱସ୍କି ଏବଂ ହଙ୍ଗେରିର ଟିବୋର୍ କାପୁ ସାମିଲ ଅଛନ୍ତି। ଦଳ ଜୁନ



୨୫ ତାରିଖରେ ସ୍ପେସଏକ୍ସର 'ଡ୍ରାଗନ ଗ୍ରେସ' କ୍ୟାପସଲ୍‌ରେ ଏକ ଫାଲକନ ରକେଟ୍‌ରେ ଯାତ୍ରା କରିଥିଲେ ଏବଂ ୨୬ ତାରିଖରେ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନ ସହିତ ସଫଳତାର ସହିତ ସଂଯୋଗ କରିଥିଲା। ଜୁନ ୨୭ ତାରିଖରୁ ଏହି ଦଳ ବିଜ୍ଞାନ ପରୀକ୍ଷଣ ଆରମ୍ଭ କରିଥିଲା, ଯାହା ପାଇଁ ୧୪ ଦିନ ସମୟ ଧାର୍ଯ୍ୟ କରାଯାଇଥିଲା। ଅର୍ଥାତ୍ ସେମାନେ ଜୁଲାଇ ୧୦ ରେ ଫେରିବାର ଥିଲା, କିନ୍ତୁ ବର୍ତ୍ତମାନ ଇଏସ୍‌ଏ ଅନୁଯାୟୀ, ୧୪ ଜୁଲାଇ ପରେ ହିଁ ସେମାନଙ୍କର ପୃଥିବୀକୁ ଫେରିବା ସମ୍ଭବ। ତଥାପି ଏହି ତାରିଖ ଡ୍ରାଗନ କ୍ୟାପସୁଲର 'ଅନଡକିଂ' ଉପରେ ନିର୍ଭର କରିବ, ଯାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ। ଶୁଭାଂଶୁ ଶୁକ୍ଲା ସେଠାରେ ଭାରତ ପାଇଁ ସାତଟି ମାଇକ୍ରୋଗ୍ରାଭିଟି ପରୀକ୍ଷଣ କରୁଛନ୍ତି। ଏହା ବ୍ୟତୀତ, ସେ ଇସ୍ରୋ ଏବଂ ନାସା ସହ ସହଭାଗୀତାରେ ପାଞ୍ଚଟି ପରୀକ୍ଷଣ ମଧ୍ୟ କରୁଛନ୍ତି। ଦଶମ ଦିନରେ, ସେ ସ୍ପ୍ରାଉଟ୍ସ ପ୍ରୋଜେକ୍ଟରେ କାମ କରିଥିଲେ।

# ଅଗଷ୍ଟ ୧ରୁ ଯୁବକମାନଙ୍କୁ ମିଳିବ ୧୫ହଜାର ଟଙ୍କା

**ନୂଆଦିଲ୍ଲୀ,୧୧।୭:** ଅଗଷ୍ଟ ୧ ତାରିଖରୁ ଦେଶରେ ଏମ୍ପ୍ଲୋୟମେଣ୍ଟ ଲିଙ୍କ୍ଡ ଇନସେଣ୍ଟିଭ ସ୍କିମ (ଇଏଲ୍‌ଆଇ) ଆରମ୍ଭ କରିବାକୁ ଯାଉଛନ୍ତି ସରକାର। ଏହା ଅଧୀନରେ ପ୍ରଥମ ଥର ପାଇଁ ନିଯୁକ୍ତି ପାଇଥିବା ଯୁବକମାନଙ୍କୁ ସରକାର ୧୫,୦୦୦ ଟଙ୍କା ଦେବେ। ଏହି ଯୋଜନାର ଲକ୍ଷ୍ୟ ହେଉଛି ଯୁବକମାନଙ୍କୁ ନିଯୁକ୍ତି ପାଇଁ ଉତ୍ସାହିତ କରିବା, ଦେଶରେ ଭବିଷ୍ୟତ ପାଇଁ ଏକ ଦକ୍ଷ କର୍ମଶକ୍ତି ପ୍ରସ୍ତୁତ କରିବା, ନିଯୁକ୍ତି ସୃଷ୍ଟିର ତୁରନ୍ତ ଆବଶ୍ୟକତା ପୂରଣ କରିବା ଏବଂ ଉତ୍ପାଦନ ଶିଳ୍ପକୁ ପ୍ରୋତ୍ସାହିତ କରିବା।

ସରକାରଙ୍କ ଏହି ଯୋଜନାର ଲାଭ ୧ ଅଗଷ୍ଟ ୨୦୨୫ ରୁ ୩୧ ଜୁଲାଇ ୨୦୨୭ ମଧ୍ୟରେ ଯୋଗ ଦେଉଥିବା କର୍ମଚାରୀମାନଙ୍କୁ



ଦିଆଯିବ। ଏହା ପରେ କିମ୍ବା ପୂର୍ବରୁ ଚାକିରିରେ ଯୋଗ ଦେଉଥିବା ଯୁବକମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ ନାହିଁ। ଏଥିପାଇଁ ସରକାର ୯୯,୪୪୬ କୋଟି ଟଙ୍କାର ବଜେଟ ମଧ୍ୟ ରଖିଛନ୍ତି।

କେବଳ କର୍ମଚାରୀମାନେ ଏହି ଯୋଜନାର ଲାଭ ପାଇବେ ନାହିଁ, ବରଂ କମ୍ପାନୀଗୁଡ଼ିକ ମଧ୍ୟ ପାଇବେ। ପ୍ରତି କର୍ମଚାରୀଙ୍କୁ ପ୍ରତି ମାସରେ ୩,୦୦୦ ଟଙ୍କା ଦିଆଯିବ। ସରକାର ଚାହାଁନ୍ତି ଯେ ଏହି ଯୋଜନା ମାଧ୍ୟମରେ ଅଧିକରୁ ଅଧିକ ଲୋକ ଚାକିରି ପାଆନ୍ତୁ। ନିଯୁକ୍ତି ସୁଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଏକ ଅଧିକ ସଂରଚିତ ଏବଂ ପ୍ରଭାବଶାଳୀ ଢାଞ୍ଚା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଏହି ଯୋଜନା ଅନୁଯାୟୀ, ପ୍ରଥମ ଥର ପାଇଁ ପ୍ରତି ମାସରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା କର୍ମଚାରୀମାନଙ୍କୁ ଏକ ମାସର ଇପିଏଫ୍ ଦରମା ସହିତ ସମାନ ପ୍ରୋତ୍ସାହନ ପ୍ରଦାନ କରାଯିବ। ଏହାର ସର୍ବାଧିକ ସୀମା ୧୫,୦୦୦ ଟଙ୍କା। ପ୍ରଥମ ଥର ପାଇଁ ପିଏଫ୍ ଆକାଉଣ୍ଟ ଖୋଲାଗଲେ ହିଁ ପ୍ରଥମ ଚାକିରିକୁ ବିଚାରକୁ ନିଆଯିବ। ଧରାଯାଉ ଆପଣ କୌଣସି ସ୍ଥାନରେ କାମ କରୁଛନ୍ତି, କିନ୍ତୁ ଆପଣଙ୍କର ପିଏଫ୍ କଟାଯାଇ ନାହିଁ।

ଅଗଷ୍ଟ ୧ରୁ ଯୋଜନା କାର୍ଯ୍ୟକାରୀ ହେବା ପରେ, ଆପଣ ପିଏଫ୍ ର ପରିସରକୁ ଆସିବା ମାତ୍ରେ, ଆପଣ ଏହି ଯୋଜନା ପାଇଁ ଯୋଗ୍ୟ ହୋଇଯିବେ। ଏହି ଟଙ୍କା ଦୁଇଟି କିସ୍ତିରେ ଦିଆଯିବ - ପ୍ରଥମ କିସ୍ତି ଛଅ ମାସ ପରେ ଏବଂ ଦ୍ୱିତୀୟ କିସ୍ତି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ସମାପ୍ତ କରିବା ପରେ ୧୨ ମାସ ପରେ ଦିଆଯିବ। ସରକାର ପ୍ରତି କର୍ମଚାରୀ ଆଧାରରେ କମ୍ପାନୀକୁ ଟଙ୍କା ମଧ୍ୟ ଦେବେ।

ସରକାର ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଥିବା ପ୍ରତ୍ୟେକ କର୍ମଚାରୀଙ୍କ ପାଇଁ ପ୍ରତି ମାସରେ କମ୍ପାନୀକୁ ୩,୦୦୦ ଟଙ୍କା ଦେବେ। ଯଦି ଜଣେ କର୍ମଚାରୀଙ୍କ ଦରମା ୧୦,୦୦୦ ଟଙ୍କା କିମ୍ବା ତା'ଠାରୁ କମ ହୁଏ, ତେବେ ସେହି ଅନୁପାତରେ ଟଙ୍କା ଦିଆଯିବ। ଯଦି ଦରମା ୨୦,୦୦୦ ଟଙ୍କାରୁ ୧ ଲକ୍ଷ ଟଙ୍କା ମଧ୍ୟରେ ହୁଏ, ତେବେ କମ୍ପାନୀ ପ୍ରତି କର୍ମଚାରୀଙ୍କ ପାଇଁ ୩,୦୦୦ ଟଙ୍କା ପାଇବ।

ତଥାପି, ସର୍ତ୍ତ ହେଉଛି ଯେ କମ୍ପାନୀଟି ଇପିଏଫ୍‌ଓ ଅଧୀନରେ ପଞ୍ଜୀକୃତ ହେବା ଉଚିତ। ଯଦି କମ୍ପାନୀରେ ୫୦ରୁ କମ କର୍ମଚାରୀ ଅଛନ୍ତି, ତେବେ ଏହି ଯୋଜନା ଅଧୀନରେ ଦୁଇଜଣ ନୂତନ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ପଡିବ ଏବଂ ଯଦି ୫୦ରୁ ଅଧିକ କର୍ମଚାରୀ ଅଛନ୍ତି, ତେବେ ୫ ଜଣ ନୂତନ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ପଡିବ, ଯେଉଁମାନେ ସଂସ୍ଥା ସହିତ ଅତି କମରେ ଛଅ ମାସ ପାଇଁ କାମ କରିବେ।

## ଲାହୋର ଯାଉଥିବା ବସକୁ ଅଟକାଇ ୯ ଯାତ୍ରୀଙ୍କୁ ହତ୍ୟା



**ଇସ୍‌ଲାମାବାଦ,୧୧।୭:** ଆକ୍ରମଣକାରୀମାନେ ପାକିସ୍ତାନରେ ଏକ ଚଳନ୍ତା ବସ୍ ଅଟକାଇ ୯ ଜଣ ଯାତ୍ରୀଙ୍କୁ ଅପହରଣ କରିଥିଲେ ଏବଂ ପରେ ସେମାନଙ୍କୁ ହତ୍ୟା କରିଥିଲେ । ଏହି ଦୁଃଖଦ ଘଟଣା ବେଲୁଚିସ୍ତାନର ଝୋବ ଅଞ୍ଚଳରେ ଘଟିଛି। ପାକିସ୍ତାନରଏକ ରିପୋର୍ଟ ଅନୁଯାୟୀ, ଏହା ବେଲୁଚିସ୍ତାନର ଏକ ଭୟଙ୍କର ଆତଙ୍କବାଦୀ ଘଟଣା, ଯେଉଁଠାରେ କଲେଟାରୁ ଲାହୋର ଯାଉଥିବା ଏକ ଯାତ୍ରୀବାହୀ ବସ୍ କୁ ଏନ୍-୪୦ ରୁଟରେ ସଶସ୍ତ୍ର ଆକ୍ରମଣକାରୀମାନେ ଅଟକାଇଥିଲେ । ଏହା ପରେ, ବନ୍ଧୁକଧାରୀମାନେ ବସ୍‌ରେ ଥିବା ଯାତ୍ରୀମାନଙ୍କ ପରିଚୟପତ୍ର ଯାଞ୍ଚ କରିଥିଲେ ଏବଂ ପଞ୍ଜାବ ପ୍ରଦେଶର ୯ ଜଣ ପୁରୁଷ ଯାତ୍ରୀଙ୍କୁ ବାଛି ଅପହରଣ କରିଥିଲେ। ପରେ ସେମାନଙ୍କୁ ହତ୍ୟା କରାଯାଇଥିଲା। ଅପହରଣ ହୋଇଥିବା ଅଧିକାଂଶ ଯାତ୍ରୀ ମଣ୍ଡି ବାହାଉଦ୍ଦିନ, ଗୁଜରାନୱାଲା ଏବଂ ୱାଜିରାବାଦର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି । ଅପହରଣର ଗୋଟିଏରୁ ଦେଢ଼ ଘଣ୍ଟା ମଧ୍ୟରେ ସେମାନଙ୍କ ମୃତଦେହ ନିକଟସ୍ଥ ଏକ ପାହାଡ଼ି ଅଞ୍ଚଳରେ ଏକ ବ୍ରିଜ୍ ତଳେ ମିଳିଥିଲା । ସମସ୍ତଙ୍କୁ ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା । ସ୍ଥାନୀୟ ଡେପୁଟି କମିଶନର ହବିବୁଲ୍ଲା ମୁସାଖେଲଙ୍କ ଅନୁଯାୟୀ, ଆକ୍ରମଣକାରୀଙ୍କ ସଂଖ୍ୟା ପ୍ରାୟ ୧୦ ରୁ ୧୨ ଥିଲା । ସେମାନେ ରକେଟ୍-ପ୍ରେପେଲ୍ଡ ଗ୍ରେନେଡ୍ ଏବଂ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ରରେ ସୁରକ୍ଷା ବାହିନୀ ଉପରେ ଆକ୍ରମଣ କରିଥିଲେ ଏବଂ ପରେ ପଳାଇ ଯାଇଥିଲେ । ସୁରକ୍ଷା ବାହିନୀ ପିଛା ଆରମ୍ଭ କରିଥିଲେ କିନ୍ତୁ ଆକ୍ରମଣକାରୀମାନେ ଏପର୍ଯ୍ୟନ୍ତ ଫେରାର୍ ଅଛନ୍ତି । ପାକିସ୍ତାନ ସରକାର ଏବଂ ବେଲୁଚିସ୍ତାନ ପ୍ରଶାସନ ଏହାକୁ ଏକ ସୁଚିନ୍ତିତ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି ଏବଂ ଏହାକୁ ଦୃଢ଼ ନିନ୍ଦା କରିଛନ୍ତି । ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି ଏବଂ ଖୁବ୍ ଶୀଘ୍ର ଦୋଷୀମାନଙ୍କୁ ଧରି କଠୋର ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଉଲ୍ଲେଖନୀୟ ଯେ ସରକାର ପୂର୍ବରୁ ଏନ୍-୭୦ ରୁଟରେ ରାତିରେ ଯାତ୍ରୀଙ୍କ ଯାତାୟାତକୁ ନିଷିଦ୍ଧ କରିଥିଲେ ଏବଂ ସୁରକ୍ଷା ପାଇଁ ମାନକ କାର୍ଯ୍ୟ ପ୍ରଣାଳୀ (ଏସ୍‌ଓପି) କାର୍ଯ୍ୟକାରୀ କରିଥିଲେ ।

### ଟେନିସ ଖେଳାଳିଙ୍କୁ ଗୁଳି କରି ହତ୍ୟା

## ରିଲ୍ସ ପାଇଁ ଝିଅର ଜୀବନ ନେଲା ବାପା

**ଚଣ୍ଡିଗଡ,୧୧।୭:** ଝିଅର ଇନଷ୍ଟାଗ୍ରାମ ରିଲ୍ସ ନିଶା ବାପାକୁ ପସନ୍ଦ ନଥିଲା । ବାରମ୍ବାର ମନା କରିବା ପରେ ବି ରିଲ୍ସ କରିବା ବନ୍ଦ ନକରିବାରୁ ଶେଷରେ ଝିଅକୁ ହତ୍ୟା କରିବାକୁ ପଛାଇଲା ନାହିଁ ବାପା । ଜାତୀୟ ସ୍ତରୀୟ ମହିଳା ଟେନିସ ଖେଳାଳିଙ୍କୁ ଗୁଳି କରି ହତ୍ୟା



କରିଛନ୍ତି ତାଙ୍କ ବାପା । ହରିୟାଣାର ଗୁରୁଗ୍ରାମରେ ଘଟିଛି ଏହି ହତ୍ୟାକାଣ୍ଡ ଘଟଣା । ମୃତକ ଜଣଙ୍କ ହେଉଛନ୍ତି ରାଧିକ ଯାଦବ । ଗୁରୁବାର ସକାଳ ୧୦ଟା ୩୦ ସମୟରେ ରାଧିକା ରୋଷେଇ ଘରେ କାମ କରୁଥିବା ବେଳେ ତାଙ୍କ ବାପା ଦୀପକ ଯାଦବ ଗୁଳ କରି ହତ୍ୟା କରିଥିଲେ ।

ରାଧିକା ପୂର୍ବରୁ ଏକ ଟେନିସ୍ ଏକାଡେମୀ ଚଲାଉଥିଲେ ଏବଂ ସୋସିଆଲ ମିଡିଆରେ ରିଲ୍ ଅପଲୋଡ୍ କରୁଥିଲେ। ତାଙ୍କ ବାପା ଦୀପକ ଏଥିରେ ଖୁସି ନଥିଲେ, କାରଣ ସେ ରିଲ୍ସ କରିବା ଯୋଗୁ ପରିବାରର ମାନସମ୍ମାନକୁ କ୍ଷତି ପହଞ୍ଚାଉଥିଲା ବୋଲି ଦୀପକ ଭାବନ୍ତି। ଅଭିଯୋଗ ଅନୁଯାୟୀ, ଦୀପକ ରାଧିକାଙ୍କୁ ତାଙ୍କ ଏକାଡେମୀ ବନ୍ଦ କରିବାକୁ ବାଧ୍ୟ କରୁଥିଲେ, କିନ୍ତୁ ରାଧିକା ଏପରି କରିବାକୁ ମନା କରିଥିଲେ। ଏହାକୁ ନେଇ ୱାଜିରାବାଦର ଗାଁ ଲୋକେ ଗାଳିଗୁଲଜ କରୁଥିବାରୁ ଦୀପକ ମାନସିକ ଚାପ ଦେଇ ଗତି କରୁଥିଲେ। ସେଥି ପାଇଁ ସେ ଝିଅକୁ ହତ୍ୟା କରିବାକୁ ଚିନ୍ତା କଲେ । ଗୁରୁବାର ସକାଳ ସମୟରେ ରାଧିକା ଘରେ ରୋଷେଇ କରୁଥିବା ସମୟରେ ତାଙ୍କ ବାପା ଗୁଳି ଚଳାଇଥିଲେ । ଫଳରେ ରାଧିକାଙ୍କ ପିଛିରେ 3ଟି ଗୁଳି ବାଜିଥିଲା। ଏହି ସମୟରେ ରାଧିକାଙ୍କ ମାଆ ମଞ୍ଜୁ ଯାଦବ ଜ୍ୱର ଯୋଗୁଁ ଅନ୍ୟ ଏକ କୋଠରୀରେ ବିଶ୍ରାମ ନେଉଥିଲେ । ଦୀପକ ଏବଂ ତାଙ୍କ ପରିବାର ପ୍ରଥମ ମହଲାରେ ରହୁଥିଲେ, ତାଙ୍କ ଭାଇ କୁଲଦୀପ ଏବଂ ତାଙ୍କ ପୁଅ ପୀୟୁଷ ତଳ ମହଲାରେ ରହୁଥିଲେ। ଗୁଳି ଫୁଟିବାର ଶବ୍ଦ ଶୁଣିବା ପରେ, ଦୀପକଙ୍କ ଭାଇ କୁଲଦୀପ ଘଟଣାସ୍ଥଳରେ ପହଞ୍ଚି ରାଧିକାକୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଦୀପକ ରାଧିକାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। କହିଛନ୍ତି ଯେ ତାଙ୍କ ଝିଅର ରୋଜଗାର ନେଇ ଗାଁ ଲୋକେ ତାଙ୍କୁ ଉପହାସ କରୁଥିଲେ। ରାଧିକା ରାଜ୍ୟ ସ୍ତରରେ ଅନେକ ଟ୍ରଫି ଜିତିଛନ୍ତି, କିନ୍ତୁ କାନ୍ଧରେ ଆଘାତ ପରେ ସେ ଖେଳ ଛାଡ଼ି ଦେଇଥିଲେ। ଗାଁ ଲୋକମାନେ ଦୀପକଙ୍କୁ ଉପହାସ କରୁଥିଲେ, କହୁଥିଲେ ଯେ ସେ ତାଙ୍କ ଝିଅର ରୋଜଗାରରେ ବଞ୍ଚୁଛନ୍ତି ଯାହା ତାଙ୍କୁ ଶୁଣିବାକୁ ଭଲ ଲାଗୁନଥିଲା ।

## ବିତ୍ତ ଷ୍ଟାଣ୍ଡିଂ କମିଟି ବୈଠକରେ ଅଧ୍ୟକ୍ଷତା କଲେ ଭର୍ତ୍ତୃହରି

**ନୂଆଦିଲ୍ଲୀ,୧୧।୭:** ଗୁରୁବାର ବସିଥିଲା ଅର୍ଥ ଷ୍ଟାଣ୍ଡି କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ।ବରିଷ୍ଠ ବିଜେପି ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତା

**ଭାରତୀୟ ଅର୍ଥନୀତି ଉପରେ ତଥ୍ୟ ରଖିଲେ ଆରବିଆଇ ଗଭର୍ଣ୍ଣର**



କରିଥିଲେ। ବୈଠକରେ ଆର୍‌ବିଆଇ ଭୂମିକା ପ୍ରସଙ୍ଗରେ ଆଭିମୁଖ୍ୟ ରଖିଥିଲେ। ପାଖାପାଖି ଦୁଇ ଘଣ୍ଟା ଧରି ବୈଠକ ଚାଲିଥିଲା। ଅର୍ଥ ଷ୍ଟାଣ୍ଡିଂ କମିଟିର ସଦସ୍ୟ ମାନେ ବିଭିନ୍ନ ପ୍ରଶ୍ନ ଆର୍‌ବିଆଇ ଗରର୍ଣ୍ଣରଙ୍କୁ ପଚାରିଥିଲେ। ବୈଠକ ପରେ ମହତାବ ଗଣମାଧ୍ୟମକୁ କହିଥଲେ ଆର୍‌ବିଆଇ ଗଭର୍ଣ୍ଣର ଦେଶର ଅର୍ଥନୀତି ଉପରେ ଉପସ୍ଥାପନ କରିଥିବା ତଥ୍ୟ ବିଶ୍ୱସନୀୟ ଥିଲା।

ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସଙ୍କେତ ଦେଇଥିଲେ ଯେ, ବିଶ୍ୱରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ସୁଦ୍ଧା ଭାରତର ଆର୍ଥିକ ପ୍ରଗତିରେ ତାହାର ବିଶେଷ ପ୍ରଭାବ ପଡିନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ଦେଶର ଅର୍ଥନୀତି ବିଶ୍ୱ ଅର୍ଥନୀତିରେ ତୃତୀୟ ସ୍ଥାନରେ ରହିବ । ସେ ପ୍ରସଙ୍ଗରେ ମଧ୍ୟ ଗଭର୍ଣ୍ଣର ତାଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ପୂର୍ବର ଦୁଇ ହଜାର ଟଙ୍କା ନୋଟ୍ ଏବେବି ଅଚଳ ହୋଇନାହିଁ । ତେବେ ଏହି କରେନ୍ସି ନୋଟ୍ ଆଉ ଛପାଯାଉ ନାହିଁ। ଦେଶର ଅର୍ଥନୀତିରେ ୧.୧୨ ଲକ୍ଷ ଜାଲ୍ ପାଞ୍ଚଶହ ଟଙ୍କିଆ ନୋଟ୍ ରହିଛି। ତେବେ ପ୍ରଚଳିତ ପାଞ୍ଚଶହ ଟଙ୍କିଆ ନୋଟ ତୁଳନାରେ ଏହାର ପରିମାଣ ନଗଣ୍ୟ ବୋଲି ସେ କହିଥିଲେ ।

## ଅବସର ନେବେ ପ୍ରଧାନମନ୍ତ୍ରୀ ମୋଦି!

**ନୂଆଦିଲ୍ଲୀ,୧୧।୭:** ବୁଧବାର ମହାରାଷ୍ଟ୍ରର ନାଗପୁରରେ ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ କହିଥିଲେ, 'ଯେତେବେଳେ ଆପଣ ୭୫ ବର୍ଷ ବୟସର ହୁଅନ୍ତି, ସେତେବେଳେ ଆପଣ ଅଟକି ଅନ୍ୟମାନଙ୍କ ପାଇଁ ରାସ୍ତା ତିଆରି କରିବା ଉଚିତ।' ଏହି ବିବୃତ୍ତି ଦିବଂଗତ ଆରଏସଏସ ଆଦର୍ଶବାଦୀ ମୋରୋପନ୍ତ ପିଙ୍ଗଲେଙ୍କ ପ୍ରତି ଉତ୍ସର୍ଗୀକୃତ ଏକ ପୁସ୍ତକ ଉନ୍ମୋଚନ ଅବସରରେ ଦିଆଯାଇଥିଲା। ଏହି ବିବୃତ୍ତି ପରେ, ବିରୋଧୀ ଦଳ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଷୟରେ ପ୍ରଶ୍ନ ଉଠାଇବା ଆରମ୍ଭ କରିଦେଇଥିଲେ। କଂଗ୍ରେସ ନେତା ଶମା ମହମ୍ମଦ କହିଥିଲେ, 'ଏହା ବିରୋଧୀ ଦଳ ଦ୍ୱାରା ନିଷ୍ପତ୍ତି ନିଆଯାଇନଥିଲା, ବରଂ ଭାଜପା ଦ୍ୱାରା ହିଁ ନିଷ୍ପତ୍ତି ନିଆଯାଇଥିଲା। ସେତେବେଳେ ମୁରଲୀ ମନୋହର ଯୋଶୀ ଏବଂ ଲାଲକୃଷ୍ଣ ଆଡଭାନୀଙ୍କ ଭଳି ବରିଷ୍ଠ ନେତା ଅବସର ନେଇଥିଲେ। ବର୍ତ୍ତମାନ ଯଦି ସମାନ ମାନଦଣ୍ଡ ପ୍ରୟୋଗ କରାଯାଏ, ତେବେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ସେପ୍ଟେମ୍ବର ୧୭ ରେ ୭୫ ବର୍ଷ ବୟସରେ ପଦାର୍ପଣ କରିବେ। ସେ କ'ଣ ଏବେ ଅବସର ନେବେ ବୋଲି ପ୍ରଶ୍ନ ଉଠିଛି। ' ଶିବସେନା (ଉଦ୍ଧବ ଠାକରେ ଗୋଷ୍ଠୀ) ରାଜ୍ୟ ସଭା ଏମପି ସଞ୍ଜୟ ରାଉତ ମଧ୍ୟ କହିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦି, ଲାଲକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଯୋଶୀ ଏବଂ ଜସଓ୍ୱନ୍ତ ସିଂହଙ୍କ ଭଳି ନେତାମାନଙ୍କୁ ୭୫ ବର୍ଷ ବୟସ ଅତିକ୍ରମ କରିବା ପରେ ବଳପୂର୍ବକ ଅବସର ଦେଇଥିଲେ। ଏବେ ଦେଖିବା ବାକି ଅଛି ଯେ ସେ ନିଜ ପାଇଁ ସମାନ ନିୟମ ଲାଗୁ କରନ୍ତି କି ନାହିଁ।'

## ରୁଷିଆ ସହ ଯୁଦ୍ଧରେ ୟୁକ୍ରେନକୁ ଯୁଦ୍ଧାସ୍ତ୍ର ଦେବେ ଟ୍ରମ୍ପ



**ୱାଶିଂଟନ,୧୧।୭:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଯିଏ ଥରେ ରୁଷିଆ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଦାବି କରିଥିଲେ, ଏବେ ୟୁକ୍ରେନକୁ ଅସ୍ତ୍ର ପଠାଇବାକୁ ଘୋଷଣା କରିଛନ୍ତି। ଗୁରୁବାର ଏକ ଆଲୋଚନାରେ ଟ୍ରମ୍ପ କହିଛନ୍ତି ଯେ ଆମେ ନାଟୋକୁ ଅସ୍ତ୍ର ପଠାଉଛୁ। ନାଟୋ ଏହି ଅସ୍ତ୍ରଗୁଡ଼ିକ ୟୁକ୍ରେନକୁ ଦେବ। ସୂଚନାଯୋଗ୍ୟ, ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପୂର୍ବରୁ ମଧ୍ୟ ଦାବି କରୁଥିଲେ ଯେ ଯଦି ସେ କ୍ଷମତାକୁ ଆସନ୍ତି, ତେବେ ସେ କିଛି ଦିନ ମଧ୍ୟରେ ରୁଷିଆ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବେ। ଟ୍ରମ୍ପ କ୍ଷମତାକୁ ଆସିଲେ, କିନ୍ତୁ ଯୁଦ୍ଧ ଜାରି ରହିଲା। ଟ୍ରମ୍ପ ପ୍ରଥମେ ୟୁକ୍ରେନ ଏବଂ ତା'ପରେ ରୁଷିଆ ଉପରେ ବିଭିନ୍ନ ଉପାୟରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହା କାମ କରିନଥିଲା। ଦୁଇ ଦେଶ ମଧ୍ୟରେ ଶାନ୍ତି ଆଲୋଚନାରେ କୌଣସି ଅଗ୍ରଗତି ନହେବାରୁ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପ୍ରତି ନିରାଶା ପ୍ରକାଶ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ସେ ସୋମବାର ରୁଷିଆ ଉପରେ ଏକ ବଡ଼ ବିବୃତ୍ତି ଦେବାକୁ ଯାଉଛନ୍ତି। ତଥାପି, ଏହା କ'ଣ ସେ ବିଷୟରେ ସୂଚନା ଦେଇ ନାହାଁନ୍ତି। ଟ୍ରମ୍ପ ଏନବିସି ନ୍ୟୁଜକୁ କହିଛନ୍ତି, 'ଆମେରିକା ନାଟୋକୁ ଅସ୍ତ୍ର ପଠାଇବ ଏବଂ ନାଟୋ ଆମକୁ ସେହି ଅସ୍ତ୍ର ପାଇଁ ଦେୟ ଦେବ। ନାଟୋ ଏହି ଅସ୍ତ୍ରଗୁଡ଼ିକ ୟୁକ୍ରେନକୁ ଦେବ, ଯାହା ଦ୍ୱାରା ୟୁକ୍ରେନ ରୁଷିଆର ଅଗ୍ରଗତି ବିରୁଦ୍ଧରେ ପ୍ରତିରକ୍ଷା କରିପାରିବ।' ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ କ'ଣ ହେବ ସେ ବିଷୟରେ ସ୍ପଷ୍ଟ ସୂଚନା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ, କିନ୍ତୁ ଏହା ବିଶ୍ୱାସ କରାଯାଉଛି ଯେ ୟୁକ୍ରେନ ପ୍ରତିରକ୍ଷାମୂଳକ ପାଟ୍ରିଅଟ କ୍ଷେପଣାସ୍ତ୍ର ଏବଂ ମଧ୍ୟମ ଦୂରଗାମୀ ଆକ୍ରମଣକାରୀ ରକେଟ ପାଇପାରିବ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଅସ୍ତ୍ରଶସ୍ତ୍ରର ମୋଟ ମୂଲ୍ୟ ୩୦୦ ନିୟୁତ ଡଲାର ପର୍ଯ୍ୟନ୍ତ ହୋଇପାରେ। ଟ୍ରମ୍ପ ରାଷ୍ଟ୍ରପତିଙ୍କ ସମାନ କ୍ଷମତା ବ୍ୟବହାର କରି ୟୁକ୍ରେନକୁ ଅସ୍ତ୍ର ପଠାଇବାକୁ ଯାଉଛନ୍ତି, ଯାହା ଜୋ ବାଇଡେନ ବ୍ୟବହାର କରିଥିଲେ। ଜୋ ବାଇଡେନଙ୍କୁ ୟୁକ୍ରେନର ଜଣେ ଦୃଢ଼ ସମର୍ଥକ ଭାବରେ ବିବେଚନା କରାଯାଉଥିଲା ଏବଂ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଆମେରିକାର ଭଣ୍ଡାରରୁ ଅନେକ ଅସ୍ତ୍ରଶସ୍ତ୍ର ୟୁକ୍ରେନରେ ପହଞ୍ଚିଥିଲା।

## ଦିଲ୍ଲୀରେ ୨ ଦିନରେ ଦୁଇ ଥର ଭୂମିକମ୍ପ

**ନୂଆଦିଲ୍ଲୀ,୧୧।୭:** ଆଜକୁ ମିଶାଇ ଦୁଇ ଦିନ ହେଲା ରାଜଧାନୀ ଦିଲ୍ଲୀରେ ଭୂମିକମ୍ପ ହୋଇଛି। ଗୁରୁବାର ସକାଳେ ମୃଦୁ ଭୂମିକମ୍ପର ଥରିଥିଲା ରାଜଧାନୀ ଦିଲ୍ଲୀ। ଆଉ ଆଜି(ଶୁକ୍ରବାର) ସନ୍ଧ୍ୟା ୭.୪୯ ସମୟରେ ପୁଣି ଥରେ ଭୂମିକମ୍ପ ହୋଇଛି। ପୁଣିଥରେ ହରିଆଣାର ଝଜ୍ଜର ହିଁ ଭୂମିକମ୍ପର କେନ୍ଦ୍ରବିନ୍ଦୁ ହୋଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ୭.୪୯ ସମୟରେ ହରିୟାଣାର ଝାଜ୍ଜରରେ ୩.୭ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ଭୂମିକମ୍ପ ୧୦ କିଲୋମିଟର ଗଭୀରତାରେ ସଂଗଠିତ ହୋଇଥିଲା। ରାଜଧାନୀରୁ ପ୍ରାୟ ଠାରୁ ଝଜ୍ଜରର ଦୂରତା ୬୦ କିଲୋମିଟର ରହିଛି। ଗୋଟିଏ ଦିନ ପୂର୍ବରୁ, ଗୁରୁବାର ସକାଳେ, ସକାଳ ୯.୦୪ ସମୟରେ ସେହି ସମାନ ଅଞ୍ଚଳରେ ୪.୪ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହାର ବି କେନ୍ଦ୍ରସ୍ଥଳ ଥିଲା ଝଜ୍ଜର। ଭୂମି କମ୍ପ କିଛି ସେକେଣ୍ଡ ପାଇଁ ହେବାରୁ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବିଶେଷଜ୍ଞଙ୍କ କହିବା କଥା ହେଲା ମୁଖ୍ୟ ଭୂମିକମ୍ପ ପରେ ପରବର୍ତ୍ତି ଝଟକା ସାଧାରଣ ଏବଂ ଏହା କିଛି ଦିନ ପର୍ଯ୍ୟନ୍ତ ଜାରି ରହିପାରେ। ସାଧାରଣତଃ, ଏଗୁଡ଼ିକ ମୂଳ କମ୍ପନ ଅପେକ୍ଷା କମ୍ ତୀବ୍ରତାର ହୋଇଥାଏ। ବିଶେଷଜ୍ଞମାନେ ଏହାକୁ ଏକ ପଜିଟିଭ ସଙ୍କେତ ବୋଲି ବିବେଚନା କରନ୍ତି। କାରଣ ଏହା ବିଲ୍ଟ-ଅପ୍ ଟେକ୍ଟୋନିକ୍ ଶକ୍ତିର ଧୀରେ ଧୀରେ ମୁକ୍ତ ହେବାକୁ ଦର୍ଶାଇଥାଏ। ଯାହ ଏକ ବଡ଼ ଘଟଣାର ଆଶଙ୍କା ହ୍ରାସ କରେ।

## ସାଂସଦ ପଦ ମୋହ ଛାଡ଼ିଲେ କଙ୍ଗନା



**ନୂଆଦିଲ୍ଲୀ,୧୧।୭:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ହିମାଚଳ ପ୍ରଦେଶର ମଣ୍ଡି ଆସନ କଂଗ୍ରେସଠାରୁ ଛଡ଼ାଇ ନେଇ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ହାତକୁ ନେଇଥିଲେ । ସେ ହିମାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ସିଟିଂ ମନ୍ତ୍ରୀ ବିକ୍ରମାଦିତ୍ୟ ସିଂହଙ୍କୁ ୭୪ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ । ମଣ୍ଡିରୁ ସାଂସଦ ହେବାର ୧୩ ମାସ ପରେ କଙ୍ଗନା ରାଜନୀତିରେ ଆଗ୍ରହ କମାଇଦେବା ଭଳି ମନେ ହେଉଛି । ତାଙ୍କର ଏକ ଝଲକ ବର୍ତ୍ତମାନ ସାକ୍ଷାତକାରରେ ସାମ୍ନାକୁ ଆସିଛି । କଙ୍ଗନା ଏକ ସାକ୍ଷାତକାରରେ କହିଛନ୍ତି ରାଜନୀତି ଏକ ବହୁତ ମହଙ୍ଗା ସଉକ । ଯଦି ଆପଣ ଜଣେ ସାଂସଦ, ତେବେ ଆପଣ ଏହାକୁ ଏକ ବୃତ୍ତି ଭାବରେ ଗ୍ରହଣ କରିପାରିବେ ନାହିଁ କାରଣ ଆପଣଙ୍କୁ ଚାକିରି ଆବଶ୍ୟକ, ଯଦି ଆପଣ ଜଣେ ସଚ୍ଚୋଟ ବ୍ୟକ୍ତି। ଜଣେ ଅଭିନେତା ଭାବରେ ତାଙ୍କର ଏକ ସଫଳ କ୍ୟାରିଅର ରହିଛି ଏବଂ ମୁଁ ଭାବୁଛି ଯେ ଆପଣ ଏଠାରେ ଆପଣଙ୍କର ରୋଷେୟା ଏବଂ ଡ୍ରାଇଭର ରଖିବା ପାଇଁ ଯାହା ଦରମା ପାଆନ୍ତି, ପ୍ରକୃତରେ ଆପଣଙ୍କ ପାଖରେ କେବଳ ୫୦ ହଜାରରୁ ୬୦ହଜାର ଟଙ୍କା। ତାହା ହେଉଛି ଜଣେ ସାଂସଦ ଭାବରେ ଆପଣଙ୍କର ଦରମା। ଭାରତରେ ଜଣେ ସାଂସଦଙ୍କ ଦରମା ପ୍ରାୟ ୧.୨୪ଲକ୍ଷ ଟଙ୍କା । ଯଦି ତାଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀର କୌଣସି ସ୍ଥାନକୁ କିଛି କର୍ମଚାରୀଙ୍କ ସହିତ ଯିବାକୁ ପଡ଼େ ଏବଂ ସେମାନଙ୍କ ସହିତ କାରରେ ଯାତ୍ରା କରିବାକୁ ପଡିଥାଏ ତେବେ ଖର୍ଚ୍ଚ ଲକ୍ଷ ଲକ୍ଷ ଟଙ୍କାରେ ପହଞ୍ଚିଯାଏ।

## ପଶ୍ଚିମବଙ୍ଗରେ ୨ ଟିଏମ୍‌ସି ନେତାଙ୍କୁ ହତ୍ୟା

**କୋଲକାତା,୧୧।୭:** ତୃଣମୂଳ କଂଗ୍ରେସ (ଟିଏମସି) ନେତା ରଜ୍ଜାକ ଖାନଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି । ସେ ଗୁରୁବାର ରାତିରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଭାଙ୍ଗୋରରେ ଥିବା ନିଜ ଘରକୁ ଫେରୁଥିଲେ। ସ୍ଥାନୀୟ ଲୋକଙ୍କ ଅନୁସାରେ, ଦୁର୍ବୃତ୍ତମାନେ ରାସ୍ତା କଡ଼ରେ ଥିବା ବୁଦାରେ ଲୁଚି ରହିଥିଲେ ଏବଂ ତାଙ୍କୁ ଅପେକ୍ଷା କରିଥିଲେ। ରଜ୍ଜାକଙ୍କ ବାଇକ୍ କାଶୀପୁରର ବିଜୟଗଞ୍ଜରେ ପହଞ୍ଚିବା ମାତ୍ରେ ଦୁର୍ବୃତ୍ତମାନେ ବୁଦାରୁ ବାହାରି ତାଙ୍କ ଉପରେ ଗୁଳି ମାଡ଼ କରିଥିଲେ । ଗୁରୁତର ଅବସ୍ଥାରେ ଗାଡ଼ିରୁ ତଳେ ପଡ଼ିଯାଇଥିଲେ ରଜ୍ଜାକ । ଏହା ପରେ ତାଙ୍କ ଉପରେ ଧାରୁଆ ଅସ୍ତ୍ରରେ ମଧ୍ୟ ଆକ୍ରମଣ କରିଥିଲେ ଦୁର୍ବୃତ୍ତ । ଘଟଣା ପରେ କୋଲକାତା ପୁଲିସ କମିଶନର ମନୋଜ ବର୍ମା ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ସେ ପ୍ରଥମେ ଅପରାଧୀମାନଙ୍କୁ ଖୋଜିବା ପାଇଁ ସନ୍ଧାନୀ କୁକୁର ନିୟୋଜିତ କରିଥିଲେ । ଏହା ସହ ଘଟଣାସ୍ଥଳକୁ ଘେରାବନ୍ଦୀ କରାଯାଇଛି । ଟିଏମସି ନେତାମାନେ ଦାବି କରିଛନ୍ତି ଯେ, ଏହା ଇଣ୍ଡିଆନ୍ ସେକୁଲାର ଫ୍ରଣ୍ଟର ଲୋକଙ୍କ କାମ । ହତ୍ୟାକାଣ୍ଡରେ ଏପର୍ଯ୍ୟନ୍ତ ଦୁଇ ଜଣଙ୍କୁ ଅଟକ ରଖାଯାଇଛି । ରଜ୍ଜାକ ଖାନଙ୍କ ହତ୍ୟା ପଶ୍ଚିମବଙ୍ଗ ରାଜନୀତିରେ ଝଡ଼ ସୃଷ୍ଟି କରିଛି । ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ହତ୍ୟାକଣ୍ଡରେ କାହାର ହାତ ଅଛି ଜାଣିବାକୁ ସମସ୍ତେ ଚାହିଁ ରହିଛନ୍ତି ।

# ମା'-ବାପାଙ୍କ ଶେଷଇଚ୍ଛା ପୂରଣ ପାଇଁ ନିର୍ମାଣ କଲେ ୧୦ କୋଟିର ମନ୍ଦିର

**ଛପରା,୧୧।୭:** ବିହାରର ଛପରା ଜିଲାର ନୈନି ଗ୍ରାମରେ ଏକ ଅତ୍ୟନ୍ତ ସୁନ୍ଦର ଏବଂ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ଏହା ଏବେ ଭକ୍ତଙ୍କ ମଧ୍ୟରେ ବିଶ୍ୱାସ ଏବଂ ଆକର୍ଷଣର କେନ୍ଦ୍ର ପାଲଟିଛି। ବିଶେଷ କଥା ହେଉଛି, ଏହି ମନ୍ଦିର କୌଣସି ଟ୍ରଷ୍ଟ କିମ୍ବା ଅନୁଷ୍ଠାନ ଦ୍ୱାରା ନିର୍ମିତ ନୁହେଁ, ବରଂ ଏକ ପୁଅ ନିଜସ୍ୱ ଭାବରେ ତାଙ୍କ ମାତାପିତାଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ନିର୍ମାଣ କରିଛି। ଏହି ମନ୍ଦିରର ମୋଟ ଖର୍ଚ୍ଚ ପ୍ରାୟ ୯ ରୁ ୧୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି।

ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ଏହାର ନିର୍ମାଣରେ ସିମେଣ୍ଟ, ରଡ କିମ୍ବା ବାଲି ବ୍ୟବହାର କରାଯାଇ



ନାହିଁ। ମନ୍ଦିରଟି ସମ୍ପୂର୍ଣ୍ଣ ପଥରରେ ନିର୍ମିତ, ଯାହାକୁ ଆଗ୍ରା, ରାଜସ୍ଥାନ, କେରଳ ଭଳି ରାଜ୍ୟରୁ ଅଣାଯାଇଛି। ମହଙ୍ଗା ଏବଂ ଦୃଢ଼ ପଥରରେ ନିର୍ମିତ ଏହି ମନ୍ଦିର ସ୍ଥାପତ୍ୟ ଏବଂ କାରିଗରୀର ଏକ ଉତ୍କୃଷ୍ଟ ଉଦାହରଣ। ଏହି ମନ୍ଦିର 'ନୈନି ଦ୍ୱାରକାଧୀଶ ମନ୍ଦିର' ଭାବରେ ଜଣାଶୁଣା ଏବଂ ଏହାର ଖ୍ୟାତି ଦିନକୁ ଦିନ ବୃଦ୍ଧି ପାଉଛି।

ଏହି ମହାନ ମନ୍ଦିରରେ, ପାଞ୍ଚ ପ୍ରମୁଖ ଦେବତାଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି - ଭଗବାନ ଦ୍ୱାରକାଧୀଶ (କୃଷ୍ଣ), ମା' ଦୁର୍ଗା, ଗଣେଶ ଜୀ, ଭଗବାନ ଶିବ ଏବଂ ବଜରଙ୍ଗବାଲୀ (ହନୁମାନ ଜୀ)। ଭକ୍ତମାନେ ଏଠାକୁ ଦୂରଦୂରାନ୍ତରୁ ଦର୍ଶନ ପାଇଁ ଆସିଥାନ୍ତି। ଏବେ ବିହାର ବ୍ୟତୀତ ଉତ୍ତର ପ୍ରଦେଶ ଏବଂ ଝାଡ଼ଖଣ୍ଡ ଭଳି ଅନ୍ୟ ରାଜ୍ୟରୁ ମଧ୍ୟ ଲୋକମାନେ ଏଠାକୁ ଆସିବା ଆରମ୍ଭ କରିଛନ୍ତି।

ଏହି ମନ୍ଦିର ପଛର କାହାଣୀ ମଧ୍ୟ ବହୁତ ଭାବପ୍ରବଣ। ନୈନି ଗାଁର ବାସିନ୍ଦା ରାଜୀବ ସିଂହ ତାଙ୍କ ପିତାମାତାଙ୍କ ସ୍ମୃତିରେ ଏହି ମନ୍ଦିର ନିର୍ମାଣ କରିଛନ୍ତି। ମନ୍ଦିରର ପୂଜକ ମନୀଷ କୁମାର ମିଶ୍ରଙ୍କ ଅନୁଯାୟୀ, ରାଜୀବ ସିଂହଙ୍କ ପିତାମାତା ଏକ ମନ୍ଦିର ନିର୍ମାଣ କରିବାର ସ୍ୱପ୍ନ ଦେଖିଥିଲେ ଏବଂ ଏହାର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ, ଭିତ୍ତିପ୍ରସ୍ତର ସ୍ଥାପନ କରିବାର କିଛି ଦିନ ପରେ ଉଭୟଙ୍କ ମୃତ୍ୟୁ ହୋଇଥିଲା।

ଏହା ପରେ, ପୁଅ ରାଜୀବ ସିଂହ ପ୍ରତିଜ୍ଞା କଲେ ଯେ, ସେ ଯେକୌଣସି ମୂଲ୍ୟରେ ତାଙ୍କ ମାତାପିତାଙ୍କ ଅପୂର୍ଣ୍ଣ ଇଚ୍ଛା ପୂରଣ କରିବେ। ରାଜୀବ ସିଂହ ଗୁଜରାଟରେ ଏକ ବ୍ୟବସାୟ ସ୍ଥାପନ କରିଛନ୍ତି ଏବଂ ତାଙ୍କର ସମଗ୍ର ପରିବାର ସେଠାରେ ରୁହନ୍ତି, କିନ୍ତୁ ସେ ତାଙ୍କ ଗାଁରେ ଏପରି ଏକ କାମ କରିଛନ୍ତି, ଯାହାକୁ ଲୋକମାନେ ବର୍ଷ ବର୍ଷ ଧରି ମନେ ରଖିବେ।

ଏହି ମନ୍ଦିର କେବଳ ଇଟା ଏବଂ ପଥରର ଏକ ମନ୍ଦିର ନୁହେଁ, ବରଂ ତାଙ୍କ ପିତାମାତାଙ୍କ ପ୍ରତି ପୁଅର ଭକ୍ତି ଏବଂ ସମର୍ପଣର ପ୍ରତୀକ ପାଲଟିଛି। ଏହା ପ୍ରମାଣିତ କରେ ଯେ, ଯଦି କୌଣସି କାର୍ଯ୍ୟ ସଚ୍ଚା ହୃଦୟରେ ଆରମ୍ଭ କରାଯାଏ, ତେବେ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିବ।

# ବୁମ୍ରାଙ୍କୁ ୫ ୱିକେଟ୍: ଇଂଲଣ୍ଡ ୩୮୭ରେ ଅଲ୍ଆଉଟ୍

**ଲର୍ଡ୍ସ,୧୧।୭:** ଚଳିତ ଲର୍ଡ୍ସ ଟେଷ୍ଟର ଦ୍ୱିତୀୟ ଦିନରେ ଘରୋଇ ଇଂଲଣ୍ଡ ତା'ର ପ୍ରଥମ ଇନିଂସକୁ ୩୮୭ ରନ୍‌ରେ ଶେଷ କରିଛି। ପ୍ରଥମ ଦିନରେ ୪ ୱିକେଟ୍ ବିନିମୟରେ ୨୫୧ ରନ୍ କରିଥିବା ଇଂଲଣ୍ଡ ଆଜି ଅବଶିଷ୍ଟ ୬ ୱିକେଟ୍‌ରେ ଏଥିରେ ୧୩୬ ରନ୍ ଯୋଡ଼ିପାରିଛି। ଭାରତ ପକ୍ଷରୁ ଦଳକୁ

**ଲର୍ଡ୍ସ ଟେଷ୍ଟ୍**
**ଭାରତ ୧୪୫/୩**

ପ୍ରତ୍ୟାବର୍ତ୍ତନ କରିଥିବା ଜସପ୍ରୀତ୍ ବୁମ୍ରା ସର୍ବାଧିକ ୫ଟି ୱିକେଟ୍ ନେଇ ଇଂଲଣ୍ଡକୁ ବଡ଼ ସ୍କୋର୍ କରିବାରୁ ବଞ୍ଚିତ କରିଛି। ସେହିପରି ଆଜିର ଖେଳ ଶେଷ ବେଳକୁ ଭାରତ ତା'ର ପ୍ରଥମ ଇନିଂସରେ ୩ ୱିକେଟ୍ ହରାଇ ୧୪୫ ରନ୍ କରିଛି। ଦଳ ପକ୍ଷରୁ ଓପନର ଲୋକେଶ ରାହୁଲ୍ ୫୩ ଓ ଋଷଭ ପନ୍ତ୍ ୧୯ ରନ୍ କରି ଅପରାଜିତ ଅଛନ୍ତି।



ଗତକାଲି ୯୯ ରନ୍‌ରେ ଅପରାଜିତ ଥିବା ଜୋ ରୁଟ୍ ଶତକ ହାସଲ କରିବା ପରେ ବ୍ୟକ୍ତିଗତ ଭାବେ ୧୦୪ ରନ୍‌ରେ ବିଦାୟ ନେଇଥିଲେ। ପ୍ରଥମ ଘଣ୍ଟାକ ମଧ୍ୟରେ ବୁମ୍ରା ଘାତକ ବୋଲିଂ ରୁଟ୍‌ଙ୍କ ସମେତ ୩ ଜଣ ଇଂଲିଶ୍ ବ୍ୟାଟ୍ସମ୍ୟାନ୍‌ଙ୍କୁ ବିଦା କରିଦେଇଥିଲେ। ସେ ଷ୍ଟୋକ୍ସଙ୍କୁ ଆଉଟ୍ କରିଥିଲେ ଓ ପରେ ରୁଟ୍‌ଙ୍କ ସହ କ୍ରିସ୍ ଓକ୍ସଙ୍କୁ ଆଉଟ୍ କରିଥିଲେ। ଷ୍ଟୋକ୍ସ ୪୪ ରନ୍ କରି ଆଉଟ୍ ହେବା ଫଳରେ ପଞ୍ଚମ ୱିକେଟ୍‌ରେ ୮୮ ରନ୍‌ର ଭାଗୀଦାରୀରେ ବ୍ରେକ୍ ଲାଗିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେମି ସ୍ମିଥ୍ ଓ ବ୍ରାଇଡେନ୍ କାର୍ସ ଅର୍ଦ୍ଧଶତକୀୟ ଇନିଂସ ଖେଳି ଇଂଲଣ୍ଡ ଇନିଂସକୁ ଆଗକୁ ନେଇଥିଲେ। ସ୍ମିଥ୍ ୫୧ ଓ କାର୍ସ ଅନ୍ତିମ ୱିକେଟ୍ ଭାବେ ଆଉଟ୍ ହେବା ପୂର୍ବରୁ ୬ଟି ଚୌକା ଓ ଗୋଟିଏ ଛକା ସହ ୫୬ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ବୁମ୍ରାଙ୍କ ବ୍ୟତୀତ ମହମ୍ମଦ ସିରାଜ୍ ଓ ନୀତୀଶ କୁମାର ରେଡ୍ଡୀ ୨ଟି ଲେଖାଏଁ ଏବଂ ଅନ୍ୟ ୱିକେଟ୍‌ଟି ରବୀନ୍ଦ୍ର ଜାଡେଜା ନେଇଥିଲେ। ସେହିପରି ଭାରତର ପ୍ରଥମ ଇନିଂସରେ ଓପନର ଯଶସ୍ୱୀ ଜୈସ୍ୱାଲ୍ ୧୩, କରୁନ୍ ନାୟର୍ ୪୦ ଓ ଅଧିନାୟକ ଶୁବମାନ ଗିଲ୍ ୧୬ ରନ୍ କରି ଆଉଟ୍ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ, ଜୋଫ୍ରା ଆର୍ଚର୍ ଓ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ପ୍ରଥମ ଥର ଲର୍ଡସ୍‌ରେ ଘଣ୍ଟି ବଜାଇଲେ ସଚିନ



ନୂଆଦିଲ୍ଲୀ, ୧୧।୭: କିଂବଦନ୍ତି ଭାରତୀୟ କ୍ରିକେଟର୍ ସଚିନ ତେନ୍ଦୁଲକର ପ୍ରଥମ ଥର ଲାଗି ଐତିହାସିକ ଲର୍ଡସ କ୍ରିକେଟ୍ ପଡ଼ିଆରେ ଘଣ୍ଟି ବଜାଇଛନ୍ତି। ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫିର ଗୁରୁବାର ଭାରତ-ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଏହି ଉତ୍ସବ ପାଳନ ହୋଇଥିଲା। କ୍ରିକେଟ୍‌ର ଘର ଭାବେ ପରିଚିତ ଏହି ପଡ଼ିଆର ସ୍ୱତନ୍ତ୍ର ପରମ୍ପରାରେ ସଚିନ ୫ ମିନିଟ୍ ଧରି ଘଣ୍ଟି ବଜାଇ ନୂଆ ଇତିହାସ ରଚିଥିଲେ। ଲର୍ଡସ ପାଭିଲିୟନ୍‌ର ବୋଲର୍ ବାର୍ସ ବାହାରେ ରହିଥିବା ଏହି ଘଣ୍ଟିକୁ ୨୦୦୭ରୁ କ୍ରିକେଟ୍‌ର ମହାନ ଖେଳାଳି, ଅଧିକାରୀ ଓ କ୍ରୀଡ଼ା କିଂବଦନ୍ତି ବଜାଇବାର ପରମ୍ପରା ରହିଛି। ହେଲେ ସଚିନ କେବେ ବି ଏହି ଉତ୍ସବରେ ଯୋଗଦେବାର ସୁଯୋଗ ପାଇ ନଥିଲେ। ଏବେ ଲର୍ଡସରେ ସଚିନ ଘଣ୍ଟି ବଜାଇବାରେ ସାର୍ ଭିଭିଆନ୍ ରିଚାର୍ଡ୍ସ, ସାର୍ ଇଆନ୍ ବୋଥାମ, ସେନ୍ ୱର୍ଣ୍ଣ, ସୁନିଲ ଗାଭାସ୍କର, ରାହୁଲ ଦ୍ରାବିଡ଼ ଓ କପିଳ ଦେବଙ୍କ କ୍ଲବ୍‌ରେ ସାମିଲ ହୋଇଛନ୍ତି।

# ଫିଫା ମାନ୍ୟତାରେ ୯ ବର୍ଷରେ ସର୍ବନିମ୍ନ

**ଭାରତକୁ ଝଟ୍‌କା**

ନୂଆଦିଲ୍ଲୀ, ୧୧।୭: ଭାରତୀୟ ଫୁଟ୍‌ବଲ୍ ଦୁନିଆକୁ ଗୁରୁବାର ଶକ୍ତ ଝଟ୍‌କା ଲାଗିଛି। ୯ ବର୍ଷରେ ଭାରତର ଫିଫା ମାନ୍ୟତା ସର୍ବନିମ୍ନ ସ୍ତରକୁ ଚାଲିଯାଇଛି। ଗୁରୁବାର ପ୍ରକାଶିତ ମାନ୍ୟତା ତାଲିକାରେ ଭାରତ ୬ ସ୍ଥାନ ତଳକୁ ଖସି ୧୩୩ରେ ପହଞ୍ଚିଯାଇଛି। ଶେଷ ଥର ପାଇଁ ଭାରତ ୨୦୧୬ରେ ୧୩୫ତମ ସ୍ଥାନରେ ପହଞ୍ଚିଥିଲା। ୧୯୯୬ରେ ଦେଶର ଶ୍ରେଷ୍ଠ ମାନ୍ୟତା ୯୪ରେ ପହଞ୍ଚିଥିଲା। ଅନ୍ତର୍ଜାତୀୟ ଫ୍ରେଣ୍ଡ୍‌ଲିରେ ୦-୨ରେ ଥାଇଲାଣ୍ଡଠାରୁ ପରାଜୟ ସହିତ ଏସୀୟ କପ୍ ଯୋଗ୍ୟତା ପର୍ଯ୍ୟାୟରେ ୦-୧ରେ ହଂକଂଙ୍କଠାରୁ ପରାଜୟ ଦଳକୁ ବହୁ ତଳକୁ ନେଇଯାଇଛି। ଶେଷ ୮ ମ୍ୟାଚ୍‌ରୁ ମାତ୍ର ଗୋଟିଏ ବିଜୟ ଫଳରେ ଭାରତର ଏସୀୟ କପ୍ ଯୋଗ୍ୟତା ମଧ ଏବ ବଂଧୁର ପଥରେ ରହିଛି। ଏକମାତ୍ର ବିଜୟ ମାର୍ଚ୍ଚ ମାସରେ ମାଳଦ୍ୱୀପ ବିପକ୍ଷରୁ ମିଳିଥିଲା।

## 'ଏ' ହକି: ଆୟର୍ଲାଣ୍ଡକୁ ହରାଇଲା ଭାରତ

ଇଣ୍ଡୋଭେନ୍, ୧୧।୭: ୟୁରୋପ ଗସ୍ତରେ ଥିବା ଭାରତୀୟ-'ଏ' ହକି ଦଳର ବିଜୟ ଧାରା ଜାରି ରହିଛି। ନେଦରଲାଣ୍ଡ୍‌ସର ଇଣ୍ଡୋଭେନ୍‌ରେ ଖେଳାଯାଇଥିବା ଆୟର୍ଲାଣ୍ଡ ବିପକ୍ଷ ଦୁଇଟି ଯାକ ମ୍ୟାଚ୍ ଜିତି ନେଇଛି ଭାରତ। ପ୍ରଥମ ମ୍ୟାଚ୍‌କୁ ୬-୧ରେ ଜିତିଥିବା ଭାରତ ଗୁରୁବାର ଦ୍ୱିତୀୟକୁ ୬-୦ ଗୋଲ୍‌ରେ ଜିତି ନେଇଛି। ପୁଣି ଥରେ ଉତ୍ତମ ସିଂହଙ୍କ ଗୋଲ୍‌ରୁ ଭାରତ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଅଧିନାୟକ ସଂଜୟ ଗୋଟିଏ ଏବଂ ମହମ୍ମଦ ରାହିଲ ମୌସିନ ଲଗାତାର ଦୁଇଟି ଗୋଲ୍ ଲଦି ଦେଇଥିଲେ। ଶେଷରେ ଓଡ଼ିଆ ପୁଅ ଅମନଦୀପ ଲାକ୍ରା ଓ ବରୁଣ କୁମାର ଗୋଟିଏ ଲେଖାଏଁ ଗୋଲ୍ ଦେଇ ବିଜୟ ମୁଣ୍ଡି ମାରିଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ଫ୍ରାନ୍ସକୁ ଭେଟିବ।

# ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶାରୁ ରେକର୍ଡ ପ୍ରତିଯୋଗୀ

**ଭାରତୀୟ ବିଶ୍ୱବିଦ୍ୟାଳୟ ମଧରେ କିଟ୍‌ରୁ ସର୍ବାଧିକ**

**ଚୀନରେ କରିଥିବା କୀର୍ତ୍ତିମାନକୁ ଜର୍ମାନୀରେ ଟପିବା ଆଶା**

**ଭୁବନେଶ୍ୱର,୧୧।୭ (ସଂଚାର ବ୍ୟୁରୋ):** ଜର୍ମାନୀର ରାଇନ-ରୁର୍‌ଠାରେ ଚଳିତ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶାରୁ ରେକର୍ଡ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପୂର୍ବର ସବୁ କୀର୍ତ୍ତିମାନକୁ ଭାଙ୍ଗି ଏଥର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ୪୨ଜଣ ପିଲା ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେଥିମଧ୍ରୁ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ମଧରେ କିଟ୍‌ରୁ ସର୍ବାଧିକ ୪୦ ପ୍ରତିଯୋଗୀ ଥିଲା ବେଳେ ସମ୍ବଲପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ଲେଖାଏଁ ଖେଳାଳି ରହିଛନ୍ତି। ବଡ଼ କଥା ହେଲା ଏହି ବହୁରାଷ୍ଟ୍ରୀୟ ତଥା ସମ୍ମାନଜନକ ବିଶ୍ୱସ୍ତରୀୟ କ୍ରୀଡ଼ାରେ ପଞ୍ଜାବର ସର୍ବାଧିକ ୭୪ଜଣ ଖେଳାଳି ଅଛନ୍ତି। ଓଡ଼ିଶା କିନ୍ତୁ ମହାରାଷ୍ଟ୍ର, କେରଳ, ତାମିଲନାଡୁ ଆଦି ରାଜ୍ୟକୁ ପଛରେ ପକାଇ ଦ୍ୱିତୀୟ ସର୍ବାଧିକ ଖେଳାଳି ପଠାଉଛି। ବିଶ୍ୱବିଦ୍ୟାଳୟ ମଧରେ କିଟ୍ ପଛକୁ ପଞ୍ଜାବର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ରହିଛି। ଏହି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସର୍ବାଧିକ ୨୮ଜଣ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଥିଲା ବେଳେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ତୃତୀୟ ସର୍ବାଧିକ ୨୨ଜଣ ଖେଳାଳି ଅଛନ୍ତି। ଭାରତୀୟ ଦଳର ଚୟନ ପ୍ରକ୍ରିୟାରେ ଦେଶର ପାଖାପାଖି ୪୦୦ ବିଶ୍ୱବିଦ୍ୟାଳୟ ସାମିଲ ଥିଲେ। ଶେଷରେ ୬୧ ବିଶ୍ୱବିଦ୍ୟାଳୟର ୩୦୦ ପ୍ରତିଯୋଗୀ ଚୂଡ଼ାନ୍ତ ଦଳ ପାଇଁ ମନୋନୀତ ହୋଇଥିଲେ। ଏହି ଦଳରେ କିଟ୍‌ର ସର୍ବାଧିକ ଖେଳାଳି ସ୍ଥାନ ପାଇବା ଉଲ୍ଲେଖନୀୟ ରହିଛି। କିଟ୍ ଖେଳାଳିମାନେ ୭ଟି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାପଡ଼ିଛି। ଯାହା ଏହି ବିଶ୍ୱବିଦ୍ୟାଳୟ କ୍ରୀଡ଼ା, କ୍ରୀଡ଼ାବିତ୍ ବିକାଶ ପାଇଁ ନିରନ୍ତର ଭାବେ କରିଆସୁଥିବା ପ୍ରୟାସକୁ ଦର୍ଶାଉଛି। ସୂଚନା ଅନୁସାରେ ୧୪ ତାରିଖରୁ ପର୍ଯ୍ୟାୟକ୍ରମେ ଭାରତୀୟ ଦଳ ଜର୍ମାନୀ ଯିବ। ଏହି ୪୦୭ଜଣିଆ ବଡ଼ ଦଳରେ ୧୦୭ଜଣ ପ୍ରଶିକ୍ଷକ ଓ ଅଫିସିଆଲ ବି ରହିଛନ୍ତି। ଦୌଡ଼କୁଦ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଲୋତକବିନ୍ଦୁ ଦାଶ ଏବଂ ଅନ୍ତର୍ଜାତୀୟ ଟେନିସ୍ ପ୍ରଶିକ୍ଷକ ଟଡ୍ କ୍ଲାର୍କ ପ୍ରମୁଖ। ଏହି ପରିପ୍ରେକ୍ଷୀରେ ଗୁରୁବାର ଭାରତୀୟ ଦଳର ଯାତ୍ରା ପୂର୍ବ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଜର୍ମାନୀ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ



ଅଂଶଗ୍ରହଣ କରୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ତଥା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି। ଏଥିସହ ସେ କହିଛନ୍ତି, କିଟ୍ ସର୍ବଦା ଶିକ୍ଷା ସହିତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। କିଟ୍‌ର କ୍ରୀଡ଼ାବିତ୍ ଯେଭଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବାର ସୁଯୋଗ ପାଇବା ସହ ସଫଳତା ହାସଲ କରିବେ ସେ ଦିଗରେ କିଟ୍ ସର୍ବଦା ଯତ୍ନଶୀଳ ରହିଆସିଛି। ଏପରିକି ୨୦୧୯ରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ପ୍ରତିଯୋଗିତାରେ କିଟ୍ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ସହ ପଞ୍ଜୀକରଣ ପାଇଁ ଆବଶ୍ୟକ ଦେୟ ମଧ କିଟ୍ ପକ୍ଷରୁ ଆଗୁଆ ପୈଠ କରାଯାଇଥାଏ। ୨୦୨୧ରେ ଚୀନର ଚେଙ୍ଗଡୁଠାରେ ଆୟୋଜିତ ଗତ ସଂସ୍କରଣରେ ଭାରତ ୨୬ ପଦକ ଜିତିଥିଲା। ଆଗକୁ ଏହି ସଂଖ୍ୟା ଦ୍ୱିଗୁଣିତ ହେବ ବୋଲି ଶ୍ରୀ ସାମନ୍ତ ଏହି ଅବସରରେ ଦୃଢ଼ ଆଶା ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଓ କିସ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଅଲିମ୍ପିଆନ୍ ଦୂତି ଚାନ୍ଦ ଓ ଶ୍ରାବଣୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିବା ଦୂତି ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଶ୍ରାବଣୀ ଏକାଗ୍ରତାର ସହ ନିଜନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଭାରତୀୟ ଖେଳାଳିଙ୍କୁ ଆହ୍ୱାନ କରିଥିଲେ। ନିରନ୍ତର ସମର୍ଥନ ଓ ସହଯୋଗ ଲାଗି ଶ୍ରୀ ଦାସଙ୍କ ସହ ପ୍ରତିଯୋଗୀ ଓ ଅତିଥିମାନେ ପ୍ରଫେସର୍ ସାମନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

**ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍**

# ଲାଠିକଟାର ବୃହତ୍ ବିଜୟ

**ଭୁବନେଶ୍ୱର, ୧୧।୭ (ସଂଚାର ବ୍ୟୁରୋ):** କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍‌ର ୫ମ ସଂସ୍କରଣର ତୃତୀୟ ଦିନରେ ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକ ବେଶ୍ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ରହିଥିଲା। ଗୁରୁବାର ଲାଠିକଟା ସବୁଠୁ ବଡ଼ ବିଜୟ ହାସଲ କରିଥିଲା। ମହିଳା ବର୍ଗର ଏହି ମ୍ୟାଚ୍‌ରେ ଲାଠିକଟା ୧୩-୦ ଗୋଲ୍‌ରେ ସଉନାମରାକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ମହିଳା ମୁକାବିଲାଗୁଡ଼ିକ ମଧରୁ ଗୁରୁଣ୍ଡିଆ ୩-୨ ଗୋଲ୍‌ରେ କୁତ୍ରା, ବଡ଼ଗାଁ ୨-୧ରେ ଯାଜପୁରକୁ ଏବଂ ବାମରା ୬-୧ରେ ସବ୍‌ଡେଗାକୁ ପରାସ୍ତ କରିଥିଲା। ପୁରୁଷ ବର୍ଗରେ ରାଜଗାଙ୍ଗପୁର ୫-୧ରେ ସବ୍‌ଡେଗା, ନୂଆଗାଁ ୩-୨ରେ କରଡ଼ାପଲୀ ଏବଂ କଉରମୁଣ୍ଡା ୩-୦ ଗୋଲ୍‌ରେ ଛତ୍ରପୁରକୁ ହରାଇଥିଲା। ସଉନାମରା-କୁତ୍ରା ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଥିଲା।



## ଜାତୀୟ ହକି ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ୪

**ଭୁବନେଶ୍ୱର,୧୧।୭ (ସଂଚାର ବ୍ୟୁରୋ):** ଭାରତୀୟ ବରିଷ୍ଠ ପୁରୁଷ ହକି ଦଳର ପ୍ରଶିକ୍ଷଣ ଶିବିର ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ଠାରେ ଚଳିତ ମାସ ୧୪ରୁ ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିଲାଗି ହକି ଇଣ୍ଡିଆ ୩୩ ଜଣ ଖେଳାଳିଙ୍କ ନାଁ ଘୋଷଣା କରିଛି। ଏଥିରେ ଓଡ଼ିଶାରୁ ୪ ଜଣ ଅମିତରୋହି ଦାସ, ନୀଲମ ସଂଜୀପ ଖେସ୍, ଅମନଦୀପ ଲାକ୍ରା ଓ ଶିଳାନନ୍ଦ ଲାକ୍ରା ରହିଛନ୍ତି। ଏହି ଶିବିରରୁ ବିହାରରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏସିଆ କପ୍ ଲାଗି ଦଳ ଘୋଷଣା କରାଯିବ। ଏସିଆ କପ୍ ବିଜେତା ସିଧାସଳଖ ୨୦୨୬ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବ।

## ନଭେମ୍ବର ୧୯ରୁ ଲିଜେଣ୍ଡ୍‌ସ ଲିଗ୍

**ଭୁବନେଶ୍ୱର,୧୧।୭ (ସଂଚାର ବ୍ୟୁରୋ):** ନଭେମ୍ବର ୧୯ରୁ ଲିଜେଣ୍ଡ୍‌ସ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଚତୁର୍ଥ ସଂସ୍କରଣ ଆରମ୍ଭ ହେବ। ଡିସେମ୍ବର ୧୩ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଏଥର ମ୍ୟାଚ୍ ଓ ଭେନ୍ୟୁ ସଂଖ୍ୟା ବଢ଼ିବ। ସେହିଭଳି ତାରକା ଖେଳାଳିଙ୍କ ଉପସ୍ଥିତିକୁ ମଧ ବୃଦ୍ଧି କରାଯିବ। ଏଣୁ ଏଥରର ପ୍ରତିଯୋଗିତା ପୂର୍ବ ତିନିଟି ସଂସ୍କରଣଠାରୁ ସ୍ମରଣୀୟ ଏବଂ ରୋଚକ ହେବ ବୋଲି ଲିଗ୍‌ର ଅଧକ୍ଷ ବିବେକ ଖୁସାଲାନି ଦୃଢ଼ ଆଶା ପୋଷଣ କରିଛନ୍ତି। ଏଥର ପ୍ରତିଯୋଗିତାର ଟ୍ୟାଗ୍ ଲାଇନ୍ 'ଲିଜେଣ୍ଡ୍‌ସ ଫର୍ ଏଭର' ରଖାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## 'ଅସ୍ତ୍ର'...

କ୍ଷେପଣାସ୍ତ୍ରକୁ ପ୍ରୟୋଗ କରାଯାଇଥିଲା। ଉଭୟ କ୍ଷେତ୍ରରେ କ୍ଷେପଣାସ୍ତ୍ରଗୁଡ଼ିକ ସମ୍ପୂର୍ଣ୍ଣ ସଠିକ ଭାବେ ଲକ୍ଷ୍ୟଗୁଡ଼ିକୁ ଧ୍ୱଂସ କରିବାରେ ସକ୍ଷମ ହୋଇଥିଲା। ପରୀକ୍ଷଣ ସମୟରେ ସମସ୍ତ ଉପ-ପ୍ରଣାଳୀ ଆଶାନୁପାତରେ କାର୍ଯ୍ୟ କରିଥିଲା। ଏଥିରେ ଡିଆରଡିଓ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ଡିଜାଇନ୍ ଓ ବିକଶିତ କରାଯାଇଥିବା ରେଡିଓ ଫ୍ରିକ୍ୱେନ୍ସି ସିକର୍ ଅନ୍ତର୍ଭୁକ୍ତ। ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ରେଞ୍ଜ ଟ୍ରାକିଂ ଉପକରଣ ଦ୍ୱାରା କଏଦ ହୋଇଥିବା ଉଡ଼ାଣ ତଥ୍ୟ ମାଧ୍ୟମରେ 'ଅସ୍ତ୍ର' ଯୁଦ୍ଧାସ୍ତ୍ର ପ୍ରଣାଳୀର ତ୍ରୁଟିହୀନ କାର୍ଯ୍ୟଦକ୍ଷତାର ପରୀକ୍ଷା କରାଯାଇଥିଲା। ଏହି ସଫଳ ଉଡ଼ାଣ ପରୀକ୍ଷଣ ସ୍ୱଦେଶୀ ଭାବେ ନିର୍ମିତ ସିକର୍ ସହ 'ଅସ୍ତ୍ର' ଯୁଦ୍ଧାସ୍ତ୍ର ପ୍ରଣାଳୀର ସଠିକ ଲକ୍ଷ୍ୟଭେଦ କ୍ଷମତା ଓ ଭରସାଯୋଗ୍ୟ କାର୍ଯ୍ୟଦକ୍ଷତାକୁ ପୁନଃପ୍ରମାଣିତ କରିଥିଲା।
'ଅସ୍ତ୍ର' ବିଭିଆରଏଏମ ୧୦୦ କିମିରୁ ଅଧିକ ଦୂରରେ ଥିବା ଲକ୍ଷ୍ୟଭେଦ କରିବାରେ ସକ୍ଷମ। ଏଥିରେ ଅତ୍ୟାଧୁନିକ ମାର୍ଗଦର୍ଶନ ଓ ଦିଗ ନିର୍ଣ୍ଣୟ ପ୍ରଣାଳୀ ରହିଛି। ଏହି ଅସ୍ତ୍ର ପ୍ରଣାଳୀକୁ ସଫଳ ଭାବେ ନିର୍ମାଣ କରିବା ଲାଗି ଡିଆରଡିଓର ବିଭିନ୍ନ ପ୍ରୟୋଗଶାଳା ସମେତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ସମେତ ୫୦ରୁ ଅଧିକ ସରକାରୀ ଓ ଘରୋଇ ଶିଳ୍ପସଂସ୍ଥା ଯୋଗଦାନ ଦେଇଛନ୍ତି।
ଏହି ପରୀକ୍ଷଣ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆରଏଫ ସିକର୍ ଡିଜାଇନ୍ ଓ ବିକାଶରେ ଜଡିତ ଡିଆରଡିଓ, ଆଇଏଏଫ୍ ଓ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଛନ୍ତି। ସ୍ୱଦେଶୀ ଆରଏଫ ସିକର୍ ସହ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ହାସଲ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ ବୋଲି ଶ୍ରୀ ସିଂହ କହିବା ସହ ଡିଆର୍‌ଡିଓ ସଚିବ ଓ ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ ସଫଳ ଉଡ଼ାଣ ପରୀକ୍ଷଣରେ ସାମିଲ ସମସ୍ତ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

## ଆନ୍ଦୋଳନରେ...

ଧରିଛି ରାଜନୀତି। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସିଧାସଳଖ ଡ୍ରାଇଭର ମହାସଂଘର ନେତାଙ୍କୁ ଟାର୍ଗେଟ କରିଥିବା ବେଳେ ଡ୍ରାଇଭରସଂଘ ବିବିନା ଲିଖିତ ପ୍ରତିଶ୍ରୁତିରେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ରୋକଠୋକ ଶୁଣାଇଦେଇଛନ୍ତି । ପରିବହନ ମନ୍ତ୍ରୀ ଶ୍ରୀ ଜେନା ସିଧାସଳଖ ଅଭିଯୋଗ କରିଛନ୍ତି ଯେ, ମହାସଂଘର କିଛି ନେତାଙ୍କ ପାଇଁ ଡ୍ରାଇଭରମାନେ ହଇରାଣ ହେଉଛନ୍ତି । ପରିବହନ ମନ୍ତ୍ରୀ କହିଛନ୍ତି ଯେ ୭ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ ଡାକରା ଦେଇଥିଲା। ସବୁ ଦାବି ଉପରେ ସଫଳ ଆଲୋଚନା ହୋଇସାରିଛି। ସମସ୍ତ ଦାବିର ସମାଧାନ କରାଯିବା ନେଇ ମଧ୍ୟ ସରକାର ଡ୍ରାଇଭର ମହାସଂଘକୁ ପ୍ରତିଶ୍ରୁତି ଦେଇସାରିଛନ୍ତି। ଆଲୋଚନା ସଫଳ ହେବା ପରେ ମଧ୍ୟ ଡ୍ରାଇଭର ମହାସଂଘ ଆନ୍ଦୋଳନ ଜାରି ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟରେ ଏବେ ପେଟ୍ରୋଲ ଡିଜେଲର ଅଭାବ ସମସ୍ୟା ଆଉ ନାହିଁ। ୪୦୦ରୁ ଉର୍ଦ୍ଧ୍ୱ ପେଟ୍ରୋଲ ଓ ଡିଜେଲ ଟ୍ୟାଙ୍କର୍ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇଛି। ୩୫ରୁ ଉର୍ଦ୍ଧ୍ୱ ଡ୍ରାଇଭର ସଂଘ ପରିବହନ ବିଭାଗ ସହ ରହିଛନ୍ତି। ଆନ୍ଦୋଳନକାରୀ ଡ୍ରାଇଭରମାନେ ଯେଉଁ ଗାଡ଼ି ଚାଳକଙ୍କୁ ଆକ୍ରମଣ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡ୍ରାଇଭରମାନେ ଆନ୍ଦୋଳନ ନାମରେ ଜନସାଧାରଣଙ୍କୁ ହଇରାଣ କରିବା କଥାକୁ ସରକାର କଦାପି ଗ୍ରହଣ କରିବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ଚେତାବନୀ ଦେଇଛନ୍ତି । ସେହିପରି ମନ୍ତ୍ରୀ ସଂଘ ମଧ୍ୟରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି ବୋଲି ପାଲଟା ଅଭିଯୋଗ କରିଛି ଡ୍ରାଇଭର ମହାସଂଘ। ସରକାର ଯଦି ପୂରଣ କରିବାକୁ ଚାହୁଁଛନ୍ତି ତେବେ କାହିଁକି ଲିଖିତ ଆକାରରେ ଦେଉନାହାଁନ୍ତି ବୋଲି ମହାସଂଘ ପ୍ରଶ୍ନ କରିଛି। ଏଥିସହ ସରକାର ନ ଶୁଣିଲେ ଆଗକୁ ଆନ୍ଦୋଳନ ଭିନ୍ନ ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି। ଗୋଟିଏ ଦିନ ପାଇଁ ଆନ୍ଦୋଳନ କୋହଳ ହୋଇଥିଲେ ବି କାଲିଠୁ ପୁଣି ବିଗିଡ଼ିବ ସ୍ଥିତି। ଯାତ୍ରୀମାନେ ନାହିଁ ନଥିବା ହଇରାଣ ହରକତର ଶିକାର ହେଉଛନ୍ତି।

## ଓଡ଼ିଶାରୁ...

କଂଗ୍ରେସ ଆଦିବାସୀଙ୍କୁ ଜମି ପଟ୍ଟା ଦେବ ବୋଲି ସେ କହିଛନ୍ତି। ନିର୍ଯାତିତ ଲୋକଙ୍କ ପାଇଁ କଂଗ୍ରେସ ଠିଆ ହୋଇ ରହିବ ଓ ଲଢ଼େଇ ଜାରି ରଖିବ ବୋଲି କହିଛନ୍ତି ରାହୁଲ୍। କେନ୍ଦ୍ର ସରକାର ଫସଲ ବୀମା ଯୋଜନା ଲାଗୁ କରିଛନ୍ତି। ଏଥିପାଇଁ ଆପଣଙ୍କଠାରୁ ଟଙ୍କା ନେଲେ, କିନ୍ତୁ ଚାଷୀଙ୍କୁ କ୍ଷତିପୂରଣ ମିଳୁନି ବୋଲି କହିଛନ୍ତି ରାହୁଲ୍। ରଥଯାତ୍ରା ଅଘଟଣକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ରାହୁଲ। ଅଦାନୀଙ୍କ ପାଇଁ ରଥକୁ ରୋକାଯାଉଛି, ତେଣୁ ଏହା ଆପଣଙ୍କ ସରକାର ନୁହେଁ, ଅଦାନୀଙ୍କ ଭଳି ଉଦ୍ୟୋଗପତିଙ୍କ ସରକାର ବୋଲି ରାହୁଲ କହିଛନ୍ତି। ବର୍ଷକରେ ଓଡ଼ିଶାରେ ୪୦ ହଜାରରୁ ଉର୍ଦ୍ଧ୍ୱ ମହିଳା ଗାଏବ ହୋଇଯାଇଛନ୍ତି। ସେମାନେ କୁଆଡ଼େ ଗଲେ କେହି ଜାଣିନାହାନ୍ତି। ମହିଳାଙ୍କ ପ୍ରତି ଦୁଷ୍କର୍ମ ହେଉଛି, କିନ୍ତୁ ସରକାର ନୀରବଦ୍ରଷ୍ଟା ସାଜିଥିବା ସେ କହିଛନ୍ତି ।
ଡ୍ରାଇଭର ଆନ୍ଦୋଳନ ପ୍ରସଙ୍ଗ ଉଠାଇ ରାହୁଲ କହିଛନ୍ତି ଯେ ଡ୍ରାଇଭର ମହାସଂଘ ଉପରେ ଚାପ ପକାଯାଇଥିଲା। ସମାବେଶକୁ ଭଣ୍ଡୁର କରିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ଡ୍ରାଇଭର ମହାସଂଘ ସେମାନଙ୍କ କଥା ଶୁଣିଲେନି । ଏଥିପାଇଁ ଡ୍ରାଇଭର ମହାସଂଘକୁ ହୃଦୟରୁ ଧନ୍ୟବାଦ ଜଣାଉଛି। ସରକାର ଡ୍ରାଇଭରଙ୍କ ନ୍ୟାଯ୍ୟ ଦାବି ପୂରଣ ହେବା ଉଚିତ୍ ବୋଲି ରାହୁଲ କହିଛନ୍ତି । ସେହିଭଳି ଏଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସମ୍ବିଧାନକୁ ନଷ୍ଟ କରୁଛି ବିଜେପି ସରକାର। ସମ୍ବିଧାନରୁ ସାର୍ବଭୌମ୍ୟ ଶବ୍ଦ ହଟାଇବାକୁ ଚକ୍ରାନ୍ତ କରାଯାଉଛି। ବିଜେପି ସରକାର ଇଡି, ସିବିଆଇ ଦେଖାଇ ଡରାଇବାକୁ ଚେଷ୍ଟା କରୁଛନ୍ତି। ହେଲେ ଆପଣ ଡରିବେନି, ଡରିଲେ ମରିବେ। ଦୃଢ଼ତାର ସହ ଏହାର ମୁକାବିଲା କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ଯାହା ବି କିଛି ପ୍ରତିଷ୍ଠା ହୋଇଛି କଂଗ୍ରେସ ପାଇଁ ହୋଇଛି। ଭୁବନେଶ୍ୱରରେ ଏମ୍ସ ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ କଂଗ୍ରେସ କରିଛି। ବିଜେପିର ଅବଦାନ ଜିରୋ, ଏମାନେ ଏଠାରେ କିଛି କାମ କରିନାହାନ୍ତି। କିଛି କାମ ନ କରି କେବଳ ଶ୍ରେୟ ନେବାକୁ ଚେଷ୍ଟା କରୁଛି ବିଜେପି। ଡବଲ ଇଞ୍ଜିନ ସରକାର ଗରିବଙ୍କ ପାଇଁ ନୁହେଁ, କେବଳ ଧନୀଙ୍କ ପାଇଁ। ଦେଶର ସମ୍ବିଧାନକୁ ସମାପ୍ତ କରିବା ସେମାନଙ୍କ ଲକ୍ଷ୍ୟ। ଧର୍ମ ନାଁରେ ବିଭାଜନ ରାଜନୀତି କରୁଛି ବିଜେପି। ଏମିତି କହି ବିଜେପିକୁ ଟାର୍ଗେଟ୍ କରିଛନ୍ତି ଏଆଇସିସି ଅଧ୍ୟକ୍ଷ ଶ୍ରୀ ଖଡ୍‌ଗେ।

## ଚାଲି ନ ଜାଣି...

ରାଜକୁମାରଙ୍କ ଆଉ ଏକ ରାଜନୈତିକ ପର୍ଯ୍ୟଟନ ଥିଲା। ଏହା 'ସମ୍ବିଧାନ ବଞ୍ଚାଅ' ନୁହେଁ ବରଂ 'ରାହୁଲ ଗାନ୍ଧି ଓ କଂଗ୍ରେସ ବଞ୍ଚାଅ'ର ସମାବେଶ ଥିଲା। ଓଡ଼ିଶାରେ ବିଜେପି ସରକାର ପ୍ରତି ଲୋକଙ୍କ ଅତୁଟ ବିଶ୍ୱାସ କଂଗ୍ରେସ ପାଇଁ ସମସ୍ୟା ସୃଷ୍ଟି କରିଛି। ଓଡ଼ିଶାରେ କଂଗ୍ରେସର କୌଣସି ଅସ୍ତିତ୍ୱ ନାହିଁ। ରାଜ୍ୟର ଗରିବ, ଦଳିତ, ଜନଜାତି, ଚାଷୀ ଓ ଶ୍ରମିକମାନେ ଦଶନ୍ଧି ପୂର୍ବରୁ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏପରି ପରିସ୍ଥିତିରେ ଓଡ଼ିଶାର ଗରିବଙ୍କ କଲ୍ୟାଣ ବିଷୟରେ ରାହୁଲଙ୍କ କଥା ପ୍ରତାରଣା ବ୍ୟତୀତ ଆଉ କିଛି ନୁହେଁ। କଂଗ୍ରେସ ସର୍ବଦା ଗରିବ ଓ ଦୁର୍ବଳ ବର୍ଗର ଅଧିକାରକୁ ଅଣଦେଖା କରିଆସିଛି। କଂଗ୍ରେସ ସରକାର ଦ୍ୱାରା ଦିଲ୍ଲୀରୁ ପଠାଯାଉଥିବା ଟଙ୍କା ମଧ୍ୟସ୍ଥି ଲୁଟୁଥିଲେ। ଏସସି, ଏସଟି ଓ ପଛୁଆ ବର୍ଗର ଅଧିକାର ଅପେକ୍ଷା ସେମାନଙ୍କ ଭୋଟ୍ ବ୍ୟାଙ୍କକୁ କଂଗ୍ରେସ ଗୁରୁତ୍ୱ ଦେଉଥିଲା। ତେଣୁ ଗରିବ ଲୋକଙ୍କ ହକ୍ ଓ ଜନଜାତିଙ୍କ ଜମି ସେବେ ପର୍ଯ୍ୟନ୍ତ ସୁରକ୍ଷିତ, ଯେ ପର୍ଯ୍ୟନ୍ତ କଂଗ୍ରେସ କ୍ଷମତାକୁ ଆସିନାହିଁ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।
ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ମହାରାଷ୍ଟ୍ର ଓ ହରିୟାଣାରେ କଂଗ୍ରେସ ଶୋଚନୀୟ ପରାଜୟ ବରଣ କରିଛି। ଏହାପରେ ବି ଲୋକମତକୁ ସମ୍ମାନ ନ ଦେଇ ରାହୁଲ ଓ ଖଡଗେ ସେମାନଙ୍କ ପରାଜୟ ପାଇଁ ନିର୍ବାଚନ କମିଶନ ଓ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଦାୟୀ କରୁଛନ୍ତି। ଗଣତନ୍ତ୍ରର କଣ୍ଠରୋଧ ସହ ସମ୍ବିଧାନକୁ କ୍ଷୁଣ୍ଣ କରି ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିବା କଂଗ୍ରେସ ସମ୍ବିଧାନକୁ ବଞ୍ଚାଇବାର ଅପପ୍ରଚାର କରୁଛି। ବାରମ୍ବାର ନିର୍ବାଚନରେ ପରାଜୟ ପରେ ବିହାରର ଆଗାମୀ ନିର୍ବାଚନରେ ପରାଜୟକୁ ଦୃଷ୍ଟିରେ ରଖି କଂଗ୍ରେସ ଦଳ ପୁଣି ଥରେ 'ଭୋଟ ଚୋରି'ର ନୂଆ ସ୍ଲୋଗାନ ଆରମ୍ଭ କରିଛି। ଓଡ଼ିଶା ସମେତ ଦେଶର ଜନତା ଏବେ କଂଗ୍ରେସ ଓ ରାହୁଲଙ୍କ ପ୍ରତ୍ୟେକ ଚାଲ୍ ଓ ଛଳନାକୁ ଚିହ୍ନିପାରିଛନ୍ତି। ଭବିଷ୍ୟତରେ ମଧ୍ୟ ପ୍ରତ୍ୟେକ ନିର୍ବାଚନରେ ଲୋକେ ଏପରି ଜନବିରୋଧୀ ଓ ସମ୍ବିଧାନବିରୋଧୀ ଲୋକଙ୍କୁ ଉଚିତ ଜବାବ ଦେବେ ବୋଲି କେନ୍ଦ୍ର ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ସଂଘ...

ସନ୍ଦେହ ସୃଷ୍ଟି ହୋଇଥିବା ବେଳେ କିଛି ସଂଘ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ବଡ଼ ବଡ଼ ପଦବୀରେ ରହି ଆନ୍ଦୋଳନକୁ ଉସକାଇଥିବା ବିଜେଡି ମାର୍କା ଅଫିସରଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଭୟ ହୋଇଯାଇଛି। ଯେଉଁଥିପାଇଁ ସେମାନେ ଆଉ ଲେଟର ପ୍ୟାଡରେ ନିଜ ନାଁ ରଖିନାହାଁନ୍ତି। ସରକାର କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ମାତ୍ରେ ସଂଘର ଲେଟର ପ୍ୟାଡ୍‌କୁ ବଦଳାଇ ଦିଆଯାଇଥିବା ଉକ୍ତ ଅଧିକାରୀ କହିଛନ୍ତି। ତେବେ ଓଏଏସ ସଂଘର ଭୟ ଏତିକିରେ ସରିନି। ସରକାର ସଂଘର ବୈଠକ ପାଇଁ ଦେଇଥିବା ଯାଗାକୁ ବ୍ୟାବସାୟିକ କାର୍ଯ୍ୟରେ ବିନିଯୋଗ କରିବା ମଧ୍ୟ ଆଇନତଃ ଅପରାଧ। ଯେଉଁଥିପାଇଁ ଏବେ ସାମୟିକ ଭାବେ ସଂଘ କାର୍ଯ୍ୟାଳୟରେ କୌଣସି ବୁକିଂ ନିଆଯାଉନାହିଁ। ଯେଉଁ ବୁକିଂ ଆଗରୁ ହୋଇଥିଲା ସେଗୁଡ଼ିକୁ କେବଳ ଅନୁମତି ଦିଆଯାଇଛି। ଆଉ ନୂଆ ବୁକିଂ ନ ନେବାକୁ ସଂଘରେ ନିଷ୍ପତ୍ତି ହୋଇଛି। ମାମଲା ଥଣ୍ଡା ପଡ଼ିବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ଜଣାପଡ଼ିଛି।

## କଟକ-ନିର୍ଗୁଣ୍ଡି...

ଡିଜାଇନ୍ କରାଯାଇଛି। ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକ ହ୍ରାସ କରିବାରେ ସାହାଯ୍ୟ କରିବ।
ବର୍ତ୍ତମାନ ନିର୍ଗୁଣ୍ଡି ଠାରେ ମେଲ ଏକ୍ସପ୍ରେସରେ କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ କେତେକ ସମୟରେ ପ୍ରତିବନ୍ଧକ ଯୋଗୁଁ ଅଟକ ରଖାଯାଏ। ଏହି ପ୍ରକଳ୍ପ କଟକଣାକୁ କମ କରିବ ଏବଂ ସେକ୍ସନରେ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତୀତାକୁ ଉନ୍ନତ କରିବାରେ ଏବଂ ଅଧିକ କୋଚିଂ ଟ୍ରେନଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଏହି ସେକ୍ସନରେ କୋଚିଂ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ପୃଥକ କରିବାରେ ମଧ୍ୟ ସାହାଯ୍ୟ କରିବ। ଏବଂ ମୁଖ୍ୟପଥ ବାଇପାସ୍ କରିବା ସମୟରେ ଟ୍ରେନଗୁଡ଼ିକ ବିଳମ୍ବ ହେବ ନାହିଁ।
ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ। ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ୧୩୦ କିଲୋମିଟର ପ୍ରତି ଘଣ୍ଟା ବେଗ ସହିତ ବିଦ୍ୟୁତୀକରଣ ସିଷ୍ଟମ ସହିତ ଡିଜାଇନ୍ କରାଯାଇଛି। ଏହି ରଣନୈତିକ ପ୍ରକଳ୍ପ ଭାରତୀୟ ରେଳବାଇର ସବୁଠାରୁ ବ୍ୟସ୍ତବହୁଳ କରିଡର ମଧ୍ୟରୁ ଗୋଟିଏରେ ଭିତ୍ତିଭୂମିକୁ ଆଧୁନିକୀକରଣ ଏବଂ ରେଳ ପରିବହନ ନେଟୱାର୍କର ଦକ୍ଷତା ଉନ୍ନତ କରିବା ପାଇଁ ପୂର୍ବ ତଟ ରେଳବାଇର ନିରନ୍ତର ପ୍ରୟାସର ଏକ ଅଂଶ।

## ମହୁଆଙ୍କୁ...

ପଶ୍ଚିମବଙ୍ଗରେ ଟିଏମସି ସରକାର ଯାହା କରୁଛି ତାଙ୍କୁ ଭଗବାନ କି ଇତିହାସ କେବେ ବି କ୍ଷମା ଦେବେନି। ପଶ୍ଚିମବଙ୍ଗରେ ଆଜି ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ। ଯଦି ଆଜି କିଏ ପଶ୍ଚିମବଙ୍ଗ ଯିବେ, ସେଠାରୁ ସେ ସୁରକ୍ଷିତ ଭାବେ ଫେରିବେ କି ନାହିଁ ଠିକ୍ ନାହିଁ । ଟିଏମସି ପ୍ରାୟୋଜିତ ଅନୁପ୍ରବେଶକାରୀ ଆଣି ଆତଙ୍କବାଦ ସୃଷ୍ଟି କରୁଛନ୍ତି। ପଶ୍ଚିମବଙ୍ଗ ଆତଙ୍କବାଦୀ ତିଆରିର ଏକୁଡ଼ିଶାଳ ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ମହୁଆ ମୈତ୍ର ଓଡ଼ିଶାର ନୂଆ ନୂଆ ବୋହୂ ହୋଇଛନ୍ତି, ସେ ଓଡ଼ିଶାର ସ୍ୱାର୍ଥକୁ ଦେଖନ୍ତୁ । ଓଡ଼ିଶାରେ ବାଂଲାଦେଶୀ ଲୋକ ଅଧିକ ହୋଇଯିବେ ଆଉ ଆମେ ଯଦି ସଂଖ୍ୟାଲଘୁ ହୋଇଯିବୁ, ଏକଥା କଣ ମହୁଆ ମୈତ୍ର ଚାହୁଁଛନ୍ତି କି? ସେ ବାଂଲାଦେଶୀ ଏବଂ ପଶ୍ଚିମବଙ୍ଗ ଲୋକଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିନାହାନ୍ତି। ପଶ୍ଚିମବଙ୍ଗର ଗୋଟେ ବି ଲୋକକୁ ଓଡ଼ିଶାରୁ ବାହାର କରାଯିବ ତେବେ ତାହାର ପ୍ରତିବାଦ ମୁଁ କରିବି । ପଶ୍ଚିମବଙ୍ଗର କଥା ନୁହେଁ ବର୍ମାର ରୋହିଙ୍ଗ୍ୟା ଏବଂ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ କଥା ଆସୁଛି, ସେମାନଙ୍କୁ ବାହାର କରିବାକୁ ଆମେ ଦାବି କରୁଛୁ'।

## ଅପରେସନ...

ପାକିସ୍ତାନୀ ଘାଟି ଉପରେ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲୁ। ଆମେ କେବଳ ଆତଙ୍କବାଦୀ ଘାଟିଗୁଡ଼ିକୁ ନଷ୍ଟ କରିଥିଲୁ। ସୂଚନାଯୋଗ୍ୟ, ଏପ୍ରିଲରେ ପହଲଗାମରେ ଆତଙ୍କୀ ଆକ୍ରମଣ କରି ୨୬ ଭାରତୀୟଙ୍କ ଜୀବନ ଚାଲିଯାଇଥିଲା । ଏହାପରେ ଭାରତୀୟ ସେନା ୭ ମେ ରାତିରେ 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଥିଲା। 'ଅପରେସନ ସିନ୍ଦୂର' ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପିଓକେରେ ୯ଟି ଆତଙ୍କବାଦୀ ଆଡ୍ଡାକୁ ଉଡ଼ାଇ ଦେଇଥିଲା। ଏଥିସହ ଅନେକ ଆତଙ୍କୀ ମଧ୍ୟ ନିହତ ହୋଇଥିଲେ। ୪ ଦିନର ସାମରିକ ମୁକାବିଲା ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଗତ ମେ' ୧୦ରେ ଯୁଦ୍ଧବିରତି ସ୍ୱାକ୍ଷରିତ ହୋଇଥିଲା।

# କଲେଜରେ ନାମ ଲେଖାଇବା ପାଇଁ ଆର୍ଥିକ ସହାୟତା

**ନାଉଗାଁ,୧୧।୭ (ସଂଚାର ବ୍ୟୁରୋ):** ଜଣେ ମେଧାବୀ ଛାତ୍ରୀଙ୍କର କଲେଜରେ ନାମ ଲେଖାଇବା ପାଇଁ ଅର୍ଥ ବାଧକ ସାଜିଥିବା ବେଳେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ନବ ପ୍ରଭାତ ସେବା ସଙ୍ଗଠନ ତରଫରୁ ସହାୟତାର ହାତ ବଢ଼ାଇ ଦିଆଯାଇଛି। ମେଧାବୀ ଛାତ୍ରୀ ଜଣକ ହେଉଛନ୍ତି ବାଲିକୁଦା ବ୍ଲକର ମାନସ ରଞ୍ଜନ ମଲ୍ଲିକଙ୍କ ଝିଅ। ମାନସ ଜଣେ ଦିନ ମଜୁରିଆ ହୋଇଥିବାରୁ ଝିଅର କଲେଜରେ ନାମ ଲେଖାଇବା ପାଇଁ ଅର୍ଥ ଯୋଗାଡ କରିବାରେ ସମସ୍ତ ପ୍ରଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଅସହାୟ ହୋଇ ନାଉଗାଁ ବ୍ଲକର ସମାଜସେବୀ ଚନ୍ଦନ କୁମାର ଲେଙ୍କାଙ୍କୁ ସହାୟତା ପାଇଁ ଯୋଗାଯୋଗ କରିଥିଲେ। ସମାଜସେବୀ ଲେଙ୍କା ତାଙ୍କ ସମସ୍ତ କଥା ଶୁଣିବା ପରେ ଉଚ୍ଚ ଶିକ୍ଷା ପାଇଁ ଅର୍ଥ ବାଧକ ନ ହେଉ ବୋଲି ନିଷ୍ପତି ନେଇ ନାଉଗାଁ ବ୍ଲକରେ କାର୍ଯ୍ୟ କରୁଥିବା ନବ ଭାରତ ସେବା ସଙ୍ଗଠନର ସଦସ୍ୟଙ୍କୁ ଅବଗତ କରିଥିଲେ। ସଙ୍ଗଠନର ସଦସ୍ୟ ସୁଜିତ ପୁହାଣ, ଜ୍ଞାନରଞ୍ଜନ ସ୍ୱାଇଁ, ସଞ୍ଜୟ ଦାସ, ଅନିଲ ଲେଙ୍କା, ମନୋଜ କୁମାର ଦାସ ପ୍ରମୁଖ ମାନସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି।

# ବ୍ଲକସ୍ତରୀୟ ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କାକଟପୁର/ଅସ୍ତରଙ୍ଗ,୧୧।୭ (ସଂଚାର ବ୍ୟୁରୋ):** ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୩ତାରିଖ ଠାରୁ ୧୭ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ବୁଥ୍ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସଭାଗୃହରେ ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ନିର୍ବାଚନ, ଭୋଟର ପଞ୍ଜିକରଣ ସମ୍ବନ୍ଧରେ ପ୍ରଶିକ୍ଷଣ ନେବା ସହିତ କିପରି ନିରପେକ୍ଷ, ଶୃଙ୍ଖଳିତ ଓ ତ୍ରୁଟିଶୂନ୍ୟ ପରିଚାଳନା ଓ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତି କରାଯାଇ ପାରିବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ଏହି ଅବସରରେ ମୋବାଇଲି ଆପ୍ ଓ ପୋର୍ଟାଲ ବିଷୟରେ ଅଙ୍ଗନବାଡି କର୍ମୀ ଓ ଶିକ୍ଷକ ମାନଙ୍କୁ ଆଲୋକପାତ କରାଯାଇଥିଲା। ସମସ୍ତ ବ୍ଲକ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିଡିଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ବିଜେପି ନେତା



**ବୋରିଗୁମ୍ମା,୧୧।୭ (ସଂଚାର ବ୍ୟୁରୋ):** ରାଜ୍ୟରେ ଏବେ ବିଜେପିର ମୋହନ ସରକାର ଚାଲିଛି। ଜୟପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ଗୌତମ ସାମନ୍ତରାୟ ବୋରିଗୁମ୍ମା ବିଡ଼ିଓଙ୍କୁ ବ୍ଲକ ପରିସରରେ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ବିଜେପି ସରକାରର ବିଭିନ୍ନ ଯୋଜନା କିଭଳି ସାଧାରଣ ଲୋକଙ୍କ ନିକଟରେ ପହଂଚୁଛି ପଚାରି ବୁଝିଥିଲେ।ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ କହିଥିଲେ।ବିଡ଼ିଓ ଙ୍କ ସାକ୍ଷାତ ସମୟରେ ବରିଷ୍ଠ ବିଜେପି ନେତା ଭାସ୍କର ଭଟ୍ଟ, ବୋରିଗୁମ୍ମା ମଣ୍ଡଳ ସଭାପତି ବିଘ୍ନେଶ୍ୱର ଷଡଙ୍ଗୀ, କୁମୁଲି ମଣ୍ଡଳ ସଭାପତି ଗୋବିନ୍ଦ ଭଟ୍ଟ, ରାଜ ସିଂ, ଗୌରୀ ଶଙ୍କର ଷଡଙ୍ଗୀ, ଏମ.ପ୍ରବୀଣ କୁମାର,ଏମ. ଆଦିନାରାୟଣ, ବୃନ୍ଦାବନ ଦାସ,ଗୌରୀ ଶଙ୍କର ଦାସ,ହୃଷିକେଶ ମହାପାତ୍ର, ରବି ବେହେରା, ମଦନ ତନ୍ତୀ, ତ୍ରିନାଥ ନାୟକ, ଡମ୍ବୁ ଅମାନାତ୍ୟ, ଅସିତ ମହାଙ୍କୁଡ଼, ଅମୁଲ୍ୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ ଘଣ୍ଟା ବିତିଗଲା
# କଳାମୁଖାଧାରୀଙ୍କ ଟେର୍ ପାଉନି ପୁଲିସ

**ଅପରାଧୀଙ୍କୁ ସୁହାଇଛି ପୁଲିସ ନିଷ୍କ୍ରିୟତା**

**ବହୁ ମାମଲାରେ ପୁଲିସ ଟେର ପାଉନି**

**ପ୍ରଶାସନ ତରଫରୁ ଲାଗି ନାହିଁ ସିସି କ୍ୟାମେରା**



**କାକଟପୁର/ଅସ୍ତରଙ୍ଗ,୧୧।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରଶାସନ ତରଫରୁ ଲାଗିନାହିଁ ସିସି କ୍ୟାମେରା। ଯାହା ଫଳରେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ୨ଟି ବ୍ଲକରେ ଥିବା ବିଭିନ୍ନ ମନ୍ଦିରରେ ଲୁଟେରାଙ୍କ ଦୌରାତ୍ମ୍ୟ ଆରମ୍ଭ ହୋଇଥିବା ବେଳେ ଲୁଟ ମଧ ବଢି ଚାଲିଛି। ରାତି ପାହିଲେ ଚୋରି, ଲୁଟ ଓ ଛିନତାଇ ଘଟଣା ଶୁଣିବାକୁ ମିଳୁଛି। ହୁଣ୍ଡୀ ଭାଙ୍ଗିବାଠାରୁ ଆରମ୍ଭ କରି ଠାକୁରଙ୍କ ଅଳଙ୍କାର ପର୍ଯ୍ୟନ୍ତ ଲୁଟିଆ ଦଳ ଯୋଜନାବଦ୍ଧ ଭାବେ ମନ୍ଦିରରେ କଳାକନା ବୁଲାଉଛନ୍ତି। ମାତ୍ର ଅଧିକାଂଶ ମନ୍ଦିର ଚୋରି ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ଟେର ପାଉନି। କାକଟପୁର ଥାନା ଅଞ୍ଚଳ ବାଉରିଆକଣ ମନ୍ଦିର ଷ୍ଟୋର ରୁମ୍‌ରୁ ଚୋରି, ଦିନ ଦ୍ୱିପ୍ରହରରେ ଜିଓଳ ଓ କାକଟପୁରରୁ ମହିଳାଙ୍କ ବେକରୁ ଚେନ ଛିଣ୍ଡାଇ ନେବା, ଅସ୍ତରଙ୍ଗ ଥାନା ଅଞ୍ଚଳରେ କୁଆଁରପୁର ସ୍ଥିତ ଶିବ ମନ୍ଦିର, ନୂଆଗଡ ଥାନା ଝାଡ଼ଲିଙ୍ଗ ମନ୍ଦିରରୁ ଚୋରି ଏହା ସହ ରାତିର ଅନ୍ଧାର ସୁଯୋଗ ନେଇ ଲୋକଙ୍କ ଘରେ ପଶି ଲୁଟେରା ଚୋରି କରୁଥିବା ବେଳେ କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ କୋହଳ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଲୁଟ ବୃଦ୍ଧି ଚାଲିଛି ସତ, ଅଭିଯୁକ୍ତ ଧରିବାରେ ବିଫଳ ପୁଲିସ।

ଅନ୍ୟପଟେ ୧୦ ଜୁଲାଇ ଗୁରୁବାର ଦିନ ଅସ୍ତରଙ୍ଗ ଥାନା ଠାରୁ ୨ଶହ ମିଟର ଦୂରରେ ୧୩ବର୍ଷୀୟ ଛାତ୍ରୀ ଟ୍ୟୁସନ ସାରି ଯାଉଥିବା ବେଳେ ଅସ୍ତରଙ୍ଗ ପାର୍କ ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କଳାପଲସର ଧରି କଳା ମୁଖାପିନ୍ଧା ୨ ଜଣ ଯୁବକ ଛାତ୍ରୀଙ୍କୁ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ପ୍ରୟାସ କରିଥିଲେ। କିନ୍ତୁ ଛାତ୍ରୀ ଜଣକ ପାଟି କରିବାରୁ ରାସ୍ତାରେ ଯାଉଥିବା ବାଟୋଇଙ୍କୁ ଦେଖି କ୍ଷଣିକ ମଧରେ କଳା ପଲସରରେ ଯୁବକଦ୍ୱୟ ଫେରାର ହୋଇଯାଇଥିଲେ। ଏନେଇ ଛାତ୍ରୀ ଜଣକ ଅସ୍ତରଙ୍ଗ ଥାନାରେ ଅଭିଯୋଗ ଦେବାରେ ୨୪ଘଣ୍ଟା ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପୁଲିସ ସେମାନଙ୍କ ଟେର ପାଉନି। ଯାହାକୁ ନେଇ ପୁଲିସ ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହା ଜଣାପଡୁଛି ପୁଲିସ କଡା ପାଟ୍ରୋଲିଂ ନ ହେବାରୁ ଦୁର୍ବୃତ୍ତଙ୍କ ପାଦୁର୍ଭାବ ସହ ବିଭିନ୍ନ ଧର୍ମାନୁଷ୍ଠାନକୁ ଲୁଟେରାମାନେ ସହଜରେ ଟାର୍ଗେଟ କରି ଲୁଟପାଟ କରୁଛନ୍ତି। ଏ ନେଇ ପୁଲିସ କଡା ସୁରକ୍ଷା ବନ୍ଦୋବସ୍ତ କରିବା, କଳା ପଲସରରେ କଳା ମୁଖାଧାରୀ କିଏ ଓ ଲୁଟେରା ଗ୍ୟାଙ୍ଗର ଫର୍ଦାଫାସ ପାଇଁ ଦାବି ହୋଇଛି।

## ବୋରିଗୁମ୍ମାରେ ଅବକାରୀ ଚଢ଼ାଉ
# ତିନୋଟି ବାଇକ ଜବତ,୫ ଗିରଫ



**ବୋରିଗୁମ୍ମା,୧୧।୭ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଅବକାରୀ ବିଭାଗ ବ୍ଲକ ର ବିଭିନ୍ନ ସ୍ଥାନରେ ଚୋରା ଦେଶୀ ମଦ ମାଫିଆ ଙ୍କ ଉପରେ ଚଢ଼ାଉ କରଯାଇଥିଲା।ଅବକାରୀ ଚଢ଼ାଉ ରେ ମୋଟ ୧୪୮ ଲିଟର ଚୋରା ଦେଶୀ ମଦ କୁ ଜବତ କରିବା ସହ ତିନୋଟି ବାଇକ ଓ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି ବୋଲି ବୋରିଗୁମ୍ମା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜିତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।ଗିରଫ ପାଞ୍ଚ ଜଣ ହେଲେ ଜୟପୁର ତେଲିଗୁଡ଼ା ର ନିରଞ୍ଜନ ବାଗ(୨୧),ବି ସିଂହପୁର ଥାନା ଅନ୍ତର୍ଗତ ଯୋଡ଼ାବନ୍ଧ ଗ୍ରାମର ଉଦ୍ଧବ ବିଶୋଇ(୨୫),ଛତ୍ରଲା ଗ୍ରାମର ଭାଗିରଥି ପେଂଠିଆ, ପାଠୁଆଗୁଡା ଗ୍ରାମର ନିଲାଞ୍ଚଳ ମାଝୀ(୫୦) ଓ ଚଉପାଡି ଗ୍ରାମର ଯୁଧିଷ୍ଠିର ବିଶୋଇ।ଗିରଫ ପାଞ୍ଚ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଏଏସଆଇ ସାନୁ ସେଠିଆ ସୂଚନା ଦେଇଛନ୍ତି।

# ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ରାଉଳ ବେଷ୍ଟ ସର୍ଜନ ଭାବେ ରାଜ୍ୟସ୍ତରରେ ପୁରସ୍କୃତ




**ଉମରକୋଟ,୧୧।୭ (ସଂଚାର ବ୍ୟୁରୋ):** ଗୋଟିଏ ପଟେ ଡାକ୍ତରଙ୍କ ବଦଳିକୁ ନେଇ ଧାରଣା ଓ ଆନ୍ଦୋଳନ ଚାଲିଛି, ଅନ୍ୟ ପଟେ ସେହି ଡାକ୍ତରଙ୍କୁ ରାଜ୍ୟ ସରକାର ପୁରସ୍କୃତ କରୁଛନ୍ତି। ଏମିତି ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାରେ। ରୋଗୀଙ୍କ ସେବାରେ ସୁନାମ ଅର୍ଜନ କରିବା ସହ ଲୋକଙ୍କ ଆସ୍ଥା ଭାଜନ ହୋଇପାରିଥିବା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଅଭିଜ୍ଞ ଡାକ୍ତରଙ୍କୁ ଉଦେଶ୍ୟମୂଳକ ଭାବେ ବଦଳି କରାଯାଇଛି ବୋଲି ଲୋକ ସ୍ୱର ଉଠାଇଲେଣି।

ବିଶ୍ୱ ଜନସଂଖ୍ୟା ଦିବସରେ ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସୁମନ୍ତ ରାଉଳଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱରର ଜୟଦେବ ଭବନ ଠାରେ ସମ୍ମାନୀତ କରାଯାଇଛି। ବେଷ୍ଟ ସର୍ଜନ ଭାବେ ରାଜ୍ୟର ୧୫ ଜଣ ଡାକ୍ତରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନବରଙ୍ଗପୁର ଜିଲା ପକ୍ଷରୁ ଡାକ୍ତର ସୁମନ୍ତ ରାଉଳ ପଞ୍ଚମ ସ୍ଥାନରେ ରହିଛନ୍ତି। ନବରଙ୍ଗପୁର ଜିଲାରେ ପ୍ରଥମ ସ୍ଥାନରେ ରହି ଉମରକୋଟ, ରାଇଘର, ଝରୀଗାଁ ଚନ୍ଦାହାଣ୍ଡି ବ୍ଲକରେ ସର୍ବାଧିକ ୨୦୨୪-୨୫ ଆର୍ଥିକ ବର୍ଷରେ ୨୩୬୦ ସ୍ତ୍ରୀ ଓ ପୁରୁଷଙ୍କ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରି ଡା. ସୁମନ୍ତ ରାଉଳ ଜିଲାରେ ଏହି ପୁରସ୍କାର ପାଇବା ପାଇଁ ଚିହ୍ନଟ ହୋଇଥିଲେ।

ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କରକମଳରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଗର୍ଭବତୀମାନେ କିପରି ଉନ୍ନତ ସେବା ପାଇବେ ସେଥିପ୍ରତି ଡାକ୍ତର ରାଉଳ ସବୁ ବେଳେ ଯତ୍ନବାନ ରହିବା ସହ ଅଧିକରୁ ଅଧିକ ସରକାରୀ ସୁବିଧା ପାଇ ପାରିବେ ସେ ଦିଗରେ ଧାନ ଦେବେ ବୋଲି ସୂଚନା ଦେଇଛନ୍ତି। ଡାକ୍ତରଙ୍କୁ ଏହି ସମ୍ମାନ ପାଇବା ଶୁଣି ଡାକ୍ତରଙ୍କ ଶୁଭ ଚିନ୍ତକଙ୍କ ମହଲରେ ଖୁସି ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗର ସଚିବ ଓ ବିଭିନ୍ନ ଜିଲ୍ଲାରୁ ଆସିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ଆଶ୍ରା ଜରାଶ୍ରମରେ ଚାରାରୋପଣ



**ନାଉଗାଁ,୧୧।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକସ୍ଥିତ ଆଶ୍ରା ଜରାଶ୍ରମ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଶିକ୍ଷକ ହିମାଂଶୁ କୁମାର ମହାନ୍ତିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ସୁଶ୍ରୀ ସୁଭଶ୍ରୀର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ, ସୁଚିନ୍ତା ଅଧକ୍ଷ ଶିବ ପ୍ରସାଦ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ ଆଶ୍ରମ ପରିସରରେ ବିଭିନ୍ନ ଚାରାରୋପଣ କରିଥିଲେ। ପରେ ଏହାର ରକ୍ଷଣାବେକ୍ଷଣ ନେବା ପାଇଁ ଆଶ୍ରମ ଦାୟିତ୍ୱରେ ଥିବା ସଦସ୍ୟମାନଙ୍କୁ କହିଥିଲେ। ଆଶ୍ରମର ପରିଚାଳିକା ସୀତା ରାଉତଙ୍କୁ ନିଃସ୍ୱାର୍ଥପର ସେବା ସୁଚିନ୍ତା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆନ୍ଦୋଳନକୁ ଚାରି ଦିନ, ଆଶଙ୍କାରେ ଖାଉଟି

**ଅସ୍ତରଙ୍ଗ, କାକଟପୁରରେ ଯାତ୍ରୀ ହନ୍ତସନ୍ତ**

**ପର୍ଯ୍ୟାପ୍ତ ସାମଗ୍ରୀ ମହଜୁଦ: ଯୋଗାଣ ନିରୀକ୍ଷକ**



**କାକଟପୁର/ଅସ୍ତରଙ୍ଗ,୧୧।୭ (ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ଆଇନି ଦାବୀରେ ଓଡିଶା ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ ଆନ୍ଦୋଳନକୁ ଚାରି ଦିନ ବିତିଲା। ତୁହାକୁ ତୁହା ଆଲୋଚନା ହେଉଛି ହେଲେ ଆନ୍ଦୋଳନ ପ୍ରତ୍ୟାହାର ହେଉନି। ଦାବୀ ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ଦେଲେ ଆନ୍ଦୋଳନ ଜାରୀ ରହିବ ବୋଲି ଜିଦରେ ଅଟଳ ରହିଛି ଡ୍ରାଇଭର ମହାସଂଘ। ଏହାର ପ୍ରଭାବ ସାରା ରାଜ୍ୟରେ ଅନୁଭବ ହେଉଥିବା ବେଳେ ଉପକୂଳ ବର୍ତ୍ତୀ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଉଭୟ ବ୍ୟବସାୟୀ ଓ ଖାଉଟି ଭୟରେ। କାରଣ ରାସ୍ତାରେ ଗାଡି ଗଡ଼ୁନି।

ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ରେ ଥିବା ସମସ୍ତ ପେଟ୍ରୋଲ ପମ୍ପରେ ତେଲ ମହଜୁଦ ଅଛି, କିନ୍ତୁ ନାହିଁ ବୋଲି ଯାହା ଚର୍ଚ୍ଚା ହେଉଥିଲା ତାହା ଗୁଜବ। ପେଟ୍ରୋଲ ଓ ଡିଜେଲ ସରିଯିବା ଭୟରେ ଲୋକ ଧାଡି ଲଗାଇ ଭରୁଛନ୍ତି। ଆବଶ୍ୟକତା ଠାରୁ ଅଧିକ ତେଲ ପକାଉଛନ୍ତି। ମାତ୍ର ବାସ୍ତବ ଚିତ୍ର ଅଲଗା ବୋଲି ଜଣା ପଡିଛି। ସେହିପରି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଏଲ ପି ଜି ସିଲିଣ୍ଡର ବିତରକ ଙ୍କ ପାଖରେ ସିଲିଣ୍ଡର ମହଜୁଦ ଅଛି। ଭୟଭୀତ ହେବାର କାରଣ ନାହିଁ ବୋଲି ବିତରକ ଆଶ୍ୱାସନା ଦେଉଛନ୍ତି। ବାହାର ରାଜ୍ୟରୁ ଆଳୁ, ପିଆଜ, ଡାଲି, ତେଲ ଓ ଚିନି ଗୋଦାମରେ ପହଂଚି ପାରୁନି।କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ରେ ଥିବା ଅସ୍ତରଙ୍ଗ ଓ କୁଣ୍ଢେଇ ହାଟରେ ବଜାର ରେ ପରିବା ବେପାରୀଙ୍କ ଡାଲା ଭର୍ତ୍ତି ହେଉନି। ଗ୍ରୋସରୀ ଦୋକାନ ରୁ ସଉଦା ଖାଲି ହୋଇ ଆସିଲାଣି ଆଦି ଭଳିକି ଭଳି ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚା ହିଁ ଖାଉଟି ଙ୍କ ଭିତରେ ଭାଳେଣି ସୃଷ୍ଟି କରୁଛି। ମାତ୍ର କାକଟପୁର ଓ ଅସ୍ତରଙ୍ଗ ବଜାର ବଡ଼ ବଡ଼ ଗ୍ରୋସରୀ ଦୋକାନୀ ଆତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିଛନ୍ତି, କିନ୍ତୁ ପନିପରିବା ସମସ୍ୟା ସୃଷ୍ଟି ହେଉଛି। ଯାହା ଫଳରେ ପରିବା ଦର ବୃଦ୍ଧି ହେଉଛି।ବଜାର ରେ ସମସ୍ତ ସାମଗ୍ରୀ ମହଜୁଦ ରହିଥିବା ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି। ଖାଉଟି ତରବରିଆ ଭାବେ କିଣାକିଣି ନକରି ଆବଶ୍ୟକ ଅନୁସାରେ କିଣନ୍ତୁ। ବଜାର ରେ ପର୍ଯ୍ୟାପ୍ତ ସାମଗ୍ରୀ ରହିଛି।

ଓଡିଶା ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ ଆନ୍ଦୋଳନ କୁ ଘରୋଇ ବସ କର୍ମଚାରୀ ସଙ୍ଘ ଓ ଘରୋଇ ବସ ମାଲିକ ସଙ୍ଘ ସମର୍ଥନ ଜାରୀ ରହିଛି। ଫଳରେ ଚାରିଦିନ ହେଲା ବସ ଓ ଅନ୍ୟାନ୍ୟ ମାଲବାହୀ ଗାଡି ଯାତାୟାତ ପ୍ରାୟ ବନ୍ଦ ରହିଛି କହିଲେ ଚଳେ। ଯାତ୍ରୀ ସାଙ୍ଘାତିକ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଦାବୀ ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି କାକଟପୁର ଡ୍ରାଇଭର ମହାସଙ୍ଘ ସଭାପତି ବୃନ୍ଦାବନ କାଣ୍ଡି ଓ ଅସ୍ତରଙ୍ଗ ଡ୍ରାଇଭର ମହାସଙ୍ଘ ସଭାପତି କୃପାସିନ୍ଧୁ ବସ୍ତିଆ କହିଛନ୍ତି।

# ବାତେଲିମା-କଂସାରୀ ରାସ୍ତା ମରଣଯନ୍ତା, ଲୋକେ ହନ୍ତସନ୍ତ



**ଲାଞ୍ଜିଗଡ଼,୧୧।୭ (ସଂଚାର ବ୍ୟୁରୋ):** ବର୍ଷା ଦିନ ଆରମ୍ଭରୁ ଲାଞ୍ଜିଗଡ଼ ବ୍ଲକ୍‌ର ବିଭିନ୍ନ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି।ଏପରିକି ନୂତନ ଭାବେ ତିଆରି ଚାଲିଥିବା ପ୍ରଧାନମନ୍ତ୍ରୀ ସଡ଼କ ଅବସ୍ଥାବି ଖରାପ। ନିର୍ମାଣ ଶେଷ ନ ହେଉଣୁ ରାସ୍ତାରୁ ପିଚୁ ଉଠିଯିବା ସହ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ସାରିଲାଣି। ବାତେଲିମା ଠାରୁ କଂସାରୀକୁ ସଂଯୋଗ କରୁଥିବା ରାସ୍ତା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଏହା ସୀମାନ୍ତ ରାୟଗଡ଼ା ଜିଲ୍ଲା ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ମେଡିକାଲ ତଥା ମୁନିଗୁଡା ରେଳ ଷ୍ଟେସନକୁ ଯାତାୟାତରେ ସହାୟକ ହୋଇଥାଏ। ସେହିପରି ଲାଞ୍ଜିଗଡ଼ ବ୍ଲକ୍‌ର ବସନ୍ତପଡା, ଛତ୍ରପୁର, ଚମ୍ପାଦେଇପୁର ପଞ୍ଚାୟତର ଅନେକ ଗାଁକୁ ସଂଯୋଗ କରିବା ପାଇଁ ଏହା ମୁଖ୍ୟ ରାସ୍ତା ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ବାତେଲିମାବାସୀ ପ୍ରକାଶ କରିଛନ୍ତି। ତେବେ ବର୍ଷ ବର୍ଷ ଧରି ରାସ୍ତାର ରକ୍ଷଣାବେକ୍ଷଣ ନହେବା ଯୋଗୁଁ ବାତେଲିମାଠାରୁ ବେଲମ୍ବା, ସିନ୍ଧିବାହିଲି, କଂସାରୀ ଦେଇ ଝାଡ଼ିତୋଟା ପର୍ଯ୍ୟନ୍ତ ୩ କିମି ରାସ୍ତା ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାତାୟତରେ ଅସୁବିଧା ହେଉଥିବା ବେଳେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ସେହିପରି ବିଶ୍ୱନାଥପୁର- ମୁଷାନାଳ ରାସ୍ତା, ଲାଞ୍ଜିଗଡ଼ - ବେନଗାଁ ରାସ୍ତା, ଲାଞ୍ଜିଗଡ଼- ବିଜେପୁର ରାସ୍ତା, ଘାଟିକୁଣ୍ଡରୁ- ପାହାଡ଼ ପଦର ରାସ୍ତା, ବାତେଲିମା-ନିଆଳି ରାସ୍ତା ଓ କୁମଖାଳ ଛକ ଠାରୁ ସିନ୍ଧିବାହାଳୀ ରାସ୍ତା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏନେଇ ଯନ୍ତ୍ରୀ ଅସିତ ଖଟୁଆକୁ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇନଥିଲା। ଏନେଇ ବାତେଲିମା ସରପଞ୍ଚ କରୁଣା ମାଝୀଙ୍କୁ ପଚାରିବାରୁ ମୁଁ ଏହି ରାସ୍ତାକୁ ନେଇ ପଞ୍ଚାୟତ ସମିତି ବୈଠକ ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ବାରମ୍ବାର ଅଭିଯୋଗ କରିଛି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଉ ନାହାଁନ୍ତି। ଆଜି ରାସ୍ତାଟି ଆମ ପଞ୍ଚାୟତବାସୀ ପାଇଁ ମରଣଜନ୍ତା ପାଲଟିଛି ବୋଲି ପ୍ରକାଶ କରିଛନ୍ତି।

## ଐତିହାସିକ କଣ୍ଢେଇ ଯାତ୍ରା
# ପ୍ଲାଷ୍ଟିକ୍ କଣ୍ଢେଇ ବର୍ଜନ ଉପରେ ଗୁରୁତ୍ୱ



**ବ୍ରହ୍ମପୁର,୧୧।୭ (ସଂଚାର ବ୍ୟୁରୋ):** ପ୍ରାୟ ସାଢ଼େ ୩ ଶହ ବର୍ଷ ହେଲା ଖାସ୍‌ପା ସାହିରେ ଆୟୋଜିତ ହେଉଥିବା କଣ୍ଢେଇ ଯାତ୍ରା ଚଳିତ ବର୍ଷ ମଧ ଧୁମଧାମର ସହ ପାଳିତ ହୋଇଯାଇଛି। ଆମ ସଂସ୍କୃତି ଆମ ପରମ୍ପରା ପକ୍ଷରୁ ଆୟୋଜିତ କଣ୍ଢେଇ ଯାତ୍ରାର ସନ୍ଧ୍ୟାରେ ସଭାକାର୍ଯ୍ୟ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କମିଟି ସଭାପତି ସୂର୍ଯ୍ୟ ନାରାୟଣ ଦାସଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର,ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ମଦନ ମୋହନ ପାତ୍ର, ଟି. ଗୋପୀ, ବଦ୍ରୀ ନାରାୟଣ ପାତ୍ର,ଗୋପାଳ ପଟ୍ଟନାୟକ,ବନମାଳୀ ସେଠିଙ୍କ ସମେତ ଅନ୍ୟାନ୍ୟ ଅତିଥି ଉପସ୍ଥିତ ରହି ପ୍ଲାଷ୍ଟିକ୍ କଣ୍ଢେଇକୁ କିଭଳି ବର୍ଜନ କରାଯିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ବର୍ଷ ଯାତ୍ରାରେ ଖଚାଖଚ ଭିଡ଼ ଦେଖିବାକୁ ମିଳିଥିଲା। ଆଷାଢ଼ ପୂର୍ଣ୍ଣିମ ଅବସରେ ଅନୁଷ୍ଠିତ କଣ୍ଢେଇ ଯାତ୍ରାରେ ଆଧୁନିକତାର ଛାପ ରହିଥିଲେ ମଧ ପାରମ୍ପରିକ ମାଟି କଣ୍ଢେଇର ଉପସ୍ଥିତି

**ମାଟି କଣ୍ଢେଇର ଚାହିଦା କମୁଛି**



ଅଧିକ ଆକର୍ଷଣୀୟ ହୋଇପାରିଛି। ହଜି ଯାଉଥିବା ପରମ୍ପରାକୁ ଉଜ୍ଜୀବିତ କରି ଆସୁଥିବା କଣ୍ଢେଇ ଯାତ୍ରାରେ ମାଟି କଣ୍ଢେଇ, ଗୋବର କଣ୍ଢେଇ, ଚିନି କଣ୍ଢେଇ ପରି ଭଳିକି ଭଳି କଣ୍ଢେଇ ନିଜର ଚାହିଦା ବଜାୟ ରଖିଛି। ପ୍ଲାଷ୍ଟିକ ଓ ରବର କଣ୍ଢେଇ ବିକ୍ରି ବୃଦ୍ଧି ପାଇଥିଲେ ମଧ ସମସ୍ତଙ୍କ ପସନ୍ଦ ସାଜିଥିଲା ମାଟି କଣ୍ଢେଇ। ଅନ୍ୟପଟେ ଆଧୁନିକତାର ଛାପରେ ଧିରେ ଧିରେ ପାରମ୍ପରିକ କଣ୍ଢେଇର ସ୍ଥାନ ନେବାକୁ ବସିଛି ପ୍ଲାଷ୍ଟିକ, ଉଲ୍ ଓ ସିନ୍ଥେଟିକରେ ନିର୍ମିତ କଣ୍ଢେଇ। ହେଲେ ବର୍ତ୍ତମାନ ପରମ୍ପରା ବଜାୟ ରଖିବା ପାଇଁ ହାତ ଗଣତି କେତେକ ବ୍ୟବସାୟୀ ଏବେ ମଧ ସେହି ମାଟି କଣ୍ଢେଇ, ଗୋବର କଣ୍ଢେଇ ଆଦି ପ୍ରସ୍ତୁତ କରି ବିକ୍ରି କରୁଛନ୍ତି।

କୁହାଯାଏ ପ୍ରାୟ ୩୫୦ ବର୍ଷର ପୁରାତନ ପରମ୍ପରା ଓ ସଂସ୍କୃତିକୁ ବହନ କରୁଥିବା ଏହି ଯାତ୍ରା ପ୍ରଥମେ ମହୁରି ରାଜବଂଶ ଅମଳରୁ ଆରମ୍ଭ ହୋଇଥିଲା। ଇତିହାସ ପୃଷ୍ଠାରୁ ଅନୁଧ୍ୟାନ କଲେ ମହୁରୀ ଗଡ଼ର ପେଣ୍ଠସ୍ଥଳୀ ରହିଥିବା ବର୍ତ୍ତମାନର ସହରର ଖାସ୍‌ପା ସାହି ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକେ ଏହି ଯାତ୍ରା ଦେଖିବା ସହ ପିଲାଙ୍କ ନିମନ୍ତେ ହାତ ତିଆରି କଣ୍ଢେଇ କିଣିବା ପାଇଁ ଭିଡ଼ ଜମାଉଥିଲେ। ଆଉ ଏହି ଯାତ୍ରାରେ ବ୍ୟବସାୟୀମାନେ ବିଭିନ୍ନ ରକମର ହାତ ତିଆରି କଣ୍ଢେଇ ବିକ୍ରିବଟା କରି ବେଶ୍ ଦୁଇ ପଇସା ରୋଜଗାର ମଧ କରୁଥିଲେ। ଯେଉଁଥିପାଇଁ ଏହି ଯାତ୍ରାରେ କଣ୍ଢେଇର ଢେର ଚାହିଦା ରହିଥିଲା।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କାକଟପୁର/ଅସ୍ତରଙ୍ଗ,୧୧।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସ୍ଥିତ ଅସ୍ତରଙ୍ଗ ନିବାସୀ ଜଣେ ଧର୍ମପ୍ରାଣା ଓ ପରୋପକାରୀ ମହିଳା ଭାବେ ପରିଚିତ ତଥା ସ୍ୱର୍ଗତଃ ଲକ୍ଷ୍ମୀଧର ବେହେରା ଙ୍କ ସହ ଧର୍ମିଣୀ ଦୌପଦୀ ବେହେରା(୭୫) ଙ୍କ ୧୧ତାରିଖ ଶୁକ୍ରବାର ଅପରାହ୍ନ ୩ଘ ୧୨ମିନିଟ ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସନ୍ତୋଷ (ପ୍ରଫୁଲ୍ଲ), ପ୍ରକାଶ (ବାବୁଲି ), ଜ୍ୱାଇଁ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା, ନାତି, ନାତୁଣୀ ଓ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତଃ ଦୌପଦୀ ବେହେରା ଅତ୍ୟନ୍ତ ସ୍ନେହଶିଳ, ସଂସ୍କାରି, ଆଧାତ୍ମିକ ଚେତନାବାଦୀ ଏବଂ ପରୋପକାରୀ ମହିଳା ଭାବେ ସର୍ବଜନ ଆଦୃତ ହୋଇଥିଲେ। ତାଙ୍କ ପରଲୋକ ରେ ଅସ୍ତରଙ୍ଗ ସମେତ ସାରା ଅସ୍ତରଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ବନ୍ଧୁ ପରିଜନ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ବାସଭବନ ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପହଂଚି ଶେଷ ଦର୍ଶନ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ସ୍ମଶାନ ରେ ତାଙ୍କର ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ବଡ଼ପୁଅ ସନ୍ତୋଷ ବେହେରା (ପ୍ରଫୁଲ୍ଲ )ମୁଖାଗ୍ନି ଦେଇଥିଲେ।

### ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

# 'ଜନସଂଖ୍ୟା ସ୍ଥିରତା ପକ୍ଷ'ର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** ସ୍ଥାନୀୟ ଗୀତଗୋବିନ୍ଦ ସଦନର ସଭାଗୃହଠାରେ ରାଜ୍ୟସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଥିବା ବେଳେ ଏଥିରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପରିବାର କଲ୍ୟାଣ, ମାନବାଧିକାର ଓ ନାରୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ପରିବାର ଯୋଜନା, ଲିଙ୍ଗଗତ ସମାନତା, ମାତୃତ୍ୱ, ସ୍ୱାସ୍ଥ୍ୟ ଓ ମାନବିକ ଅଧିକାର ସମେତ ବିଭିନ୍ନ ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ବିଶ୍ୱ ଜନସଂଖ୍ୟା ଦିବସର ପ୍ରଧାନ ଲକ୍ଷ୍ୟ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ମତ ଦେଇଛନ୍ତି। ଏଥିସହ ମିଳିମିଶି ସୁସ୍ଥ ସମାଜ ପରିବେଶ ଗଠନ ପାଇଁ ସମସ୍ତେ ଚେଷ୍ଟା କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ପରିବାର ନିୟୋଜନ ଅଭିଯାନକୁ ସଫଳ କରିବା ନିମନ୍ତେ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାର ଫଳସ୍ୱରୂପ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ରରେ ଗତ ବର୍ଷେ ମଧ୍ୟରେ ଆଶାନୁରୂପ ସଫଳତା ମିଳିଛି। ସମସ୍ତ ସେବା ପ୍ରଦାନକାରୀମାନଙ୍କୁ ତାଲିମ ମାଧ୍ୟମରେ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯାଉଛି। ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୋଷ୍ଠୀସ୍ତରୀୟ ସ୍ୱେଚ୍ଛାସେବୀ, ଆଶା ଦିଦିମାନଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରି ସେବା ଗ୍ରହଣ ନିମନ୍ତେ ପ୍ରବର୍ତ୍ତାଯାଉଥିବା ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ 'ଜନସଂଖ୍ୟା ସ୍ଥିରତା ପକ୍ଷ'ର ଶୁଭାରମ୍ଭ କରିଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଦମ୍ପତି ପିଛା ହାରାହାରି ସନ୍ତାନ ସଂଖ୍ୟା ୨.୧ ରହିବା ଆବଶ୍ୟକ। କିନ୍ତୁ ଇତିମଧ୍ୟରେ ଏହା ୧.୮ରେ ପହଞ୍ଚିଛି, ଯାହାକି ଜାତୀୟ ହାରଠାରୁ ଉନ୍ନତ। ପରିବାର ନିୟୋଜନର ଅପୂରଣୀୟ ଆବଶ୍ୟକତା ରାଜ୍ୟରେ ୧୩.୬ରୁ କମ ହୋଇ ୭.୨ରେ ପହଞ୍ଚିପାରିଛି। ଏହା ନିଶ୍ଚିତ ଭାବେ ରାଜ୍ୟ ପାଇଁ ଖୁସିର ବିଷୟ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପରିବାର ନିୟୋଜନରେ ନିଜର ଅତୁଳନୀୟ ଅବଦାନ ଦେଇଥିବା ଆଶା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ଉନ୍ନତ ପ୍ରଦର୍ଶନ ପାଇଁ ବିଭିନ୍ନ ଜିଲ୍ଲାକୁ ମଧ୍ୟ ପୁରସ୍କୃତ କରାଯାଇଛି। ବିଶ୍ୱ ଜନସଂଖ୍ୟା ଦିବସ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ ଦ୍ୱାରା ଜନସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ଜନସାଧାରଣଙ୍କୁ ଜାଗ୍ରତ କରାଯାଉଛି। ଦ୍ରୁତ ଜନସଂଖ୍ୟା ବୃଦ୍ଧି ବିଭିନ୍ନ କାରଣରୁ ସମାଜ ଓ ଦେଶ ପାଇଁ କ୍ଷତିକାରକ। ଏବେ ରାଜ୍ୟ ତଥା ଦେଶର କେତେକ ସ୍ଥାନରେ ବାଲ୍ୟ ବିବାହ କରାଯାଉଛି। ଏହା ବେଆଇନ ବା ଆଇନ ଦୃଷ୍ଟିରେ ଅପରାଧ। ଏଭଳି କୁପ୍ରଥା କାରଣରୁ କମ ବୟସରେ ମଧ୍ୟ କେତେକ ମହିଳା ସନ୍ତାନ ଜନ୍ମ ଦେଉଛନ୍ତି। ଏହା ଉଭୟ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଉପଯୁକ୍ତ ବ୍ୟବଧାନରେ ଜନ୍ମ ନେଇଥିବା ଶିଶୁଙ୍କ ସ୍ୱାସ୍ଥ୍ୟ ଓ ଶାରୀରିକ ଅଭିବୃଦ୍ଧି ଠିକ ରହିଥାଏ। ତେଣୁ ସୂଚନା-ଶିକ୍ଷା-ସଂଚାର ଦ୍ୱାରା ଜନସଂଖ୍ୟା ବୃଦ୍ଧିକୁ ରୋକାଯାଇ ଜନସଂଖ୍ୟାରେ ପ୍ରତିସ୍ଥାପନ ହାର ହାସଲ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ରାଜଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଅମରେନ୍ଦ୍ର ମହାନ୍ତି ବକ୍ତବ୍ୟ ରଖିଥିଲେ। ଅନ୍ତିମ ଚରଣରେ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ମୁରଲୀଧର ପାଢ଼ୀ ଧନ୍ୟବାଦ ଦେଇଥିଲେ।



## ସହିଦଙ୍କ ପରିବାରଙ୍କୁ ଭେଟିଲେ ସେନାବାହିନୀର ପ୍ରତିନିଧି

### ପ୍ରଶଂସାପତ୍ର ସହ ମୋମେଣ୍ଟୋ ପ୍ରଦାନ

**ବାଲେଶ୍ୱର,୧୧।୭(ସଂଚାର ବ୍ୟୁରୋ):** କାର୍ଗିଲ ବିଜୟ ଦିବସ ଉପଲକ୍ଷେ କାର୍ଗିଲ ଯୁଦ୍ଧରେ ଯୋଗଦେଇ ପାରୁନଥିବା ସହିଦଙ୍କ ପରିବାରକୁ ଭେଟୁଛନ୍ତି ଭାରତୀୟ ସେନାବାହିନୀର ପ୍ରତିନିଧି ଦଳ। କାର୍ଗିଲ ଯୁଦ୍ଧକୁ ଇତିମଧ୍ୟରେ ୨୬ ବର୍ଷ ହୋଇଥିବା ବେଳେ ଏଥିରେ ଓଡ଼ିଶାର ୪ ଜଣ ଯବାନ ଶହୀଦ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବାଲେଶ୍ୱର କୁରୁଡ଼ା ଅଞ୍ଚଳର ସହିଦ ଗଙ୍ଗାରାମ ଦାସ ଅନ୍ୟତମ। ତେବେ ଯୁଦ୍ଧ ପରେ ୨୬ ବର୍ଷ ଧରି ସହିଦ ପରିବାର କିଭଳି ପରିସ୍ଥିତିରେ ରହିଛନ୍ତି ତାହା ଜାଣିବା ପାଇଁ ଓ ସେମାନଙ୍କ ନିକଟରୁ ଭାରତୀୟ ସେନା ବାହିନୀ ଦୂରେଇ ଯାଇନାହାନ୍ତି ବୋଲି ଏକ ଧାରଣା ସୃଷ୍ଟି କରିବା ପାଇଁ ସହିଦ ପରିବାରଙ୍କ ଗାଁରେ ପହଞ୍ଚିଛନ୍ତି ଭାରତୀୟ ସେନାବାହିନୀର ଉକ୍ତ ପ୍ରତିନିଧି ଦଳ। ଏକ ମହତ ଉଦ୍ଦେଶ୍ୟ ନେଇ ସହିଦ ଗଙ୍ଗାରାମଙ୍କ ପତ୍ନୀ ଓ ପରିବାର ଲୋକଙ୍କୁ ଭେଟିଛନ୍ତି ଉକ୍ତ ଦଳ। ୧୯୯୯ ଜୁଲାଇ ୧୧ ତାରିଖରେ ଗଙ୍ଗାରାମଙ୍କ ପତ୍ନୀ ସ୍ୱାମୀଙ୍କ ସହିଦ ହେବାର ଖବର ପାଇଥିଲେ। ଯଦିଓ ଏହି ଖବରରେ ସେ ସ୍ଥାଣୁ ପାଲଟିଯାଇଥିଲେ, କିନ୍ତୁ ସ୍ୱାମୀ ଦେଶ ପାଇଁ ଜୀବନ ଦେଇଥିବାରୁ ଗର୍ବ ଅନୁଭବ କରିଥିଲେ। ସେନାବାହିନୀର ପ୍ରତିନିଧି ଦଳ ଗଙ୍ଗାରାମଙ୍କ ପତ୍ନୀଙ୍କୁ ଭେଟିବା ସହ ଏକ ପ୍ରଶଂସାପତ୍ର ଓ ମୋମେଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ସେମାନେ ଗଙ୍ଗାରାମଙ୍କ ଘର ନିକଟସ୍ଥ ରାସ୍ତାକୁ ତାଙ୍କ ନାମରେ ନାମିତ କରିବାକୁ ପ୍ରତିନିଧି ଦଳ ପ୍ରସ୍ତାବ ଦେଇଛନ୍ତି। ପୂର୍ବରୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏପରି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ଏ ଦିଗରେ ପଦକ୍ଷେପ ନିଆଯାଇନଥିବାରୁ ଗଙ୍ଗାରାମଙ୍କ ବାପା କ୍ଷୋଭ ପ୍ରକାଶ କରିଛନ୍ତି।

### ବଞ୍ଚିଛି ମାନବିକତା

## ମୋବାଇଲ ଓ ପର୍ସ ଫେରାଇଲେ ଯୁବକ



**କଟକ,୧୧।୭(ସଂଚାର ବ୍ୟୁରୋ):** ବର୍ତ୍ତମାନର ସ୍ୱାର୍ଥପର ଦୁନିଆରେ ଭାଇ ଭାଇର ବେକ କାଟିବାକୁ ପଛାଉନାହାଁ। ସମୟ କ୍ରମେ ମଣିଷ ହୃଦୟରୁ ମାନବିକତା ଲୋପ ପାଇଯାଉଛି ବୋଲି ସମସ୍ତେ ସ୍ୱୀକାର କରିବେ। କିନ୍ତୁ ଏବେ ବି ସମାଜରେ ଏମିତି କିଛି ଲୋକ ବଞ୍ଚିଛନ୍ତି, ଯେଉଁମାନେ ଲୋଭର ବଶବର୍ତ୍ତୀ ନ ହୋଇ ମଣିଷ ପଣିଆ ଦେଖାଉଛନ୍ତି। ଏହିପରି ଜଣେ ବ୍ୟକ୍ତି ହେଉଛନ୍ତି କଟକ ଜିଲ୍ଲାର କିଶନନଗର ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତର ଥୋରିଆପଡ଼ା ନିବାସୀ ମହମ୍ମଦ ମିନ୍‌ହାଜ୍ ଅଫସର୍ ଓରଫ୍ ରାଜୁ। ସେ ରାସ୍ତାରୁ ପାଇଥିବା ଏକ ଦାମୀ ମୋବାଇଲ ସହ ଏଟିଏମ୍ କାର୍ଡ ଓ ଟଙ୍କା ଏହାର ମାଲିକଙ୍କୁ ଫେରାଇ ଦେଇଛନ୍ତି। ଏପରି ମହାନତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। କିଛି ଦିନ ତଳେ ମିନହାଜ୍ ଭୁବନେଶ୍ୱରରୁ ଥୋରିଆପଡ଼ାକୁ ଫେରିବା ସମୟରେ କଟକ ଓଏମ୍‌ପି ଛକରେ ଉକ୍ତ ମୋବାଇଲ୍, ଟଙ୍କା ଓ ଏଟିଏମ୍ କାର୍ଡ ପାଇଥିଲେ। ଏପରିକି ମୋବାଇଲ୍‌ଟି ତଳେ ପଡ଼ି ଯାଇଥିବାରୁ ସେଥିରୁ କୌଣସି କଲ୍ ହୋଇପାରିନଥିଲା। କିନ୍ତୁ ମିନହାଜ୍‌ଙ୍କର ଉକ୍ତ ମୋବାଇଲ୍‌କୁ ମାଲିକଙ୍କ ନିକଟରେ ପହଞ୍ଚାଇବା ସକାଶେ ରହିଥିବା ଦୃଢ଼ ମନୋବଳ ଏଥିରେ ବାଧକ ହୋଇପାରିନଥିଲା। ସେ ଉକ୍ତ ମୋବାଇଲ୍‌ରୁ ସିମ୍ କାଢ଼ି ଅନ୍ୟ ଏକ ମୋବାଇଲରେ ପକାଇଥିଲେ। ଏହାପରେ ଉକ୍ତ ମୋବାଇଲ୍‌କୁ ଗୋଟିଏ ପରେ ଗୋଟିଏ କଲ୍ ଆସିଥିଲା। ଏହାଦ୍ୱାରା ଉକ୍ତ ମୋବାଇଲ୍‌ର ମାଲିକଙ୍କ ସମ୍ପର୍କରେ ମିନ୍‌ହାଜ୍ ସୂଚନା ପାଇପାରିଥିଲେ। ଉକ୍ତ ମୋବାଇଲ୍‌ର ମାଲିକ ଏରସମା ଥାନା ଇବ୍ରିସିଂ ଉରାଳି ଗାଁର ନିହାର ରଞ୍ଜନ ନାୟକ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଥିବା ତାଙ୍କ ମା'ଙ୍କ ନିକଟକୁ ଯାଉଥିବା ସମୟରେ ତାଙ୍କ ଅଜାଣତରେ ମୋବାଇଲ ସହ କାର୍ଡ ଓ ଟଙ୍କା ଖସିପଡ଼ିଥିଲା। ପରେ ମା'ଙ୍କ ପାଇଁ ଔଷଧ କିଣିବା ସମୟରେ ସେ ଏହା ଜାଣିପାରିଥିଲେ ହେଁ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ହତାଶ ହୋଇପଡ଼ିଥିଲେ। କିନ୍ତୁ ମିନ୍‌ହାଜ୍‌ଙ୍କ ପରି ଜଣେ ସହୃଦୟ ଯୁବକଙ୍କ ହାତରେ ତା' ପଡ଼ିଥିବାରୁ ଶେଷରେ ନିହାର ତାଙ୍କ ହଜିଲା ସାମଗ୍ରୀ ଫେରିପାରିଥିଲେ। କାରଣ ମିନ୍‌ହାଜ୍ ତାଙ୍କୁ ଗତ ସୋମବାର ରାତି ପ୍ରାୟ ୧୨ଟା ସମୟରେ ସୋମପୁର ବଜାରରେ ସେସବୁ ଫେରସ୍ତ କରିଥିଲେ। ହଜିଥିବା ସାମଗ୍ରୀ ପାଇ ନିହାର ମିନ୍‌ହାଜ୍‌ଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ।

## ପୁଅ ବଦଳରେ ମା'ଙ୍କୁ ଇଞ୍ଜେକସନ




**ନୂଆପଡ଼ା ,୧୧।୭ (ସଂଚାର ବ୍ୟୁରୋ) :** ପୁଅ ବଦଳରେ ମାଆକୁ ଇଞ୍ଜେକସନ । ଏମିତି ଏକ ଅଭିଯୋଗ ଆସିଛି ନୂଆପଡ଼ା ଜିଲା ଖଡ଼ିଆଳ ସବଡିଭିଜନ ହସ୍ପିଟାଲରୁ । ଖବର ଅନୁସାରେ, ଖଡ଼ିଆଳ ବ୍ଲକ ବରଗାଁର ରାଜୁ ତାଣ୍ଡି ଓ ତାଙ୍କ ସ୍ତ୍ରୀ ଅଞ୍ଜୁ ତାଣ୍ଡି ନିଜର ଦୁଇ ବର୍ଷର ପୁଅ ଡୁଲେଶ୍ୱରକୁ ଜ୍ୱର ହେବାରୁ ଆଜି ଡାକ୍ତରଖାନାକୁ ଆଣିଥିଲେ। ସେମାନେ ଶିଶୁ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ଦେଖାଇଥିଲେ । ଡାକ୍ତର ଚିଠା ଲେଖି ଇଞ୍ଜେକସନ ଦେବା ପାଇଁ ନର୍ସଙ୍କ ପାଖକୁ ପଠାଇଥିଲେ। କାର୍ଯ୍ୟରତ ନର୍ସ ରଶ୍ମିତା ପଣ୍ଡା ଛୁଆ ବଦଳରେ ମାଆ ଅଂଜୁଙ୍କ ପେଟରେ ଫୋଡ଼ି ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଅଂଜୁଙ୍କ ପେଟରେ ମଧ୍ୟ ଛୁଞ୍ଚି ଫୋଡି ଦେବାର ଚିହ୍ନ ସ୍ପଷ୍ଟ ଭାବରେ ଦିଶୁଛି । ତାଙ୍କ ପେଟ ଦରଦ ହେଉଥିବା ମଧ୍ୟ ଅଞ୍ଜୁ କହିଛନ୍ତି । ଏନେଇ ସଂପୃକ୍ତ ନର୍ସଙ୍କୁ ପଚାରିବାରୁ ଘଟଣାକୁ ଅସ୍ୱୀକାର କରିଥିଲେ ଓ କାଲେ ଫୋଡ଼ିବା ସମୟରେ ବାଜି ଯାଇଥିବ ବୋଲି କହିଥିଲେ । ଏନେଇ ମେଡିକାଲ ଇନ୍ ଚାର୍ଜ ଡାକ୍ତର ମହେନ୍ଦ୍ର କୁମାର ମାଝୀଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି ଓ ମାଆର ଚିକିତ୍ସା କରାଯାଇଛି । ହେଲେ ଏହା କୌଣସି ଅସୁବିଧା ହେବ ନାହିଁ ବୋଲି କହିଛନ୍ତି।

### ଦୁଇ ପ୍ରମୁଖ କେନ୍ଦ୍ରୀୟ ଯୋଜନାର ସମୀକ୍ଷା

## ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରରେ ନେତୃତ୍ୱ ନେବ ଓଡ଼ିଶା



**ଭୁବନେଶ୍ୱର,୧୧।୭(ସଂଚାର ବ୍ୟୁରୋ):** କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ ଷଡ଼ଙ୍ଗୀ ଆଜି ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଛନ୍ତି। ବୈଠକରେ ଭାରତ ସରକାରଙ୍କର ଦୁଇଟି ପ୍ରମୁଖ ଯୋଜନା ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ଓ 'ପିଏମ ସୂର୍ଯ୍ୟଘର: ମୁଫତ ବିଜଳି' ଯୋଜନା ବିଷୟରେ ଆଲୋଚନା ହୋଇଛି। ଦେଶର ସବୁଜ ହାଇଡ୍ରୋଜେନ କ୍ଷେତ୍ରରେ ପରିବର୍ତ୍ତନର ନେତୃତ୍ୱ ନେବା ପାଇଁ ଓଡ଼ିଶା ଦୃଢ଼ ସ୍ଥିତିରେ ଅଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି। ଜଳ ଉପଲବ୍ଧତା, ବୃହତ ପରିମାଣର ଅକ୍ଷୟ ଶକ୍ତିର ସମନ୍ୱୟ ଏବଂ ସକ୍ଷମ ଭିତ୍ତିଭୂମି ବିକାଶ ଭଳି ପ୍ରମୁଖ ଆହ୍ୱାନଗୁଡ଼ିକୁ ସେ ସ୍ୱୀକାର କରିବା ସହ ରାଜ୍ୟର ରଣନୀତିକ ଉପକୂଳବର୍ତ୍ତୀ ସ୍ଥିତି, ଦୃଢ଼ ଶିଳ୍ପ ଇକୋସିଷ୍ଟମ ଏବଂ ସକ୍ରିୟ ନୀତିଗତ ଢାଞ୍ଚା ଓଡ଼ିଶାକୁ ସବୁଜ ହାଇଡ୍ରୋଜେନର ବିଶ୍ୱ ରପ୍ତାନିକାରୀ ହେବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି ବୋଲି କହିଛନ୍ତି। ବୈଠକରେ ଓଡ଼ିଶା ସରକାର, ପ୍ରମୁଖ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ପ୍ରମୁଖ ସବୁଜ ହାଇଡ୍ରୋଜେନ୍ ଡେଭଲପରମାନଙ୍କର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଅଧିକ ପରିମାଣର ସବୁଜ ହାଇଡ୍ରୋଜେନ୍/ସବୁଜ ଆମୋନିଆ ପ୍ରକଳ୍ପର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକ ଉପରେ ବିଚାରବିମର୍ଶ କରାଯାଇଥିଲା। ବିଶେଷକରି ଗୋପାଳପୁରର ଏସଇଜେଡ ଠାରେ ଏଥିପାଇଁ ରହିଥିବା ସମ୍ଭାବନାକୁ ନେଇ ଆଲୋଚନା ହୋଇଥିଲା।

'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫତ ବିଜଳି ଯୋଜନା' ହେଉଛି ଭାରତ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହାର ଲକ୍ଷ୍ୟ ହେଉଛି, ସାରା ଦେଶରେ ଛାତ ଉପରେ ସୌରଶକ୍ତି ୟୁନିଟ ସ୍ଥାପନକୁ ପ୍ରୋତ୍ସାହିତ କରିବା। ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ଓଡ଼ିଶାରେ ଏହାର ଅଗ୍ରଗତିକୁ ନେଇ ମୁଖ୍ୟ ସଚିବଙ୍କ ସହିତ ସମୀକ୍ଷା କରିଥିଲେ। ସମୀକ୍ଷା ପରେ, ରାଜ୍ୟ ସାରା ଛାତ ଉପରେ ସୌରଶକ୍ତି ପ୍ଲାଣ୍ଟ ସ୍ଥାପନକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ନିୟମିତ ଏସଏଲବିସି ବୈଠକ ଆୟୋଜନ କରିବା, ବିକ୍ରେତା ଓ ବ୍ୟାଙ୍କରମାନଙ୍କ ସହିତ ଜଡିତ ହେବା ଏବଂ କାର୍ଯ୍ୟକାରିତାକୁ ସହଜ କରିବା ପାଇଁ ତୁରନ୍ତ ଋଣ ମଞ୍ଜୁର ଓ ବଣ୍ଟନ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

### ପ୍ରେମସମ୍ପର୍କକୁ ଗ୍ରାମବାସୀଙ୍କ ବିରୋଧ

## ପୁତୁରା-ପିଉସୀ ବେକରେ ଜୁଆଳି ପକାଇଲେ



**ରାୟଗଡ଼ା,୧୧।୭(ସଂଚାର ବ୍ୟୁରୋ):** ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମ ସମ୍ପର୍କକୁ ନେଇ ଗାଁ ଲୋକେ ବୈଠକ କରିବା ସହ ସେମାନଙ୍କ ବେକରେ ଜୁଆଳି ପକାଇ ଚାଷଜମିରେ ହଳ କରାଇବା ଭଳି ଦଣ୍ଡ ପ୍ରଦାନ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ସିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗ୍ରାମରେ ଏପରି ଘଟଣା ଘଟିଥିବା ବେଳେ ଦଣ୍ଡିତ ହେବା ପରେ ପ୍ରେମୀଯୁଗଳଙ୍କ ପତ୍ତା ମିଳୁନଥିବା ଜଣାପଡ଼ିଛି। ସେମାନେ କେଉଁଆଡ଼େ ଚାଲିଯାଇଛନ୍ତି କି ଏନେଇ କିଛି ଜଘନ୍ୟ କାଣ୍ଡ ଘଟିଛି, ତାହାକୁ ନେଇ କେହି ମୁହଁ ଖୋଲୁନାହାନ୍ତି। ଏହି ଘଟଣାଟି ଗତକାଲି ଘଟିଥିବା ବେଳେ ଏନେଇ ସ୍ଥାନୀୟ ପୁଲିସ୍ ପାଖରେ କୌଣସି ଖବର ନଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, କଞ୍ଚାମଯୋଡ଼ିର କୋଡ଼ିୟା ସାରକା (୨୮) ଓ ତାଙ୍କ ଦୂର ସମ୍ପର୍କୀୟ ପିଉସୀ (୩୨) ପରସ୍ପରକୁ ଦୀର୍ଘଦିନ ଧରି ପ୍ରେମ କରିଆସୁଥିଲେ। ପରେ ସେମାନେ ବିବାହ ପାଇଁ ଯୋଜନା କରି ଫେରାର୍ ହୋଇଯାଇଥିଲେ। ତେବେ ଏ ବିଷୟରେ ପରିବାର ଲୋକେ ଜାଣିବା ପରେ ଗାଁ ଲୋକେ ସେମାନଙ୍କୁ ଗାଁରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେମାନଙ୍କ ସମ୍ପର୍କକୁ ବିରୋଧ କରିବା ସହ ଗ୍ରାମବାସୀ ଦଣ୍ଡିତ କରିବା ସକାଶେ ଉଭୟଙ୍କୁ ଚାଷଜମିରେ ବଳଦ ବଦଳରେ ହଳ କରାଇଥିଲେ। କିନ୍ତୁ ଏହା ପରଠାରୁ ଉଭୟଙ୍କ ପତ୍ତା ମିଳୁନଥିବାରୁ ଏହା ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ କଲ୍ୟାଣସିଂହପୁର ଥାନାଧିକାରୀ ନୀଳକଣ୍ଠ ବେହେରାଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କ ପାଖରେ ଏପରି କୌଣସି ଅଭିଯୋଗ ପହଞ୍ଚିନଥିବା କହିଛନ୍ତି। କିନ୍ତୁ ଉଭୟ ପ୍ରେମୀଯୁଗଳଙ୍କୁ ଖୋଜି ବାହାର କରିବା ସକାଶେ ପୁଲିସ୍ ଉଦ୍ୟମ କରିବା ଦରକାର ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ତା'ଛଡ଼ା ଆଇନକୁ ହାତକୁ ନେଇଥିବା ଗ୍ରାମବାସୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି ବୋଲି ଚର୍ଚ୍ଚା ହେଉଛି।

## ଫି ନଦେଲେ ବିଜୁଳି ଓ ପାଣି ସଂଯୋଗ କଟିବ: ବିଡିଏ

**ଭୁବନେଶ୍ୱର, ୧୧।୭ (ସଂଚାର ବ୍ୟୁରୋ) :** ହାଉସିଂ ସୋସାଇଟି କ୍ଷମତା ନେଇ ବିଡିଏର ଐତିହାସିକ ନିଷ୍ପତ୍ତି । ବକେୟା ଫି ଆଦାୟ ପାଇଁ ଫ୍ଲାଟ ମାଲିକଙ୍କ ଘରକୁ ବିଜୁଳି ଓ ପାଣି ସଂଯୋଗକୁ ବିଚ୍ଛିନ୍ନ କରିପାରିବେ ଆପାର୍ଟମେଣ୍ଟ ସୋସାଇଟି। ଆବାସିକ ଆପାର୍ଟମେଣ୍ଟର ଘର ମାଲିକ ରକ୍ଷଣାବେକ୍ଷଣ ଦେୟ ପଇଠରେ ବିଳମ୍ବ କଲେ କିମ୍ବା ଫି ନଦେଲେ ବିଚ୍ଛିନ୍ନ ହେବ ବିଜୁଳି ସଂଯୋଗ, ଜଳଯୋଗାଣ, ପରିମଳ ଆଦି ବିଭିନ୍ନ ଅତ୍ୟାବଶ୍ୟକ ସେବାରୁ ସଂପୃକ୍ତ ଫ୍ଲାଟ ମାଲିକଙ୍କୁ ବଞ୍ଚିତ ହେବେ । ଏନେଇ ପଦକ୍ଷେପ ଗ୍ରହଣ କରିପାରିବେ ହାଉସିଂ ସୋସାଇଟି । କିଛି ଫ୍ଲାଟ ମାଲିକ ଇଚ୍ଛାକୃତ ଭାବେ ମାସିକ ରକ୍ଷଣାବେକ୍ଷଣ ଦେୟ ପ୍ରଦାନ କରୁନଥିଲେ । ଏନେଇ ହାଉସିଂ ସୋସାଇଟି ଆସୋସିଏସନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ- ବିଡିଏରେ ଅଭିଯୋଗ କରିଥିଲେ।

## ପାଗଳ ଷଣ୍ଢ ଆକ୍ରମଣରେ ଜଣେ ମୃତ



**ବାସୁଦେବପୁର,୧୧।୭ (ସଂଚାର ବ୍ୟୁରୋ):** ବାସୁଦେବପୁର ଚଣ୍ଡିଆ ଗାଁରେ ଏକ ପାଗଳ ଷଣ୍ଢ ମାତିବା ଫଳରେ ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ସେହିପରି ଉକ୍ତ ପାଗଳ ଷଣ୍ଢ ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଗାଁ ପଞ୍ଚାୟତର ଚଣ୍ଡିଆ ଗାଁରେ ଏପରି ଅଘଟଣ ଦେଖିବାକୁ ମିଳିଛି। ଉକ୍ତ ପାଗଳ ଷଣ୍ଢଟି ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଦୁଇ ଆହତଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଜଣଙ୍କ ଉକ୍ତ ଗ୍ରାମର ବାସିନ୍ଦା ନେପାଳୀ ଚରଣ ଜେନା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଘର ପିଣ୍ଡାରେ ଉକ୍ତ ପାଗଳ ଷଣ୍ଢଟି ଶୋଇଥିବା ଦେଖି ନେପାଳୀ ତାକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଷଣ୍ଢଟି ପଳାଇଯିବା ପରିବର୍ତ୍ତେ ନେପାଳୀଙ୍କୁ ଆକ୍ରମଣ କରିଥିଲା। ସେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ୨/୩ ଥର ରାସ୍ତାରେ ଟେକି କଚାଡ଼ି ଦେଇଥିଲା। ଏଥିରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ନେପାଳୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ପତ୍ନୀ ଓ ପୁଅ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି।

## ୫୦କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ , ଅଭିଯୁକ୍ତ ଫେରାର

**ମୟୂରଭଞ୍ଜ,୧୧।୭(ସଂଚାର ବ୍ୟୁରୋ):** ରାଜ୍ୟରେ ବଢ଼ି ଚାଲିଛି ନିଶା କାରବାର । ମୟୂରଭଞ୍ଜ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ବେଆଇନ୍ ଗଞ୍ଜେଇ ଜବତ । ବାଙ୍ଗିପୋଷି ଥାନା ଅନ୍ତର୍ଗତ ବୁଢ଼ାମରା ସ୍ଥିତ ଏକ ଫାର୍ମ ହାଉସ ଭିତରୁ ଜବତ ହେଲା ଗଞ୍ଜେଇ। ଘଟଣା ସ୍ଥଳରୁ ଅଭିଯୁକ୍ତ ଫେରାର । ଜବତ ଗଞ୍ଜେଇ ପରିମାଣ ୫୦କିଲୋରୁ ଉର୍ଦ୍ଧ୍ୱ ହେବ ବୋଲି କହିଛନ୍ତି ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୋହଁର । ଏହି ଫାର୍ମ ହାଉସ୍ ମଧ୍ୟରେ ବେଆଇନ୍ ଭାବେ ଗଞ୍ଜେଇ ରଖି ବେପାର ହେଉଥିବା ଖବର ପାଇ ଅବାକାରୀ ବିଭାଗ ଏହି ଚଢାଉ କରିଥିଲା । ତେବେ ଅଭିଯୁକ୍ତକୁ ଶିଘ୍ର ଗିରଫ କରାଯିବ ବୋଲି କହିଛନ୍ତି ଅବକାରୀ ଅଧୀକ୍ଷକ ।



# ବିପଦକୁ ଡାକୁଛି ଥୁଆମୂଳ ରାମପୁର ରାସ୍ତା

**ଥୁଆମୂଳରାମପୁର,୧୧।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲ ପାଟଣାଠାରୁ ଥୁଆମୂଳ ରାମପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ନିର୍ମାଣରେ ଅନିୟମିତତା ହେଉଥିବା ସହ କାଳଦୁଦା ଘାଟି ମୁଖ୍ୟ ରାସ୍ତା କାଦୁଅରେ ପଚପଚ ହୋଇ ମରଣଯନ୍ତା ପାଲଟିଛି। ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ନାନାଦି ଅସୁବିଧା ଭୋଗିବା ସହ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି।

ମିଳିଥିବା ସୂଚନାନୁସାରେ, କିଛିଦିନ ତଳର ଲଗାଣ ବର୍ଷାରେ କାଳଦୁଦା ଘାଟି ଉଭୟ ପାର୍ଶ୍ୱରେ ଥିବା ମାଟି ଅତଡ଼ା ଧସି ମୁଖ୍ୟ ରାସ୍ତାକୁ ଚାଲିଆସିବା ଫଳରେ ଉକ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଆରମ୍ଭରୁ ଅନେକ ସ୍ଥାନରେ ଛୋଟ ବଡ଼ ଖାଲଖମା ସହ କୃତ୍ରିମ ପୋଖରୀ ସୃଷ୍ଟି ହେବା ହୋଇଥିବା ବେଳେ କାଦୁଅ ପଚପଚ ଅବସ୍ଥା ଯୋଗୁଁ ପଥଚାରୀଙ୍କଠାରୁ ଆରମ୍ଭ କରି ଯାନବାହନ ଚଳାଚଳରେ ଯାବତୀୟ ସମସ୍ୟା ଉପୁଜିଛି। ଏପରିକି ଲୋକେ ବାଇକ୍‌ରେ ଯାତାୟାତ ସମୟରେ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ଜରୁରୀକାଳିନ ଆମ୍ବୁଲାନ୍ସ ସମେତ ଛୋଟ ବଡ଼ ଗାଡ଼ି ଉକ୍ତ ରାସ୍ତା ଦେଇ ଯିବା ସମୟରେ ଘଣ୍ଟା ଘଣ୍ଟା ଧରି ଫସିରହୁଥିବା ପରିଲକ୍ଷିତ ହେଉଛି। ରାସ୍ତା କାମ କରୁଥିବା ଠିକାଦାର ମନଇଚ୍ଛା କାମ କରୁଥିବା ନେଇ ସ୍ଥାନୀୟ ଲୋକେ ଅନେକ ଥର ଅଭିଯୋଗ କରିଛନ୍ତି। କିନ୍ତୁ ଏଥିପ୍ରତି ବିଭାଗୀୟ ଅଧିକାରୀ ଆଦୌ ଦୃଷ୍ଟି ଦେଉନାହାନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କିଛି ବି ମତାମତ ଦେଇନାହାନ୍ତି। ତେଣୁ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ରାସ୍ତା ନିର୍ମାଣ ସହ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କାଦୁଅ ହେଉଥିବା ସ୍ଥାନକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ରୁଷ୍‌ଠାରୁ ତେଲ କିଣୁଥିବାରୁ ଟ୍ରମ୍ପ ଖପ୍ପା

# ଭାରତ ପ୍ରତି ୫୦୦% ଟିକସ ବିପଦ



ନୂଆଦିଲ୍ଲୀ, ୧୧।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦୦ ପ୍ରତିଶତ ଟିକସ ଲଗାଇବା ଉପରେ ବିଚାର କରୁଛନ୍ତି। ରୁଷ୍‌ରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ସେ ଖପ୍ପା ଅଛନ୍ତି। ସେଭଳି ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତ ଟିକସ ଲଗାଇବା ଲାଗି ପ୍ରସ୍ତୁତ କରାଯାଇଥିବା ଏକ ଆଇନକୁ ସେ ସମର୍ଥନ କରୁଛନ୍ତି। ଯଦି ତାହା ଲାଗୁ ହେବ ତେବେ ଭାରତ ଓ ଚୀନ୍ ସର୍ବାଧିକ ପ୍ରଭାବିତ ହେବେ। ଏହି ଆଇନ ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ ମୁଁ ବର୍ତ୍ତମାନ ତାହାକୁ ଦେଖୁଛି। ତାକୁ ଲାଗୁ କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବା, ସମ୍ପୂର୍ଣ୍ଣ ରୂପେ ମୋ ଉପରେ ନିର୍ଭର କରୁଛି। ଟ୍ରମ୍ପ ଏଭଳି ଏକ ସମୟରେ ଏହି ବାର୍ତ୍ତା ଦେଇଛନ୍ତି, ଯେତେବେଳେ ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ତାଙ୍କୁ ପାନେ ଦେବା ଲାଗି ସେ ସୁଯୋଗ ଖୋଜୁଛନ୍ତି। ପୁଟିନଙ୍କୁ ବୁଦ୍ଧି ଶିଖାଇବା ବାହାନାରେ ଯଦି ସେ ଏହି ନିୟମକୁ ଲାଗୁ କରିବେ ତେବେ ଭାରତ ଉପରେ ୫୦୦ ପ୍ରତିଶତ ଟିକସ ଲାଗିବାର ବିପଦ ରହିବ। ଅନ୍ୟ ପକ୍ଷରେ ଜୁନ୍ ୯ ସମୟ ସୀମା ଶେଷ ହୋଇଯାଇଥିଲେ ମଧ ଭାରତ ଓ ଆମରିକା ମଧରେ ବାଣିଜ୍ୟ ଚୁକ୍ତି ହୋଇପାରିନାହିଁ। ଆସନ୍ତା ଅଗଷ୍ଟ ୧ରୁ ଲାଗୁ ହେବାକୁ ଥିବା ଶୁଳ୍କ ସମ୍ପର୍କରେ ଟ୍ରମ୍ପ ପ୍ରଶାସନ ବିଭିନ୍ନ ଦେଶକୁ ପତ୍ର ଆକାରରେ ଜଣାଉଛି। ଭାରତକୁ ସେଭଳି ପତ୍ର ଏପର୍ଯ୍ୟନ୍ତ ପଠାଯାଇନାହିଁ। ତେଣୁ ଭାରତକୁ ନେଇ ଟ୍ରମ୍ପଙ୍କ ଆଭିମୁଖ୍ୟ କ'ଣ ରହିଛି, ତାହା ଆକଳନ କରାଯାଇପାରୁନାହିଁ। ସମୟ ସୀମା ଶେଷ ହେବା ପରେ ମଧ ଉଭୟ ପକ୍ଷ ଆଲୋଚନା ଜାରି ରଖିବେ। ଅଧିକ ଆଲୋଚନା ପାଇଁ ଖୁବ୍‌ଶୀଘ୍ର ଭାରତର ଏକ ପ୍ରତିନିଧି ଦଳ ଆମେରିକା ଗସ୍ତ କରିବ। ଚଳିତ ବର୍ଷ ଏପ୍ରିଲ୍ ୨ରେ ମୁକ୍ତି ଦିବସ ଘୋଷଣାରେ ଟ୍ରମ୍ପ ଭାରତ ଉପରେ ୨୬ ପ୍ରତିଶତ ପାଲଟା ଟିକସ ଲଗାଇଥିଲେ। ନିର୍ବାଚନ ପ୍ରଚାର ସମୟରୁ ସେ ଭାରତକୁ ଏକ ଚଢ଼ା ଟିକସ ଲଗାଉଥିବା ଦେଶ ଭାବେ ଦେଖୁଛନ୍ତି। ବିଶେଷ କରି ଗାଡ଼ି ଉପରେ ଭାରତ ଲଗାଇଥିବା ଟିକସକୁ ସେ ନାପସନ୍ଦ କରୁଛନ୍ତି। ପାଲଟା ଟିକସକୁ ସେ ତିନି ମାସ ପାଇଁ ଟାଳି ଦେଇଥିଲେ ଓ ସେହି ସମୟ ଭିତରେ ବାଣିଜ୍ୟ ରାଜିନାମା କରିବା ଲାଗି କଥାବାର୍ତ୍ତା କରିବାକୁ ବିଭିନ୍ନ ଦେଶକୁ ସୁଯୋଗ ଦେଇଥିଲେ। ଭାରତ ସରକାର ନିଜ ଆଡ଼କୁ ସବୁ ପ୍ରକାର ଉଦ୍ୟମ କରିବା ସତ୍ତ୍ୱେ ରାଜିନାମା ହୋଇପାରିନାହିଁ। ଭାରତ ଉପରେ ଟ୍ରମ୍ପ ପ୍ରଶାସନ ଚାପ ପକାଇବାକୁ ଉଦ୍ୟମ କରୁଛି। ଏହାର କୃଷିଜାତ ଓ ଦୁଗ୍ଧଜାତ ସାମଗ୍ରୀ ପାଇଁ ବଜାର ଖୋଲିବାକୁ କହୁଛି। କିନ୍ତୁ ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ ଚାଷୀ ଓ ଅର୍ଥନୈତିକ ସ୍ୱାର୍ଥ ପ୍ରତି କୌଣସି ପ୍ରକାର ସାଲିସ ହେବନାହିଁ।

## ଷ୍ଟକ ବଜାରରେ ହ୍ରାସ, ୬୯୦ ପଏଣ୍ଟ କମିଲା ସେନସେକ୍ସ



ମୁମ୍ବାଇ, ୧୧।୭: ବିଗତ ତିନି ଦିନ ହେଲା ଭାରତୀୟ ଷ୍ଟକ ବଜାରରେ ହ୍ରାସ ଜାରି ରହିଛି । ଆଜି ( ଶୁକ୍ରବାର) ଅର୍ଥାତ ଏକ କାରବାର ସପ୍ତାହର ଶେଷ ଦିନରେ ସେନସେକ୍ସ ୬୮୯.୮୧ ପଏଣ୍ଟ (୦.୮୩%) ହ୍ରାସ ପାଇ ୮୨,୫୦୦.୪୭ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି, ଆଜି ଏନଏସଇର ନିଫ୍ଟି-୫୦ ଇଣ୍ଡେକ୍ସ ମଧ ୨୦୫.୪୦ ପଏଣ୍ଟ (୦.୮୧%) କ୍ଷତି ସହିତ ୨୫,୧୪୯.୮୫ ପଏଣ୍ଟରେ ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଆଜି ଷ୍ଟକ ବଜାରରେ ହ୍ରାସ ସହିତ କାରବାର ଆରମ୍ଭ କରିଥିଲା। ସପ୍ତାହର ଶେଷ ଦିନରେ ବଜାରର ଦୁଇଟି ପ୍ରମୁଖ ଇଣ୍ଡେକ୍ସ ସେନସେକ୍ସ ଏବଂ ନିଫ୍ଟି ୫୦ର ଅଧିକାଂଶ କମ୍ପାନୀର ଶେୟାର କ୍ଷତି ସହିତ ବନ୍ଦ ହୋଇଥିଲା।ସେନସେକ୍ସର ୩୦ଟି ସେୟାର ମଧରୁ ଆଜି ମାତ୍ର ୭ଟି ବୃଦ୍ଧି ସହ ବନ୍ଦ ହୋଇଥିବାବେଳେ ଅବଶିଷ୍ଟ ୨୩ଟି ସୂଚକାଙ୍କ ହ୍ରାସ ସହ ବନ୍ଦ ହୋଇଛନ୍ତି । ସେହିପରି ନିଫଟିର ୫୦ଟି ସେୟାର ମଧରୁ ମାତ୍ର ୧୧ଟି କମ୍ପାନି ବୃଦ୍ଧି ସହ ବନ୍ଦ ହୋଇଥିବାବେଳେ ୩୯ଟି ସେୟାରରେ ହ୍ରାସ ପରିଲକ୍ଷିତ ହୋଇଥିଲା । ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ) ସେୟାରରେ ୩.୪୬ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି ।

## ବଦଳିଲା ସ୍ୱାସ୍ଥ୍ୟ ବୀମା ନିୟମ

## ଏବେ ୨୪ ଘଣ୍ଟା ନୁହେଁ ୨ ଘଣ୍ଟା ଆଡମିଟ୍ ହେଲେ ବି ମିଳିବ କଭରେଜ

ନୂଆଦିଲ୍ଲୀ ୧୧।୭: ହେଲଥ୍ ଇନସ୍ୟୁରାନ୍ସ କ୍ଲେମକୁ ନେଇ ଏକ ଆଶ୍ୱସ୍ତିଭରା ଖବର ଆସୁଛି। ଏବେ ସ୍ୱାସ୍ଥ୍ୟ ବୀମା ପାଇବା ପାଇଁ ଆଉ ଆପଣଙ୍କୁ ହସ୍ପିଟାଲରେ ପୁରା ୨୪ ଘଣ୍ଟା ବିତାଇବାକୁ ପଡିବନି। ଏବେ ଅନେକ ସ୍ୱାସ୍ଥ୍ୟ ବୀମା କମ୍ପାନୀ ମାତ୍ର ୨ ଘଣ୍ଟା ଆଡମିସନରେ ବି ମେଡିକ୍ଲେମ ଦେଲେଣି। ଏହି ପରିବର୍ତ୍ତନ ଏଥି ପାଇଁ ହୋଇଛି ଯେ ଚିକିତ୍ସା ଦ୍ରୁତ ଓ ଆଧୁନିକ ହୋଇଯାଇଛି। ମୋତିଆବିନ୍ଦୁ, କେମୋଥେରାପି ଓ ଏନଜିଓଗ୍ରାଫି ପାଇଁ ପୂର୍ବରୁ ସାରା ରାତି ହସ୍ପିଟାଲରେ କଟାଇବାକୁ ପଡୁଥିଲା। ଏବେ ଏହି ସବୁ ଚିକିତ୍ସା ମାତ୍ର କିଛି ଘଣ୍ଟାରେ ହୋଇଯାଉଛି। ଏବେ ଏପରି ଚିକିତ୍ସାକୁ ଡେ-କେୟାର ପ୍ରୋସିଜିୟର କୁହାଯାଉଛି। ଯେପରି ମୋତିଆବିନ୍ଦୁ ଅପରେସନ, ଡାୟଲିସିସ୍, କେମୋଥେରାପି ଆଦି ଲାଗି ମଧ ମେଡିକ୍ଲେମ ମିଳି ପାରିବ। ପୂର୍ବରୁ ଏହି ସବୁ ମାମଲାରେ ଏଥି ପାଇଁ କ୍ଲେମ ମିଳୁନଥିଲା ଯେହେତୁ ରୋଗୀ ହସ୍ପିଟାଲରେ ୨୪ ଘଣ୍ଟା ବିତାଉ ନଥିଲେ। ଏବେ କମ ସମୟରେ ଚିକିତ୍ସା କରାଇବା ପାଇଁ ପକେଟରୁ ପଇସା ଟେ ବି ଖର୍ଚ୍ଚ କରିବାକୁ ପଡିବନି। ଏହା ଦ୍ୱାରା ଲୋକେ ସଠିକ ସମୟରେ ନିଜର ଚିକିତ୍ସା କରାଇ ପାରିବେ ଓ ଆର୍ଥିକ ବୋଝରୁ ମଧ ବର୍ତ୍ତି ପାରିବେ। ବୀମା କମ୍ପାନୀ ଏବେ ଚିକିତ୍ସାର ଅତ୍ୟାଧୁନିକ ଟେକନିକ୍ କୁ ବୁଝିଲେଣି ଓ ନିଜ ପଲିସିକୁ ସେହି ଅନୁସାରେ ଅପଡେଟ କରୁଛନ୍ତି। ଏହାର ଅର୍ଥ ଏବେ ବୀମା କଭର ଅଧିକ ସ୍ମାର୍ଟ, ଦ୍ରୁତ ଓ ଆବଶ୍ୟକତା ଅନୁସାରେ ହୋଇଯାଇଛି। ମୋଟ ଉପରେ କହିବାକୁ ଗଲେ ଏହି ପରିବର୍ତ୍ତନ ଗ୍ରାହକଙ୍କ ନିମନ୍ତେ ଆଶ୍ୱସ୍ତିଭରା ଓ ହେଲଥ୍ ଇନସ୍ୟୁରାନ୍ସ କୁ ପୂର୍ବାପେକ୍ଷା ଅଧିକ ସୁବିଧାଜନକ କରିଛି।



## ଅଷ୍ଟମ ବେତନ କମିସନ

# ଦରମାରେ ୩୪% ବୃଦ୍ଧି ଆଶା

ନୂଆଦିଲ୍ଲୀ, ୧୧।୭: କେନ୍ଦ୍ର ସରକାର ଅଷ୍ଟମ ବେତନ କମିସନ ଘୋଷଣା କରିବା ପରଠାରୁ ସରକାରୀ କର୍ମଚାରୀଙ୍କ ମନରେ ପ୍ରବଳ ଉତ୍ସାହ ରହିଛି। କମିସନଙ୍କ ସୁପାରିସ ଆଧାରରେ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ଦରମା ଓ ପେନ୍‌ସନ୍‌ରେ ଉଲ୍ଲେଖନୀୟ ବୃଦ୍ଧି ହେବ। ଆମ୍ବିଟ୍ କ୍ୟାପିଟାଲ୍‌ର ଏକ ରିପୋର୍ଟରେ ଆକଳନ କରାଯାଇଛି ଯେ ଅଷ୍ଟମ ବେତନ କମିସନଙ୍କ ସୁପାରିସ ପ୍ରଭାବରେ ବେତନରେ ୩୦-୩୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବ। ତାହାର ଲାଭ କେନ୍ଦ୍ର ସରକାରଙ୍କ ୧୧ ଲକ୍ଷ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କୁ ମିଳିବ। ଅଷ୍ଟମ ବେତନ କମିସନଙ୍କ ସୁପାରିସ ୨୦୨୬ ଜାନୁଆରିରୁ ଲାଗୁ ହେବାର ଅଛି। କିନ୍ତୁ ତା' ପୂର୍ବରୁ କମିସନ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପଠାଇବେ ଓ ସୁପାରିସଗୁଡ଼ିକ ଅନୁମୋଦନ ହାସଲ କରିବା ପରେ ହିଁ ଦରମା ବଢ଼ିବ। ଚଳିତ ବର୍ଷ ଜାନୁଆରିରେ ସରକାର ଅଷ୍ଟମ ବେତନ କମିସନ ଘୋଷଣା କରିଥିଲେ। ସପ୍ତମ ବେତନ କମିସନଙ୍କ ସୁପାରିସ ଅନୁସାରେ ଦରମାରେ ୧୪ ପ୍ରତିଶତର ବୃଦ୍ଧି ଘଟିଥିଲା ଯାହା ୧୯୭୦ ପରେ ସର୍ବନିମ୍ନ। ଘରୋଇ କ୍ଷେତ୍ରର ଦରମା ସହ ସରକାରୀ ଦରମାକୁ ପାଖାପାଖି ସମାନ ରଖିବା ଏବଂ ପ୍ରତିଭାବାନ କର୍ମଚାରୀଙ୍କୁ ପାଖରେ ରଖିବା ଲାଗି ପ୍ରତି ୧୦ ବର୍ଷରେ ଥରେ ବେତନ କମିସନ ଗଠନ କରାଯାଇଥାଏ। ଯଦିଓ ଅଷ୍ଟମ ବେତନ କମିସନ ଘୋଷଣା କରାଯାଇଛି, କିନ୍ତୁ ଏ ପର୍ଯ୍ୟନ୍ତ ଏହାର ଟର୍ମ ଅଫ୍ ରେଫରେନ୍ସ, ସଦସ୍ୟ ଓ ଅଧ୍ୟକ୍ଷ ଘୋଷଣା କରାଯାଇନାହିଁ। ବେତନ କମିସନଙ୍କ ସୁପାରିସର ଏକ ବଡ଼ ଦିଗ ହେଉଛି ଫିଟ୍‌ମେଣ୍ଟ ଫ୍ୟାକ୍ଟର। ସପ୍ତମ ବେତନ କମିସନଙ୍କ ସମୟରେ ତାହା ୨.୫୭ ଥିଲା। ତାହାର ପ୍ରଭାବରେ କର୍ମଚାରୀଙ୍କ ସର୍ବନିମ୍ନ ଦରମା ୭୦୦୦ ଟଙ୍କାରୁ ବୃଦ୍ଧି ପାଇ ୧୮ ହଜାର ଟଙ୍କା ହୋଇଥିଲା। ଏଥର ଫିଟ୍‌ମେଣ୍ଟ ଫ୍ୟାକ୍ଟର ୨.୫୭-୨.୮୬ ଭିତରେ ରହିବା ଆଶା କରାଯାଉଛି। ଅଷ୍ଟମ ବେତନ କମିସନଙ୍କ ସୁପାରିସ ପ୍ରଭାବରେ ସର୍ବନିମ୍ନ ଦରମା ୫୪ ହଜାର ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

## ଦୁଇଟି ଚିନିକଳର ପୁନରୁଦ୍ଧାର ଯୋଜନା

ଭୁବନେଶ୍ୱର, ୧୧।୭: ବହୁଦିନରୁ ବନ୍ଦ ହୋଇ ରୁଗ୍‌ଣ ଅବସ୍ଥାରେ ପଡ଼ିରହିଥିବା ଦୁଇଟି ଚିନିକଳର ପୁନରୁଦ୍ଧାର କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ବଲାଙ୍ଗୀରର ବିଜୟାନନ୍ଦ କୋଅପରେଟିଭ ସୁଗାର ମିଲ୍ ଲିମିଟେଡ୍ ଓ କଟକର ବଡ଼ମ୍ବା କୋଅପରେଟିଭ ସୁଗାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପୁନରୁଦ୍ଧାର କରାଯିବ। ସାର ଶିଳ୍ପର ଅଗ୍ରଣୀ କମ୍ପାନି ଇଣ୍ଡିଆ ପଟାସ୍ ଲିମିଟେଡ୍ ଜରିଆରେ ଏହି ପୁନରୁଦ୍ଧାର କରାଯିବ ବୋଲି ଜଣାପଡ଼ିଛି। ଦୁଇ ଚିନିକଳର ପୁନରୁଦ୍ଧାର କରିବାକୁ ଇଣ୍ଡିଆ ପଟାସ୍ ଦେଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏକ ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ଦାଖଲ କରିବା ଲାଗି କମ୍ପାନିକୁ କୁହାଯାଇଛି। କମ୍ପାନି ଏହି ଦୁଇ ଚିନିକଳକୁ କେବଳ ପୁନରୁଦ୍ଧାର କରିବାକୁ ଚାହୁଁନାହିଁ, ଏହା ଏକ ବ୍ୟାପକ ଯୋଜନା ଉପରେ କାମ କରୁଛନ୍ତି। ଚିନିକଳ ଖୋଲିବା ସହ ରାଜ୍ୟରେ ଆଖୁଚାଷକୁ ବ୍ୟାପକ କରିବାକୁ ମଧ ଏହା ଯୋଜନା ରଖିଛି। ଚିନି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦ ଉତ୍ପାଦନ ଲାଗି ବ୍ୟବସ୍ଥା କରିବାକୁ ଏହା ଅଧିକ ଜମି ମାଗିଛି। ସେହି ପ୍ରସ୍ତାବ ଉପରେ ସରକାର ଏବେ ବିଚାର କରୁଛନ୍ତି।

## ରେଳବାଇ ଦେବ ୫୦ହଜାର ନିଯୁକ୍ତି

ନୂଆଦିଲ୍ଲୀ, ୧୧।୭: ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତୀୟ ରେଳ ୯୦୦୦ ନିଯୁକ୍ତି ପ୍ରଦାନ କରିଛି। ବର୍ଷ ସାରାରେ ଏହା ୫୦ହଜାର କର୍ମଚାରୀ ନିଯୁକ୍ତ କରିବାକୁ ଯୋଜନା ରଖିଛି। ରେଳ ନିଯୁକ୍ତି ବୋର୍ଡ ପକ୍ଷରୁ ୨୦୨୪ ପରଠାରୁ ୫୫୧୯୭ ପଦ ପାଇଁ ୧.୮୬ କୋଟି ପ୍ରାର୍ଥୀଙ୍କ କମ୍ପ୍ୟୁଟର ଆଧାରିତ ପରୀକ୍ଷା କରାଇଛି। ସେଥିରୁ ୨୦୨୫-୨୬ରେ ୫୦ ହଜାର ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ। ବୋର୍ଡ ପକ୍ଷରୁ ପରିକ୍ଷାର୍ଥୀଙ୍କ ବାସସ୍ଥାନ ନିକଟବର୍ତ୍ତୀ ସ୍ଥାନରେ ପରୀକ୍ଷା କେନ୍ଦ୍ର ଆବଣ୍ଟନ କରିବା ଉପରେ କାମ କରୁଛି। ବିଶେଷ କରି ମହିଳା ଓ ଦିବ୍ୟାଙ୍ଗମାନଙ୍କୁ ସେଥିପାଇଁ ପ୍ରାଥମିକତା ଦିଆଯିବ। ସେଥିପାଇଁ ପରୀକ୍ଷା ପରିଚାଳନା ନିମନ୍ତେ ଅଧିକ ମାନବ ସମ୍ବଳ ଆବଶ୍ୟକ। ୨୦୨୪ ପରଠାରୁ ୧୦୮୩୨୪ ଖାଲି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ମଧ ୫୦ ହଜାରରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଇ-କେୱାଇସି ଭିତ୍ତିକ ଆଧାର ପ୍ରମାଣୀକରଣକୁ ବ୍ୟବହାର କରାଯାଉଛି। କପି ରୋକିବା ଲାଗି ସବୁ ପରୀକ୍ଷା କେନ୍ଦ୍ରରେ ଜାମର ଲଗାଯାଉଛି।



## ଏଲ୍‌ଆଇସି ଅଂଶଧନ ବିକିବେ ସରକାର

ନୂଆଦିଲ୍ଲୀ, ୧୧।୭: କେନ୍ଦ୍ର ସରକାର ଅଫର୍ ଫର୍ ସେଲ୍ ମାଧ୍ୟମରେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ର ଅଂଶଧନ ବିକ୍ରି କରିବାକୁ ପ୍ରସ୍ତୁତ ହେଉଛନ୍ତି। କମ୍ପାନିରେ ସରକାରଙ୍କ ୯୬.୫ ପ୍ରତିଶତ ଅଂଶଧନ ରହିଛୁ। କମ୍ପାନିର ୬.୫ ପ୍ରତିଶତ ଅଂଶଧନ ବିକ୍ରି କରିବା ପ୍ରସ୍ତାବକୁ ମଞ୍ଜୁରି ମିଳିଥିବା ଚର୍ଚ୍ଚା ହେଉଛି। ଅଫର୍ ଫର୍ ସେଲ୍ ହେଉଛି ଏଭଳି ଏକ ବ୍ୟବସ୍ଥା ଯେଉଁଥିରେ କମ୍ପାନିର ପ୍ରତିଷ୍ଠାତା, ନିବେଶକ ଓ ବଡ଼ ଅଂଶଧନକାରୀମାନେ ନିଜ ପାଖରେ ଥିବା ସେୟାରକୁ ସାଧାରଣ ନିବେଶକମାନଙ୍କୁ ବିକ୍ରି କରିଥାନ୍ତି। ତେଣୁ ଏହି ସେଲ୍‌ରେ କମ୍ପାନିର ପୂର୍ବରୁ ବିକ୍ରି ହୋଇଥିବା ସେୟାର ବିକ୍ରି ହେବ। ୨୦୨୩ରେ ଏଲ୍‌ଆଇସି ଏହାର ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୩.୫ ପ୍ରତିଶତ ଅଂଶଧନ ବିକ୍ରି କରି ୨୦,୫୫୭ କୋଟି ଟଙ୍କା ହାସଲ କରିଥିଲା।




# ହୁଣ୍ଡାଇ କ୍ରେଟା ସର୍ବାଧିକ ବିକ୍ରି ଏସ୍‌ୟୁଭି

ଗୁରୁଗ୍ରାମ, ୧୧।୭: ହୁଣ୍ଡାଇ ମୋଟର ଇଣ୍ଡିଆର ଏସ୍‌ୟୁଭି କ୍ରେଟା ଚଳିତ ବର୍ଷ ଜୁନ୍‌ରେ ଦେଶର ସର୍ବାଧିକ ବିକ୍ରି ହୋଇଥିବା ମଡେଲ୍ ଭାବେ ଉଭା ହୋଇଛି। ଏହି ମାସରେ ୧୫,୭୮୬ଟି କ୍ରେଟା ବିକ୍ରି ହୋଇଛି। ୨୦୨୫ର ଜାନୁଆରିରୁ ଜୁନ୍ ପର୍ଯ୍ୟନ୍ତ ସମୟ ମଧ୍ୟରେ ମଧ୍ୟ କ୍ରେଟା ଭାରତର ସର୍ବାଧିକ ବିକ୍ରି ହୋଇଥିବା ଏସ୍‌ୟୁଭି ହୋଇଛି। ସେଥିରୁ ମାର୍ଚ୍ଚ, ଏପ୍ରିଲ୍ ଓ ଜୁନ୍‌ରେ ଏହା ଦେଶର ସର୍ବାଧିକ ବିକ୍ରି ହୋଇଥିବା ମଡେଲ୍ ହୋଇଛି। ଏହି ଅବସରରେ କମ୍ପାନିର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଓ ଚିଫ୍ ଅପରେଟିଂ ଅଫିସର୍ ତରୁଣ ଗର୍ଗ କହିଛନ୍ତି ଯେ କ୍ରେଟା କେବଳ ଏକ ଉତ୍ପାଦ ନୁହେଁ, ଏହା ୧.୨ ନିୟୁତ ଭାରତୀୟ ପରିବାର ପାଇଁ ଏକ ଆବେଗ। ଗତ ଦଶନ୍ଧିରେ କ୍ରେଟା ଏସ୍‌ୟୁଭି ବର୍ଗରେ ରୂପାନ୍ତରଣ ଆଣିଛି ଓ ଭାରତରେ ହୁଣ୍ଡାଇର ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହୋଇଛି। ଦେଶରେ ୧୦ ବର୍ଷ ପୂରଣ କରିବା ସହ ଜୁନ୍‌ରେ ଏହା ସର୍ବାଧିକ ବିକ୍ରି ହୋଇଥିବା ମଡେଲ୍ ହୋଇଛି ଯାହା ଏହି ବ୍ରାଣ୍ଡ୍ ଉପରେ ଭାରତୀୟ ଗ୍ରାହକଙ୍କ ଭଲ ପାଇବା ଓ ବିଶ୍ୱାସର ପ୍ରମାଣ ବୋଲି ସେ କହିଛନ୍ତି। ୨୦୧୫ରେ ଉନ୍ମୋଚିତ ହେବା ପରଠାରୁ ପ୍ରତିବର୍ଷ ଏହା ସର୍ବାଧିକ ବିକ୍ରି ହୋଇଥିବା ମଡେଲ୍ ହୋଇଛି। ଆମେ ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଜାରି ରଖିବୁ ବୋଲି ସେ କହିଛନ୍ତି।




## ସୁନା ଦର ଉଠାଣି



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା, ୯୯, ୦୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୦୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯, ୦୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୦୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୦୦୦ ଓ ୯୦ ହଜାର ୭୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୧ , ୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର ଉଠାଣି



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ପଇସା ରହିଛି।

# ଯାତାୟାତରେ ବାଧକ ସାଜିଛି ବାଡିଙ୍ଗ୍ କୁଟି ନାଳ

## ପୋଲ ନିର୍ମାଣ ପାଇଁ ଦାବି କଲେ ଗ୍ରାମବାସୀ



ଫିରିଙ୍ଗିଆ,୧୧।୭(ସଂଚାର ବ୍ୟୁରୋ): ରାଜ୍ୟ ଓ କେନ୍ଦ୍ର ସରକାର ଗମନାଗମନ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ପ୍ରସ୍ତୁତି କରନ୍ତି ସତ, କିନ୍ତୁ ପ୍ରଶାସନ ଦୁର୍ଗମ ଅଞ୍ଚଳ କୁ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତର ୨ ଟି ଗାଁର ଲୋକ ସଂଖ୍ୟା ପ୍ରାୟତଃ ୫୦ ଘରରୁ ଅଧିକ ଲୋକଙ୍କ ପାଇଁ ବର୍ତ୍ତମାନ ଯାତାୟତରେ ବାଧକ ସାଜିଛି ବାଡିଙ୍ଗ୍ କୁଟି ନାଳ। ପୂର୍ବରୁ ବର୍ଷା ଦିନ ଆସିଲେ ଏମାନଙ୍କ ପାଇଁ କାଠ ପୋଲ ଭରସା ହେଉଥିବାବେଳେ ପୋଲ ଭାସି ଗଲେ ଏମାନଙ୍କ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ବିଦ୍ୟାଳୟ, ଅଙ୍ଗନୱାଡି ଶିକ୍ଷା, ସ୍ୱାସ୍ଥ୍ୟ ଏମିତି କି ପଞ୍ଚାୟତ କାର୍ଯ୍ୟାଳୟକୁ ରାସନ୍ ସାମଗ୍ରୀ ଭତ୍ତା ପାଇଁ ଯିବାକୁ ହେଲେ ଏହି ବାଡିଙ୍ଗ୍ କୁଟି ନାଳ ଅତିକ୍ରମ କରିବାକୁ ପଡୁଛି। ଏ ସବୁ ଯାତାୟାତ ବାଧାପ୍ରାପ୍ତ ହେଉଛି ଯାହା ଫଳରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁ କୁ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ଅଛନ୍ତି ଝିଡ଼ିଙ୍ଗ୍ ପଡ଼ା ଗ୍ରାମବାସୀ। ବାଡିଙ୍ଗ୍ କୁଟି ନାଳ ପାଦେରୀପଡା ନାଳ ଯାତାୟତ ପାଇଁ ବାଧକ ସାଜିଛି କ୍ଷଏହି ନାଳ ରାଇଗୁଡା, ଝିଡିଙ୍ଗପଡା ଲୁଇସିଂ ପଞ୍ଚାୟତଠାରୁ ପାଦେରିପଡ଼ା ଦେଇ ଯାଇଥିବା ରାସ୍ତା ମଝିରେ ପଡୁଛି। ଏହି ନାଳରେ ପ୍ରତିବର୍ଷ ଲୋକେ କାଠ ପୋଲ କରି କିମ୍ବା କାଠକୁ ଗଛ ସହ ଯୋଡ଼ି ବିପଦପୂର୍ଣ୍ଣ ଭାବେ ଯାତାୟତ କରିଥାନ୍ତି। ପ୍ରତିବର୍ଷ ବର୍ଷାରେ ଧୋଇ ହୋଇଯାଏ ପୁଣି ନିଜ ଖର୍ଚ୍ଚରେ କାଠ ଆଣି ପୋଲ ନିର୍ମାଣ କରି ଏମିତି କି ପ୍ରତ୍ୟେକ କାର୍ଯ୍ୟ ପାଇଁ କାଠ ପୋଲ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ବର୍ତ୍ତମାନ କିଛି ଦିନ ହେବ ବର୍ଷା ଲାଗି ରହିଥିବାରୁ ପାଦେରୀପଡା, ଝିଡିଙ୍ଗ୍ ପଡା ନାଳରେ ପ୍ରବଳ ବର୍ଷା ପାଣି ଯାଉଥିବାରୁ ଲୋକେ ବିପଦପୂର୍ଣ୍ଣ ଭାବେ ୨ ଟି ଗାଁର ଲୋକେ ଯାତାୟତ ପାଇଁ ବହୁ ଅସୁବିଧା ସମସ୍ୟା ହେଉଛନ୍ତି କ୍ଷତୁରନ୍ତ ଏହି ଝିଡିଙ୍ଗପଡା ଓ ପାଦେରୀପଡା ନାଳରେ ଯାତାୟତ ସୁବିଧା ପାଇଁ ପୋଲ ନିର୍ମାଣ କରିବାକୁ ସମାଜ ସେବୀ ରାଜିବ ଦିଗାଲ, ସନ୍ତୋଷ କହଁର, ରବିନ୍ଦ୍ର ଦିଗାଲ, ନକୁଳ କହଁର, ନନ୍ଦ କହଁର, ଗିରିଧାରୀ କହଁର, ଲଳିତା କହଁର, ସୁମିତ୍ରା କହଁର, ଶିବାନୀ କହଁର, ସାମନ୍ତ କହଁର ଙ୍କ ସହ ସମୂହ ଅଞ୍ଚଳବାସୀ ଦାବି କରିଛନ୍ତି ।

● ଡଗରା ବେଳାଭୂମିରେ ବଙ୍ଗୀୟ ଦମ୍ପତିଙ୍କୁ ଅସଦାଚରଣ ମାମଲା

# ସୁରକ୍ଷା ଦାବିକଲା ସୂଚନା ଅଧିକାର ଅଭିଯାନ ସଂଘ



ବାଲିଆପାଳ,୧୧।୭(ସଂଚାର ବ୍ୟୁରୋ): ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବାଲିଆପାଳ ବ୍ଲକ୍ ର ଚଉମୁଖ ଠାରୁ ଜମ୍ବିରାଇ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଦୀର୍ଘ ୧୫ କିମି ବେଳାଭୂମି ଅତ୍ୟନ୍ତ ମନୋରମ।ପର୍ଯ୍ୟଟକ ମାନଙ୍କୁ ଆକର୍ଷଣ କରୁଛି ଏଠାରେ ଥିବା ଲକ୍ଷ ଲକ୍ଷ ନାଲି କଙ୍କଡା, ସମତଳ ବେଳାଭୂମି ଓ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ। ହେଲେ ଏଠାରେ ବିଭିନ୍ନ ଅବ୍ୟବସ୍ଥା ସାଙ୍ଗକୁ ଏବେ ଆଇନ ଶୃଙ୍ଖଳା ଓ ସୁରକ୍ଷା ଏକ ବଡ ପ୍ରଶ୍ନବଚୀ ସୃଷ୍ଟି କରିଛି। ଗତ ରବିବାର ଏହି ବେଳାଭୂମିରେ କିଛି ଅସାମାଜିକ ଯୁବକ ଏକ ବଙ୍ଗୀୟ ଦମ୍ପତିଙ୍କୁ ଅସଦାଚରଣ କରିବା ସହିତ ଟଣା ଘୋଷରା କରିଥିଲେ।ସନ୍ଧ୍ୟାରେ ଉଭୟ ଦମ୍ପତି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କିନ୍ତୁ ଚୁପ ବସିଥିଲା।ମାତ୍ର ମଙ୍ଗଳବାର ସେହି ଘଟଣାର ଭିଡିଓ ଭାଇରଲ ହେବାପରେ ଦୁଇ ଜଣ ଯୁବକ କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ଅଛନ୍ତି।ବାରମ୍ବାର ଏହି ସ୍ଥାନୀୟ ଅସାମାଜିକ ଯୁବକ ମାନେ ମଦ୍ୟ ପାନ କରିବା ସହିତ ବାହାରୁ ଆସୁଥିବା ମହିଳା ଓ ପୁରୁଷ ପର୍ଯ୍ୟଟକ ଙ୍କୁ ହଇରାଣ କରିବା ସହିତ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିଲେବି ପୋଲିସ ଏଠି ଚୁପ୍ ବସିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ପାଲଟିଛି।ପୋଲିସ ପକ୍ଷରୁ କୌଣସି ପେଟ୍ରୋଲିଂ ବ୍ୟବସ୍ଥା ନାହିଁ କି କିଛି ଅସୁବିଧା ହେଲେ ପୋଲିସ ଘଟଣା ସ୍ଥଳରେ ପହଁଚୁ ନାହିଁ। ଯାହା ଫଳରେ ବେଳାଭୂମିକୁ ଯିବା ପାଇଁ ପର୍ଯ୍ୟଟକ ନିଜକୁ ଏବେ ଅସୁରକ୍ଷିତ ମଣୁଛନ୍ତି।ତେବେ ପର୍ଯ୍ୟଟକ ଙ୍କ ସୁରକ୍ଷା ସହିତ ତୁରନ୍ତ ସେହି ଫେରାର ଥିବା ଅସାମାଜିକ ଯୁବକ ଙ୍କୁ ତୁରନ୍ତ ଗିରଫ ଦାବିରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ପକ୍ଷରୁ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକ ଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ସରକାର ଓ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଏ ତେବେ ଆଗାମୀ ଦିନରେ ଏକ ବିରାଟ ଆନ୍ଦୋଳନ କରାଯିବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରାବଣର ପ୍ରଥମ ଦିନରେ ଛତିଶଗଡ଼ ମାଟିରେ ଗ୍ରୀନ ମେମୋରୀର ଶୁଭ ପଦାର୍ପଣ




ସୁନ୍ଦରଗଡ଼,୧୧।୭(ସଂଚାର ବ୍ୟୁରୋ): ଶୁକ୍ରବାର ପବିତ୍ର ଶ୍ରାବଣ ମାସର ପ୍ରଥମ ଦିବସକୁ ଅଧିକ ସ୍ମରଣୀୟ କରିବା ନିମନ୍ତେ ଗ୍ରୀନ ମେମୋରୀ କ୍ୟାମ୍ପେନ ଦ୍ୱାରା ପଡୋଶୀ ରାଜ୍ୟ ଛତିଶଗଡ଼ର ପ୍ରସିଦ୍ଧ ଶୈବପୀଠ "କୋତେବିରା" ଠାରେ ଶୁଭ ପଦାର୍ପଣ କରିଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ତରଫରୁ ଚାଲୁଥିବା ଗ୍ରୀନ ମେମୋରୀ କ୍ୟାମ୍ପେନ ପଡୋଶୀ ରାଜ୍ୟ ଛତିଶଗଡ଼ର କୋତେବିରା ଠାରେ ବିହନ ବଲ ବା ସିଡ ବଲ ଉପରେ ଏକ ସଚେତନତା ବୈଠକ ଓ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଛତିଶଗଡ଼ର ଜଶପୁର ବନଖଣ୍ଡ ଅନ୍ତର୍ଗତ ତପକରା ବନାଞ୍ଚଳର ନିମନ୍ତ୍ରଣ ଓ ସହଯୋଗ ଦ୍ୱାରା ବିହନ ବଲ ଦିବସ ପାଳନ ଅବସରରେ କୋତେବିରା ମନ୍ଦିର ଆଖ ପାଖ ଅଞ୍ଚଳରେ ଏକ ହଜାରରୁ ଊର୍ଦ୍ଧ୍ୱ ସିଡ ବଲ ରୋପଣ କରାଯିବା ସଙ୍ଗେ ସଙ୍ଗେ ଫିଙ୍ଗା ଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶିକ୍ଷକ ଭାବରେ ଗ୍ରୀନ ମେମୋରୀ କ୍ୟାମ୍ପେନର ପ୍ରତିଷ୍ଠାତା ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ଯୋଗଦାନ କରି ବିହନ ବଲ ପ୍ରସ୍ତୁତି ପ୍ରଣାଳୀ, ଏହାର ସଂରକ୍ଷଣ ଓ ବ୍ୟବହାର ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ। ଗ୍ରୀନ ମେମୋରୀ କ୍ୟାମ୍ପେନ କିପରି ସୁନ୍ଦରଗଡ଼ରୁ ଆରମ୍ଭ ହୋଇ ବର୍ତ୍ତମାନ ଓଡିଶାର ୧୦ ଟି ଜିଲ୍ଲା ସଙ୍ଗେ ସଙ୍ଗେ ଓଡିଶା ବାହାରେ ମଧ୍ୟ ଲୋକପ୍ରିୟତା ହାସଲ କରୁଛି ସେ ଉପରେ ଉପସ୍ଥାପନ କରିଥିଲେ। ଏହା ସଙ୍ଗେ ସଙ୍ଗେ ଏହି ନିଆରା ଅଭିଜାନ ରେ ସମସ୍ତେ ସାମିଲ ହୋଇ ନିଜର ତଥା ପରିବାରର ବିଭିନ୍ନ ସ୍ମରଣୀୟ ଦିବସରେ ଗଛ ଲଗାଇ ଏହାର ଆଜୀବନ ସୁରକ୍ଷା କରିବା ନିମନ୍ତେ ଆହ୍ୱାନ ଦେଇଥିଲେ।

## ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ



ଯାଜପୁର ରୋଡ଼,୧୧।୭(ସଂଚାର ବ୍ୟୁରୋ): ପ୍ରତ୍ୟେକ ବର୍ଷ ପରି ଏହି ବର୍ଷ ମଧ୍ୟ କୋରାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ତରଫରୁ ବ୍ୟାସ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ କୋରାଇ ବିଶ୍ୱହିନ୍ଦୁ ପରିଷଦ ସଂପାଦକ ଶ୍ରୀ ଭୂପତି ଭୂଷଣ ଦାଶ'ଙ୍କ ନେତୃତ୍ୱରେ କୋରାଇ ବିଶ୍ୱହିନ୍ଦୁ ପରିଷଦର ବହୁ କାର୍ଯ୍ୟ କର୍ତା କୋରାଇ ଅଞ୍ଚଳର ବିଭିନ୍ନ ମଠ ମନ୍ଦିରରେ ବୁଲି ବୁଲି ବିଧିବଦ୍ଧ ଭାବେ ବାବା ମାତା ମାନଙ୍କୁ ପୁଷ୍ପ ହାର ଓ ବସ୍ତ୍ର ଲଗାଇ ପୂଜାର୍ଚ୍ଚନା କରି ଦକ୍ଷିଣା ଦାନ କରି ବାବା ମାତାଙ୍କ ଠାରୁ ଆର୍ଶିବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟ କ୍ରମରେ ଯାଜପୁର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସଂପାଦକ ରାଜକିଶୋର ମଲ୍ଲିକ ଓ କୋରାଇ ବିଶ୍ୱହିନ୍ଦୁ ପରିଷଦ ସଭାପତି ସୁରେନ୍ଦ୍ର ନାୟକ ଯୋଗଦାନ କରି ଏହି କାର୍ଯ୍ୟ କ୍ରମରେ ସାମିଲ ହେବା ସଙ୍ଗେ ସଙ୍ଗେ ବିଶ୍ୱହିନ୍ଦୁ ପରିଷଦର ଉପସ୍ଥିତ କାର୍ଯ୍ୟ କର୍ତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋରାଇ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତା ଶ୍ରୀ ସୁବାଷ ମହାରଣା, ରବୀନ୍ଦ୍ର ମହାରଣା, ପୁନଚନ୍ଦ୍ର ମହାପାତ୍ର, ଜ୍ୟୋତି ପ୍ରକାଶ ସ୍ୱାଇଁ, ସନ୍ତୋଷ ମଲ୍ଲିକ, ଅକ୍ଷୟ ମଲ୍ଲିକ, ଆନନ୍ଦ ମଲ୍ଲିକ, ବଣ୍ଟି ମଲ୍ଲିକ, ସୁଦାମ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ କ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ।

## ମାଇଁ ଭାରତ ତରଫରୁ ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମ

ଫୁଲବାଣୀ,୧୧।୭(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ଫୁଲବାଣୀ ତରଫରୁ ଆମ୍ବେଦକର କଲେଜ ଖଜୁରୀପଡ଼ା ଠାରେ ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ଯ କ୍ରମ ଅନୁଷ୍ଠିତ ହୋଇ ଯାଇ ଅଛି। ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବରେ ଆମ୍ବେଦକର କଲେଜ ର ଅଧକ୍ଷ ଡ ପ୍ରଶାନ୍ତ କୁମାର କର ଯୋଗ ଦେ ଇ ଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଅଧ୍ୟାପକ ପ୍ରମୋଦ କୁମାର ନାୟକ, ବାସୁଦେବ ସାହୁ, ରଶ୍ମୀ ରଂଜନ ଲେଙ୍କା, ରାମ କୃଷ୍ ପଣ୍ଡା, ମୁଖ୍ୟ ବକ୍ତା ଭାବରେ ଖଜୁରୀପଡ଼ା ହାଇ ସ୍କୁଲ ର ଅବସର ପ୍ରାପ୍ତ ଶିକ୍ଷାବିତ୍ ପଙ୍କଜ ପ୍ରଧାନ ଏବଂ ମାଇ ଭାରତ ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳବେହେରା, ପ୍ରମୁଖ ଯୋଗ ଦେ ଇ ଥିଲେ। ଏହି ଦିବସ ରେ ଦେଶର ଜନସଂଖ୍ୟା କିପରି ନିୟ ନ୍ତ୍ରି ଣ ହେବ ଉପରେ ଆଲଚନା ମୁଖ୍ୟ ବିଷୟ ବସ୍ତୁ ଥିଲା। ଯୁବ ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ ରଚନା ଓ କୁଇ ଜ ପ୍ରତିଯୋଗୀ ତା ଅନୁଷ୍ଠିତ ହୋ ଇ ଥିଲା ଏଥିରେ, ସ୍ନେହଲତା ମହାନ୍ତି ପ୍ରଭାସିନୀ ସାହୁ, ଶୁଭଶ୍ରୀ ପଣ୍ଡା, ଜ୍ୟୋତିର୍ମୟୀ ଗଣ୍ଡ । ପ୍ରମୁଖ ବିଜୟୀ ହୋଇ ଥିଲେ। ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ଯ କ୍ରମ ର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ। କୁଇ ଜ ଓ ରଚନା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବୈଠକରେ ମାଇ ଭାରତ କନ୍ଧମାଳ ର ସହ କର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ପତିତପାବନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ



ଭବାନୀପାଟଣା,୧୧।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଖୁଣ୍ଟିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବନ୍ଦପଡ଼ା ରେ ଥିବା ଏକ ପୋଖରୀ ପାଣିରେ ବୁଡି ଜଣେ ବୃଦ୍ଧ ଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ମାର୍କଣ୍ଡ ଧରୁଆ (୫୦) ଆଜି ୧୨ ଘଣ୍ଟା ସମୟରେ ନିଜ ଗାଁ ନିକଟସ୍ଥ ପୋଖରୀ କୁ ଗାଧୋଇ ବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ନ ଆସିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ପରେ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ କୋକସରା ପୋଲିସ୍ କୁ ସୂଚନା ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା କୁ ପଠାଇଛି।ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ର ସ୍ପଷ୍ଟ ସୂଚନା ମିଳିବ ବୋଲି ପୋଲିସ କହିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## କୁଶଭଦ୍ରା ଯୋଗ ଅନୁଷ୍ଠାନର ବାର୍ଷିକ ଉତ୍ସବ



ବାଲିପାଟଣା,୧୧।୭(ସଂଚାର ବ୍ୟୁରୋ): ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ କୁଶଭଦ୍ରା ଯୋଗ ଅନୁଷ୍ଠାନର ପଞ୍ଚମ ବାର୍ଷିକ ଉତ୍ସବ ବନମାଳୀପୁର ସ୍ଥିତ ଦୁର୍ଗା ମଣ୍ଡପ ପରିସର ରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଘୁନାଥ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ପତାଞ୍ଜଳି ଯୋଗ କେନ୍ଦ୍ରର ଓଡ଼ିଶା ସହ ପ୍ରଭାରୀ ସୁନିଲ ଶର୍ମା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ର ଅଧିବକ୍ତା ପ୍ରଭାସ ଚନ୍ଦ୍ର ଜେନା, କୁଶଭଦ୍ରା ସାଂସ୍କୃତିକ ପରିଷଦ ର ସହ ସମ୍ପାଦକ ଲକ୍ଷ୍ମଣ ମଣ୍ଡଳ, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ମାତୃ ସେବକ ବସନ୍ତ କୁମାର ସାହୁ, ପ୍ରାଚିଧାରା ପତ୍ରିକା ର ସମ୍ପାଦକ ଭଗବାନ ସାହୁ, ସାମ୍ବାଦିକ ରମେଶ ଚନ୍ଦ୍ର ରଥ ଓ ଅରୁଣ କୁମାର ଶତପଥୀ ଯୋଗଦେଇ ଯୋଗ ମାଧ୍ୟମରେ ଶୃଙ୍ଖଳିତ ଓ ରୋଗମୁକ୍ତ ସମାଜ ଗଠନ ପାଇଁ ଦିଗ୍ ଦର୍ଶନ ଦେଇଥିଲେ।ଗୁରୁ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହେଲେ ଅନେକ ସମସ୍ୟା ନିର୍ବିଘ୍ନ ରେ ଦୂର ହୋଇଯାଇଥାଏ ବୋଲି ବକ୍ତା ମାନେ କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ଼ ମୂରଲୀଧର ସାହୁ ପରିଚାଳନା ଓ ଯୋଗଗୁରୁ ଜ୍ୟୋତିପ୍ରକାଶ ବିଷୋୟୀ ଧନ୍ୟବାଦ୍ ଅର୍ପଣ କରିଥିଲେ।କୁଶଭଦ୍ରା ଯୋଗ କେନ୍ଦ୍ରରେ ୫୦ ରୁ ଅଧିକ ମହିଳା ଙ୍କ ସମେତ ଯୁବକ ମାନେ ନିୟମିତ ଭାବରେ ଗତ ପାଞ୍ଚ ବର୍ଷ ଧରି ଯୋଗ ଅଭ୍ୟାସ କରି ଆସୁଛନ୍ତି। ଏହି ଅନୁଷ୍ଠାନ ଅନ୍ୟ ମାନଙ୍କୁ ପ୍ରେରଣା ଯୋଗାଉଛି ବୋଲି ସ୍ଥାନୀୟ ଲୋକମାନେ ମତ ଦେଇଛନ୍ତି। ଗତ ଜୁନ ୨୧ ତାରିଖ ରେ ବିଶ୍ୱ ଯୋଗ ଦିବସ ରେ ବିଭିନ୍ନ ସ୍ଥାନରେ ଯୋଗ ଶିକ୍ଷା ଦେଇଥିବା ଅନୁଷ୍ଠାନ ର ଯୁବକ ଯୁବତୀ ଓ ଅନ୍ୟ ଯୋଗ ଅନୁଷ୍ଠାନ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ମାନପତ୍ର ପ୍ରଦାନ କରାଯାଇଥିଲା।

ବ୍ଲକରେ ପଞ୍ଚମ ପଞ୍ଚାୟତ ସମିତି ବୈଠକ

# ଉନ୍ନୟନ କାର୍ଯ୍ୟରେ ବାଧକ ସାଜିଛି ବିଜେପି: ପ୍ରମିଳା ମଲ୍ଲିକ




ଦଶରଥପୁର, ୧୧।୭(ସଂଚାର ବ୍ୟୁରୋ): ଦଶରଥପୁର ବ୍ଲକରେ ଆଜି ପଞ୍ଚମ ପଞ୍ଚାୟତ ସମିତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାଟିକୁ ଉଦଘାଟନ କରିଥିଲେ। ଆଜିର ବୈଠକରେ ଆମ ଗାଁ ଆମ ବିକାଶ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, କୃଷି ଓ କୃଷି ଭିତିକ ଲାଭ ଯୋଜନା, ଆବାସ ଯୋଜନା ଗୁଡିକ ଉପରେ ମୁଖ୍ୟତ ଆଲୋଚନା ହୋଇଥିବା ବେଳେ ଦଶରଥପୁର ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ କରିବାରେ ସରକାରୀ ଦଳ ବିଜେପି ମୁଖ୍ୟ ବାଧକ ସାଜୁଛି ବୋଲି ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଆଜିର ପଞ୍ଚାୟତ ସମିତି ବୈଠକଟି ମାତ୍ର ଗୋଟିଏ ଏଜେଣ୍ଡାକୁ ନେଇ ଅନୁଷ୍ଠିତ ହୋଇଥିଲା। ଆଜିର ଏହି ବୈଠକରେ ଦଶରଥପୁର ବିଡ଼ିଓ ଆକାଶ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ ବିହାରୀ ଜେନା, ଦଶରଥପୁର ବ୍ଲକ ଯୋଗାଣ ନିରୀକ୍ଷିକା ତପସ୍ୱିନୀ ରାୟ, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରିଣୀ ଡଃ ଅମ୍ରିତା ପ୍ରିତମ ମଲ୍ହ, ସିଡିପିଓ ଶାନ୍ତିଲତା ସେଠୀ, ବିଏସଏସଓ ଅଧିକାରୀଣୀ ସ୍ୱାଧୀନା କ୍ରିଷ୍ଣାବାଳା, ବ୍ଲକ କୃଷି ଅଧିକାରିଣୀ ସ୍ୱାଗତିକା ମିଶ୍ରଙ୍କ ସମେତ ସମସ୍ତ ପଦାଧିକାରୀ ଥିବାବେଳେ ଦଶରଥପୁର ବ୍ଲକ ଉପାଧ୍ୟକ୍ଷ୍ୟା ଝିଲ୍ଲୀରାଣୀ ମଲ୍ଲିକ, ୬ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ତଳିହା ପଞ୍ଚାୟତ ସରପଞ୍ଚ ରଞ୍ଜିତା ଜେନା, ଦୁଦୁରାଅନ୍ତା ପଞ୍ଚାୟତ ସମିତି ସଭ୍ୟା ଦିପ୍ତୀରାଣୀ ରାଉତ ପ୍ରମୁଖଙ୍କ ସମେତ ସମସ୍ତ ୩୫ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

କାଦୁଅରେ ପହିଲା ଆଲାନ

## ଅସୁସ୍ଥ ପୁଅକୁ ୩କିମି କାନ୍ଧରେ ବୋହିଲେ ବାପା



ଫୁଲବାଣୀ,୧୧।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଅନେକ ଗ୍ରାମକୁ ଆଜି ପର୍ଯ୍ୟନ୍ତ ସବୁ ଦିନିଆ ରାସ୍ତା ନାହିଁ। ଫଳରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛତି ଗ୍ରାମବାସୀ। ଜରୁରୀ ସମୟରେ ଗାଁରେ ପହଞ୍ଚି ପାରୁନି ଆମ୍ବୁଲାନ୍ସ। ତେଣୁ ଅସୁସ୍ଥ ବ୍ୟକ୍ତିଙ୍କୁ ଭାରରେ ବୋହି ଆଣିବାକୁ ପଡୁଛି। ଏଭଳି ଏକ ଦୃଶ୍ୟ ଆଜି ଦେଖୁବାକୁ ମିଳିଛି ଖଜୁରୀପଡ଼ା ବ୍ଲକର ଅପହଞ୍ଚ ଅଞ୍ଚଳ ବିଲାବାଡ଼ି ପଞ୍ଚାୟତରେ। ଏହି ପଞ୍ଚାୟତକୁ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ଖଣ୍ଡେ ନାହିଁ। ଗାଁ ଗୁଡିକୁ ଆମ୍ବୁଲାନ୍ସ ପହଞ୍ଚି ପାରୁ ନାହିଁ। ରୋଗୀକୁ ଖଟିଆରେ ଭାର କରି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବାକୁ ପଡୁଛି। ତାପରେ ରୋଗୀଙ୍କୁ ୫୦ କିଲୋମିଟର ଦୂର ଫୁଲବାଣୀ ଡାକ୍ତରଖାନା ନିଆଯାଉଛି। ବିଲାବାଡି ଗ୍ରାମର ଜିତୁ ମଲ୍ଲିକଙ୍କ ପୁଅକୁ ଜ୍ୱର ହେବାରୁ ତାଙ୍କୁ ଫୁଲବାଣୀ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଡାକିଥିଲେ ପରିବାର ଲୋକ। ତେବେ ଘଟି ପାହାଡ଼ ରାସ୍ତା ସହ ଲଗାଣ ବର୍ଷା ଯୋଗୁଁ କାଦୁଅରେ ଫସି ଯାଇଥୁଲା ଆମ୍ବୁଲାନ୍ସ। ଆଉ ଆଗକୁ ଗଡ଼ିଲାନି। ଏକ ଟ୍ରାକ୍ଟରକୁ ଡକା ଯାଇଥିଲା। ଟ୍ରାକ୍ଟର ଆସି ଅମ୍ବୁଲାନ୍ସ ଟାଣି କାଦୁଅରୁ ବାହାର କରିଥିଲା। ପରେ ୩ ବର୍ଷୀୟ ଅସୁସ୍ଥ ପୁଅକୁ କାନ୍ଧରେ ବୋହି ବାପା ୩ କିଲୋ ମିଟର ଦୂର ଆମ୍ବୁଲାନ୍ସ ପାଖକୁ ଆଣିଥିଲେ। ସେଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ରାସ୍ତା ନିର୍ମାଣ ପାଇଁ ପ୍ରଶାସନକୁ ଅନେକ ଥର ଗୁହାରି କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳି ନଥୁବା କହିଛନ୍ତି ସରପଞ୍ଚ ରବୀନ୍ଦ୍ର ଭୂକ୍ତା।

## ଧାନର ଅଭାବୀ ବିକ୍ରିକୁ ନେଇ ଚାଷୀଙ୍କ ଗଣଆନ୍ଦୋଳନ

## ଜଗନ୍ନାଥ ସଡକ ଅବରୋଧ



କଣାସ,୧୧।୭(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଚାଷୀମାନଙ୍କ ଠାରୁ ଉତ୍ତମ ଦରରେ ଧାନ କିଣି ନେବେ ବୋଲି ଗଣ ମାଧ୍ୟମରେ ଡେଙ୍ଗୁରା ପିଟୁଥିବାବେଳେ ଚାଷୀମାନଙ୍କଠାରୁ ଧାନମଣ୍ଡିରେ ମିଲରମାନେ ନଉଠାଇବା ଯେଉଁ ଉଠାଉଛନ୍ତି ସେଥିରେ ଅଧିକ ପରିମାଣରେ କଟିନ ଛଟିନ କରୁଥିବାରୁ କଣାସ ବ୍ଲକର ଚାଷୀମାନେ ଅସନ୍ତୋଷ କରି ଆଜି ନୂଆ ଜଗନ୍ନାଥ ସଡକର ବିଜିପୁର ବଜାର ନିକଟରେ ଚାରି ଚକିଆ ଗାଡି ଉପରେ ଧାନବସ୍ତା ରଖି ଗଣ ଆନ୍ଦୋଳନ କରି ରାସ୍ତାରେ ବସି ରହିଥିବାରୁ ଦୀର୍ଘ ସମୟ ଧରି ଜଗନ୍ନାଥ ସଡକରେ ଯାନବାହନ ଯାତାୟତ ବନ୍ଦ ରହିଥିଲା। ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ବିଜେଡି ଯୁବ ସଭାପତି ବସନ୍ତ ଜେନା, ବଡାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ ବିଜୁ ଜନତା ଦଳର ସତ୍ୟବାଦୀ ଓ କଣାସ ବ୍ଲକର ଅନେକ ଲୋକପ୍ରତିନିଧି ଓ କର୍ମୀ ଉପସ୍ଥିତ ରହିଥିଲେ। କଣାସ ତହସିଲଦାର ହିମାଂଶୁ ଶେଖର ଗିରି ଓ ଏଡିଏମ ଶରତ ଚନ୍ଦ୍ର ବେହେରା କଣାସ ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ଚାଷୀମାନଙ୍କ ସହିତ ଆଲୋଚନା କରିବା ସହିତ ଖୁବ ଶୀଘ୍ର ଏହାର ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ପ୍ରତିସୃତି ଦେବା ପରେ ଚାଷୀମାନେ ଆ୍ଦୋଳନରୁ ଓହରିଥିଲେ।

# ସନ୍ତୋଷ ଖଟୁଆଙ୍କ ଗିରଫ ଦାବିରେ ବିଜେଡିର ବିରାଟ ମହିଳା ସମାବେଶ




ନୀଳଗିରି,୧୧।୭(ସଂଚାର ବ୍ୟୁରୋ): କୁଳଡିହା ହାତୀ ମୃତ୍ୟୁ ଓ ତସ୍କରିକୁ ନେଇ ରାଜ୍ୟ ରାଜନୀତି ସରଗରମ। ବିଜେଡ଼ି ମୁଖପାତ୍ର ଡ଼ଃ ଲେଖାଶ୍ରୀ ସାମନ୍ତ ସିଂହାର ହାତୀଶିକାରୀଙ୍କୁ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ନିଜ ଫାର୍ମ ହାଉସରେ ସୁରକ୍ଷା ଦେଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିବା ସହିତ ବିଧାୟକଙ୍କ ଏହି ଘଟଣାରେ ସଂପୃକ୍ତି ଥିବାନେଇ ଛୋଟ ଚୋରରୁ ବଡଚୋରର ଆକ୍ଷେପ କରିଥିଲେ।ଫଳରେ ବିଧାୟକ ପ୍ରତିଆକ୍ଷେପ କରି ଲେଖଶ୍ରୀଙ୍କୁ ଚରିତ୍ରହୀନା, ଟିକେଟ ପାଇଁ ଦେହ ବ୍ୟବସାୟ କରିଥିବା ନେଇ ମନ୍ତବ୍ୟ ଦେବାପରେ ସାରାରାଜ୍ୟରେ ସୋସିଆଲ ମିଡିଆରେ ରାଜନୈତିକ ବୟାନବାଜି ଦେଖିବାକୁ ମିଳିଛି। ରାଜ୍ୟର ଭିନ୍ନଭିନ୍ନ ଥାନାରେ ଏନେଇ ବିଜେଡିର ମହିଳାମାନେ ବିଧାୟକଙ୍କ ନାମରେ ଏତଲାଦେବା ସହ ଗିରଫଦାବି କରିଛନ୍ତି। ଶୁକ୍ରବାର ନୀଳଗିରିରେ ବିଧାୟକଙ୍କ ଗିରଫଦାବୀ ନେଇ ବିଜୁଜନତା ଦଳ ତରଫରୁ ଏକ ବିରାଟ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଅଧକ୍ଷତା କରିଥିବା ବେଳେ ରାଜ୍ୟ ମହିଳା ବିଜୁ ଜନତାଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପ୍ରମୁଖ ମଞ୍ଚାସିନ ରହିଥିଲେ। ବିଜୁଜନତା ଦଳ ସର୍ବଦା ମହିଳାଙ୍କୁ ସମ୍ମାନ ଦେଉଥିବା ବେଳେ ବର୍ତ୍ତମାନର ବିଜେପି ସରକାରରେ ମହିଳା ଅସୁରକ୍ଷିତ। ବିଜେପି ମହିଳାଙ୍କୁ ସମ୍ମାନର କଥା କହୁଥିବା ବେଳେ ଏଇଟା କଣ ବିଜେପିର ମାଙ୍କୁ ସମ୍ମାନ। ନୀଳଗିରିବାସୀ ଭୋଟଦେଇ ଜଣେ ଅସଭ୍ୟ ବ୍ୟକ୍ତିଙ୍କୁ ବାଛି ବିଧାନସଭାକୁ ପଠାଇଥିବା ରାଜ୍ୟ ବିଜୁଜନତା ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିବା ସହିତ ଜଣେ ମହିଳାଙ୍କୁ ଆଶ୍ରାବ୍ୟ ଓ କୁତ୍ସିତ ଭାଷାରେ ଭାଷାରେ ଗାଳିଗୁଲଜ କରିବା ଏବଂ ତାଙ୍କୁ ରାଜ୍ୟ ତଥା କେନ୍ଦ୍ରର କୌଣସି ବିଜେପି ନେତୃବୃନ୍ଦ ନିନ୍ଦା ନକରିବା ପଛରେ ବିଜେପିର ସମର୍ଥନ ଥିବା ଅଭିଯୋଗ କରିଛନ୍ତି।

SANCHAR
ସଂଚାର ଶନିବାର ୧୨ ଜୁଲାଇ ୨୦୨୫






# ଭଲ ନିଦ ପାଇଁ ୪ ଆୟୁର୍ବେଦିକ ଔଷଧ

ଆୟୁର୍ବେଦରେ ଆହାର ଓ ବ୍ରହ୍ମଚର୍ଯ୍ୟ ସହିତ ନିଦ୍ରା ଉତ୍ତମ ସ୍ୱାସ୍ଥ୍ୟର ତିନିଟି ସ୍ତମ୍ଭ ମଧ୍ୟରୁ ଅନ୍ୟତମ। ଶରୀର, ମନ ଏବଂ ଆତ୍ମାକୁ ଶାନ୍ତ କରିବା ପାଇଁ ନିଦ୍ରା ଏକ ମୌଳିକ ପ୍ରବୃତ୍ତି ଭାବରେ ବିବେଚନା କରାଯାଏ। ଏସବୁ ଉପାଦାନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସାମଗ୍ରିକ ସୁସ୍ଥତା ପାଇଁ ଅତ୍ୟନ୍ତ ଜରୁରୀ।



**ବ୍ରାହ୍ମୀ:** ମନକୁ ଶାନ୍ତ କରିବା, ଚିନ୍ତା ହ୍ରାସ କରିବା ଏବଂ ମାନସିକ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରସିଦ୍ଧ। ବ୍ରାହ୍ମୀ ନିଦ୍ରା ପାଇଁ ଉପଯୋଗୀ। ଗରମ ପାଣିରେ ବ୍ରାହ୍ମୀ ପତ୍ର ପକାଇ ବ୍ରାହ୍ମୀ ଚା'ର ମଜା ନେଇପାରିବେ।



**ତୁଳସୀ:** ଆଡପ୍ଟୋଜେନିକ ଗୁଣ ଥିବା ତୁଳସୀ ବା ପବିତ୍ର ତୁଳସୀ ମାନସିକ ଚାପ ହ୍ରାସ କରିବାରେ ସହାୟକ ହୋଇଥାଏ ଏବଂ ଆରାମକୁ ପ୍ରୋତ୍ସାହିତ କରିଥାଏ, ଯାହାଦ୍ୱାରା ଭଲ ନିଦ୍ରା ହୋଇଥାଏ । ପ୍ରତିଦିନ ଅଳ୍ପ ତାଜା ତୁଳସୀ ପତ୍ର ଚୋବାଇ ଖାଆନ୍ତୁ।



**ଜଟାମାଂଶୀ:** ଆୟୁର୍ବେଦରେ ଗଭୀର ନିଦ୍ରା ଓ ଅନିଦ୍ରା ଦୂର କରିବା ପାଇଁ ପାରମ୍ପରିକଭାବେ ବ୍ୟବହୃତ ହେଉଥିବା ଜଟାମାଂଶୀରେ ଶାରୀରିକ ଗୁଣ ରହିଛି। ଡାକ୍ତରଙ୍କ ପରାମର୍ଶ ଆଧାରରେ ପାଉଡ଼ର କିମ୍ବା ଔଷଧ ଆକାରରେ ଜଟାମାଂଶୀ ସେବନ କରନ୍ତୁ।

**କ୍ୟାମୋମାଇଲ:** ଏହାର ସାମାନ୍ୟ ଶାରୀରିକ ଗୁଣ ପାଇଁ ଜଣାଶୁଣା, କ୍ୟାମୋମାଇଲ ପ୍ରାୟତଃ ହର୍ବାଲ ଚା'ରେ ଆରାମକୁ ପ୍ରୋତ୍ସାହିତ କରିବା ଏବଂ ନିଦ୍ରାର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ବ୍ୟବହୃତ ହୁଏ। ଶୋଇବା ପୂର୍ବରୁ ଏକ ଉଷୁମ କପ୍ କ୍ୟାମୋମାଇଲ ଚା' ପିଅନ୍ତୁ।



ଏହା ମନେରଖିବା ଜରୁରୀ ଯେ ଆୟୁର୍ବେଦିକ ଚିକିତ୍ସା ବ୍ୟାପକ ରଣନୀତି ପ୍ରଦାନ କରିଥିଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତିକ୍ରିୟା ଭିନ୍ନ ହୋଇପାରେ। ଆପଣଙ୍କ ପଦ୍ଧତିରେ କୌଣସି ନୂତନ ଚିକିତ୍ସା କିମ୍ବା ସପ୍ଲିମେଣ୍ଟ ଯୋଡ଼ିବା ପୂର୍ବରୁ ଜଣେ ପ୍ରଶିକ୍ଷିତ ସ୍ୱାସ୍ଥ୍ୟସେବା ପେସାଦାରଙ୍କ ସହ ପରାମର୍ଶ କରନ୍ତୁ, ବିଶେଷକରି ଯଦି ଆପଣ କୌଣସି ଔଷଧ ନେଉଛନ୍ତି କିମ୍ବା ପୂର୍ବରୁ ଥିବା ଚିକିତ୍ସା ଅବସ୍ଥା ଅଛି।

# ଇ-ସିଗାରେଟ୍ ହୃଦଘାତ ଆଶଙ୍କାକୁ ୧୯% ବଢ଼ାଇଥାଏ

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ବିଶ୍ୱର ସମସ୍ତ ଦେଶକୁ ଅନ୍ୟ ତମାଖୁ ଉତ୍ପାଦ ଭଳି ଇ-ସିଗାରେଟ୍‌କୁ ନିଷିଦ୍ଧ କରିବାକୁ ଦାବି କରିଛି। ବ୍ରାଜିଲ, ଇରାନ ଓ ଥାଇଲାଣ୍ଡ ସମେତ ବିଶ୍ୱର ୩୪ଟି ଦେଶରେ ଇ-ସିଗାରେଟ୍ ନିଷିଦ୍ଧ କରାଯାଇଛି। ବିଗତ କିଛି ବର୍ଷ ମଧ୍ୟରେ ଏଭଳି ଅନେକ ବିଜ୍ଞାନ ଅଧ୍ୟୟନ ହୋଇଛି, ଯାହା ଇ-ସିଗାରେଟର ବିପଦ ବିଷୟରେ ସତର୍କ କରୁଛି। ଏହି ଏପିସୋଡ୍‌ରେ ନିକଟରେ ଆଉ ଏକ ଅଧ୍ୟୟନ ହୋଇଛି। ଆମେରିକୀୟ କଲେଜ ଅଫ୍ କାର୍ଡିଓଲୋଜିଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଇ-ଭାପିଂଦ୍ୱାରା ହୃଦଘାତ୍‌ର ଆଶଙ୍କା ୧୯% ବୃଦ୍ଧି ପାଇଥାଏ। ଯୁବପିଢ଼ିଙ୍କ ମଧ୍ୟରେ ଏହାର ବଢ଼ୁଥିବା କ୍ରେଜ୍ ଓ ବ୍ୟବହାରକୁ ଦେଖି ଡବ୍ଲ୍ୟୁଏଚ୍‌ଓ ଚିନ୍ତା ପ୍ରକଟ କରିଛି।

## କେମିତି କାମ କରେ ଇ-ସିଗାରେଟ୍?

ଇ-ସିଗାରେଟ୍‌କୁ ଏକ ମେସିନ୍ କୁହାଯାଇପାରେ ଯାହା ତରଳ ନିକୋଟିନ୍, ଗ୍ଲିସେରିନ୍ ଏବଂ ସ୍ୱାଦରେ ଭରପୁର। ଏଥିରେ ବ୍ୟାଟେରୀ ରହିଛି, ଯାହାଦ୍ୱାରା ଏହି ତରଳ ପଦାର୍ଥ ଗରମ ହୋଇ ବାଷ୍ପ ଓ ଧୂଆଁରେ ପରିଣତ ହୋଇଥାଏ। ଏହା ସ୍ୱାଦଯୁକ୍ତ ଧୂଆଁ ଭାବରେ ବାହାରିଥାଏ। କାଗଜ ରୋଲ୍ ଥିବା ସିଗାରେଟରେ ନିକୋଟିନ୍ ଏବଂ ଟାର୍ ଥାଏ। ଏହି ଟାର୍ ଫୁସଫୁସ୍‌ରେ ଜମା ହୋଇଥାଏ, ଯାହା କର୍କଟ ରୋଗର କାରଣ ହୋଇପାରେ। ପୂର୍ବରୁ ଲୋକମାନେ ଭାବୁଥିଲେ ଯେ ଧୂମପାନ ଅପେକ୍ଷା ସିଗାରେଟ୍ ପିଇବା ଅଧିକ ସୁରକ୍ଷିତ। ଧୂମପାନ ଛାଡ଼ିବା ସହଜ ହେବ ବୋଲି ଆଶା କରି ଲୋକମାନେ ଏପରି କରୁଥିବାବେଳେ ଏହାର ବିପରୀତ ଘଟଣା ଘଟିଛି। ଅନେକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଏହା ଛାତ୍ରମାନଙ୍କୁ ଧୂମପାନ ପ୍ରତି ପ୍ରେରଣା ଦେଉଛି। ଆମେରିକା ସରକାରଙ୍କ ଏକ ସର୍ଭେ ଅନୁଯାୟୀ, ବହୁ ସଂଖ୍ୟକ ସ୍କୁଲ ପିଲା ନୂଆ ସ୍ୱାଦ ଥିବା ଇ-ସିଗାରେଟ୍ ବ୍ୟବହାର କରୁଛନ୍ତି। ଏହା ଧୂମପାନ ଛାଡ଼ିବାରେ ସାହାଯ୍ୟ କରିବା ପରିବର୍ତ୍ତେ ଏହାକୁ ପ୍ରୋତ୍ସାହିତ କରୁଛି।



# ତୁଳସୀ ପତ୍ର ମିଳିବ ଅନେକ ଲାଭ



ହିନ୍ଦୁ ଧର୍ମରେ ତୁଳସୀ ବୃକ୍ଷଙ୍କ ଖୁବ୍ ମହତ୍ତ୍ୱ ରହିଛି। ଏହି ବୃକ୍ଷ ପୂଜନୀୟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଆୟୁର୍ବେଦରେ ଜଡି-ବୁଟୀ ଭାବେ ଏହାର ବ୍ୟବହାର କରାଯାଏ। ତୁଳସୀ ପତ୍ରରେ ୧୦୦ରୁ ଅଧିକ ରୋଗକୁ ନଷ୍ଟ କରିବାର କ୍ଷମତା ରହିଛି। ଏହା ଅନେକ ଔଷଧୀୟ ଗୁଣରେ ଭରପୁର। ତୁଳସୀ ପତ୍ରକୁ ସଠିକ୍ ଉପାୟରେ ଏହାର ବ୍ୟବହାର କରାଗଲେ, ମାନସିକ ଦୁଃଶ୍ଚିନ୍ତା ଠାରୁ ଆରମ୍ଭ କରି ଅନେକ ରୋଗରୁ ମୁକ୍ତି ମିଳିପାରିବ। ଜାଣନ୍ତୁ ତୁଳସୀପତ୍ରକୁ ପିଲାଙ୍କୁ ଥଣ୍ଡାକାଶ ଠାରୁ ଆରମ୍ଭ କରି ଗଳାରେ ହେଉଥିବା ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ବ୍ୟବହାର କରାଯାଏ। ଏହାର ଲାଭ ପାଇବା ପାଇଁ ତୁଳସୀପତ୍ରକୁ ମହୁ ସହ ସେବନ କରନ୍ତୁ। ଏକ ଚାମଚ ତୁଳସୀପତ୍ର ରସରେ ଏକ ଚାମଚରୁ କମ୍ ମହୁ ମିଶାଇ ସେବନ କରନ୍ତୁ। ଏହାଦ୍ୱାରା ଅତ୍ୟନ୍ତ ଲାଭ ମିଳିଥାଏ। ବିଶେଷଜ୍ଞଙ୍କ ମତାନୁସାରେ ଖାଲି ପେଟରେ ତୁଳସୀପତ୍ର ଚୋବାଇ ଖାଆନ୍ତୁ। ନିୟମିତ ଭାବେ ଖାଲି ପେଟରେ ତୁଳସୀ ପତ୍ର ଚୋବାଇ ଖାଇଲେ ସ୍ୱାସ୍ଥ୍ୟ ପାଇଁ ଆଶ୍ଚର୍ଯ୍ୟଜନକ ଲାଭ ମିଳିଥାଏ। ତୁଳସୀପତ୍ରକୁ ଚା' ଭାବେ ପ୍ରସ୍ତୁତ କରି ମଧ୍ୟ ପିଇପାରିବେ। କ୍ଷୀର ଚା'ରେ ତୁଳସୀପତ୍ର ପକାଇ ଏହାର ସେବନ କଲେ, ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ। ଶରୀରକୁ ମାରାତ୍ମକ ରୋଗରୁ ରକ୍ଷା କରିଥାଏ।

# ଶରୀର ପୋଡ଼ା ପାଇଁ ଏଲୋଭେରା

ଏକ ଅଧ୍ୟୟନ ଅନୁସାରେ ଶରୀର ପୋଡ଼ା ପାଇଁ ବିକଳ୍ପ ଚିକିତ୍ସା ଅପେକ୍ଷା ଆଲୋଭେରା (ଘିଁ କୁଆଁରୀ)ର ଶ୍ରେଷ୍ଠତା ଦେଖାଇଛି, କିନ୍ତୁ ଆପଣ ନିଶ୍ଚିତ ହେବା ଆବଶ୍ୟକ ଯେ ଆପଣ ପ୍ରୟୋଗ କରୁଥିବା ଜେଲ୍ ଶୁଦ୍ଧ ଆଲୋଭେରା ହୋଇଥିବା ଆବଶ୍ୟକ। ଯଦି ଆପଣଙ୍କ ଘରେ ଘିଁ କୁଆଁରୀ ଗଛ ଅଛି, ତେବେ ଆପଣ ଏକ ପତ୍ରରୁ ଜେଲ ବାହାର କରି ସିଧାସଳଖ ପ୍ରଭାବିତ ସ୍ଥାନରେ ଲଗାଇପାରିବେ। ତେବେ ଗୁରୁତର ଭାବେ ପୋଡ଼ିଯାଇଥିବା ବ୍ୟକ୍ତିଙ୍କ ପାଇଁ ଡାକ୍ତରୀ ସହାୟତା ନେବା ନିହାତି ଜରୁରୀ।



# ମଧୁମେହ ଚିକିତ୍ସା ଏହି ଜୁସ୍ ସବୁଠାରୁ ଭଲ



ଯଦି ଆପଣଙ୍କର ସୁଗାର ସ୍ତର ଅଧିକ ଅଛି ଏବଂ ଆପଣ ଏହାକୁ ନିୟନ୍ତ୍ରଣ କରିବାରେ ସକ୍ଷମ ନୁହଁନ୍ତି, ତେବେ ଆପଣ ଏହି ଡାଇବେଟିସ୍ କେୟାର ଜୁସ୍ ସେବନ କରିପାରିବେ। ଏହି ଡାଇବେଟିସ୍ କେୟାର ଜୁସ୍ ଆପଣଙ୍କ ଉଚ୍ଚ ସୁଗାର ସ୍ତରକୁ ନିୟନ୍ତ୍ରଣ କରିପାରେ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟର ମଧ୍ୟ ଯତ୍ନ ନେଇଥାଏ। କଦଳୀ, ଜାମୁ ଏବଂ ନିମ୍ବ ଭଳି ପ୍ରାକୃତିକ ଔଷଧ ବ୍ୟବହାର କରି ଏହାକୁ ତିଆରି କରାଯାଏ, ଯାହା ଆପଣଙ୍କ ସୁଗାର ସ୍ତର ସହିତ ଖରାପ କୋଲେଷ୍ଟ୍ରଲ, ଉନ୍ନତ ମେଟାବଲିଜିମ୍, ଉତ୍ତମ ହଜମ ଏବଂ ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ଏହି ଡାଇବେଟିସ୍ କେୟାର ଜୁସ୍‌କୁ ଆପଣ ଦିନକୁ ଦୁଇଥର ପାଣିରେ ମିଶାଇ ପିଇପାରିବେ। ଏହି ଜୁସ୍ ପିଇବା ପୂର୍ବରୁ ଆପଣ ଚାହିଁଲେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ।

# ବିନା ସୂର୍ଯ୍ୟକିରଣରେ କିପରି ମିଳିବ ଭିଟାମିନ୍ ଡି



ଶରୀର ଏକ ମେସିନ୍ ଏବଂ ଏଥିରେ ତ୍ରୁଟି ସାଧାରଣ କଥା। କେଶ ଝଡ଼ିବା, କୁଞ୍ଚନ, ଦୁର୍ବଳତା, ଦୃଷ୍ଟିଶକ୍ତି କମିବା ଭଳି ସମସ୍ୟା ଦେଖି ଆପଣ ଅନୁମାନ କରିପାରିବେ ଯେ ଏହି ସମସ୍ୟା କେଉଁଠି ରହିଛି। କିନ୍ତୁ ଏକ ରୋଗ ଅତ୍ୟନ୍ତ ବିପଜ୍ଜନକ ଏବଂ ଏହାର ଲକ୍ଷଣ ଆଖିରେ ଦେଖାଯିବାର ସମ୍ଭାବନା ବହୁତ କମ୍ ଥାଏ। ଏହା ଶରୀରକୁ ଭିତରକୁ କ୍ଷତି ପହଞ୍ଚାଇବା ଆରମ୍ଭ କରିଦିଏ। ଏହି ସମସ୍ୟା ହେଉଛି ଭିଟାମିନ୍ ଡି'ର ଅଭାବ, ଯାହାର ଯତ୍ନ ନିଆନଗଲେ ଏହା ବିପଜ୍ଜନକ ଅଷ୍ଟିଓପୋରୋସିସ୍‌ରେ ପରିଣତ ହୋଇପାରେ। ଡାଏଟିସିଆନ୍‌ଙ୍କ କହିବା ନୁସାରେ ଭିଟାମିନ୍ ଡି'ର ୫ଟି ଲକ୍ଷଣ ଆଖିକୁ ଦେଖାଯାଉନାହିଁ, କିନ୍ତୁ ସାଇଲେଣ୍ଟ କିଲର ଭଳି ଭିତରକୁ କ୍ଷତି ପହଞ୍ଚାଉଛି। ଯଦି ଏହି ସବୁ ସମସ୍ୟା ଦେଖାଦିଏ ତେବେ ନିଶ୍ଚୟ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ରୋଗରୁ ରକ୍ଷା ପାଇବା ପାଇଁ ଭିଟାମିନ୍ ଜରୁରୀ। ଭିଟାମିନ୍ ଡି'ର ଅଭାବ ହେଲେ ରୋଗ ପ୍ରତିରୋଧକ ଶକ୍ତି ଅକାମୀ ହୋଇଯାଏ। ଅସୁସ୍ଥ ହେବାର ଆଶଙ୍କା ବଢ଼ିଯାଇଥାଏ। ସଂକ୍ରମଣ ସହଜରେ ଆପଣଙ୍କୁ ଶିକାର କରିପାରେ ଏବଂ ଏହାର ଗମ୍ଭୀର ପରିଣାମ ହୋଇପାରେ।

## ଛତୁ ଖରାରେ ଶୁଖାଇ ଖାଆନ୍ତୁ

ଭିଟାମିନ୍ ଡି ପାଇବା ପାଇଁ ଖରାରେ ବସିବା ଉଚିତ। କିନ୍ତୁ ଭିଡ଼ ଯୋଗୁଁ ଏହା କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ୁଛି। ବରଂ ଛତୁ ଖାଆନ୍ତୁ ଏବଂ ପନିପରିବା ତିଆରି କରିବା ପୂର୍ବରୁ ଏହି ଖାଦ୍ୟକୁ ଖରାରେ ଶୁଖାଇ ଦିଅନ୍ତୁ। ଏହା ଭିଟାମିନ୍ ଡି'କୁ ଭଲ ଭାବରେ ଶୋଷଣ କରିଥାଏ।

# ଚାଷୀଙ୍କୁ ନିରାଶ କରିଛି ଲଘୁଚାପ ବର୍ଷା

## ମରୁଡ଼ି ଆଶଙ୍କାରେ ଧର୍ମଗଡ଼ ଚାଷୀ



**କଳାହାଣ୍ଡି,୧୧।୭(ସଂଚାର ବ୍ୟୁରୋ):** ଚାଷ ପାଇଁ ଜମି ପ୍ରସ୍ତୁତି ହୋଇ ରହିଛି। ସ୍ଥାନେ ସ୍ଥାନେ ଧାନ ବୁଣା କାମ ବି ଶେଷ ହୋଇଛି। ଅନ୍ୟପଟେ ଅନେକ ଜମିରେ ରୁଆ ପାଇଁ ଧାନ ତଳି ଉଠି ରୋଇବା ବତର ବି ହେଲାଣି। ହଳ ଲଙ୍ଗଳ କୁଲି ମଜୁରୀ ସହ ସାର ବି ପ୍ରସ୍ତୁତି ରଖୁଛି ଚାଷୀ। ହେଲେ ଏତିକି ବେଳକୁ ଦାଉ ସାଜୁଛି ବର୍ଷା। ବର୍ଷା ଅଭାବ ଯୋଗୁଁ ଅଟକି ରହିଛି ଚାଷ କାମ। ଗତ ୮ଦିନ ହେବ ଲଘୁଚାପଜନିତ ବର୍ଷା ଅଞ୍ଚଳରେ ହୋଇଥିଲେ ବି ଜମିରେ ପାଣି ଅଭାବ। କେବଳ ଝିପିରି ଝିପିରି ଓ ମାଟି ବି ଓଦା ହୋଇ ପାରିନି ବୋଲି କହନ୍ତି ଧର୍ମଗଡ଼ିଆ ଚାଷୀ। ଆଶା କରାଯାଉଥିଲା ଏହି ଲଘୁଚାପ ବର୍ଷାରେ ଚାଷ କାମ ସବୁ ସରିଯିବ। ହେଲେ କାମକୁ ଆସିଲାନି ବର୍ଷା। ଏବେ ଆଶଙ୍କା ଭିତରେ ବୁଡି ରହିଛି ଚାଷୀ। ଦିନ ଥିଲା ଜୁନ ମାସରେ ଲଗଭଗ ଜମିରେ ବିହନ ଠାରୁ ଆରମ୍ଭ କରି ରୋଇବା କାମ ବି ସାରିଥିଲା ଚାଷୀ। ପ୍ରାୟ ଜୁଲାଇ ମାସ ରୁଆ ବେଉସା କାମ ସହ ଘାସ ବଛା ସାର ପ୍ରୟୋଗ ହେବା ନଜର ରହିଛି। ହେଲେ ଜଳ ବାୟୁ ପରି ବର୍ତନ ସାଙ୍ଗକୁ ଚାଷ କାମର ବି ପରିବର୍ତନ ଘଟିଛି। ପ୍ରାୟ କେତେ ବର୍ଷରୁ ଡେରିରେ ମୌସୁମୀ ପ୍ରବେଶ ସାଙ୍ଗକୁ ଚାଷ କାମ ବି ଡେରିରେ ହୋଉଥିବା ଦେଖା ଦେଇଛି। ତଥାପି ଜୁଲାଇ ଅଗଷ୍ଟ ମାସ ରେ ଚଳିତବର୍ଷ ଅନୁକୂଳ ପାଇଁ ପାରୁନି ଚାଷୀ। କିଛି ନ ହେଉନୁ ଚଳିତ ବର୍ଷ ମରୁଡି ହେବା ଅନୁମାନ କରୁଥିବା ଅନେକ ଚାଷୀ ପ୍ରକାଶ କରନ୍ତି। ଧର୍ମଗଡ଼ ଅଞ୍ଚଳ ସମେତ ଏହାର ପଡୋଶୀ ବ୍ଲକ ଆଦି ସ୍ଥାନର ଚାଷୀ ମଧ୍ୟ ଚିନ୍ତାରେ ପଡ଼ି ରହିଥିବା ଜଣାପଡେ।ଚାଷୀ ଚାଷ କାମ ପାଇଁ ମହାଜନ, ସାହୁକାର ସରକାରୀ ବେସରକାରୀ ସଂସ୍ଥା ଠାରୁ ଚାଷୀ ଋଣ କରଜ କରି ବିହନ ଠାରୁ ଆରମ୍ଭ କରି ସାର କୀଟନାଶକ, ହଳ ଲଙ୍ଗଳ ସବୁଥିରେ ବିନିଯୋଗ କରିଛି। ହେଲେ ଅନୁକୂଳ ନ ପାଇ ଚିନ୍ତାରେ ପଡ଼ି ରହିଥିବା ଦେଖା ଦେଇଛି।

## ଯଶୋଦା ଯୋଜନାର ଅନ୍ତର୍ଭୁକ୍ତିକରଣ ସଂକ୍ରାନ୍ତ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୧।୭(ସଂଚାର ବ୍ୟୁରୋ):** 'ଯଶୋଦା'ଯୋଜନା ଅନ୍ତର୍ଭୁକ୍ତ କରଣ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଯଶୋଦା ଯୋଜନା ଅନ୍ତର୍ଭୁତୀ କରଣ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ଯୋଜନା ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଯଶୋଦା ଯୋଜନା ର ରୂପ ରେଖ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଶିଶୁ ମଙ୍ଗଳ କମିଟି ଅଧକ୍ଷ ଶଙ୍କର୍ଷଣ ପଣ୍ଡା ଓ କିଶୋର ନ୍ୟାୟ ବୋର୍ଡ ସଦସ୍ୟା ରଞ୍ଜିତା ସାହୁ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଓ ଅଣ ଆନୁଷ୍ଠାନିକ ଅଧିକାରୀ ଗୌତମ ମହାପାତ୍ର ତାଲିମ ପ୍ରଦାନ କରିଥିଲେ। ଯଶୋଦା ଯୋଜନା ପିତାମାତା ଙ୍କୁ ହରାଇଥିବା ଶିଶୁ ଙ୍କ ବୈଷୟିକ, ବୃତ୍ତିଗତ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଓ ପରାମର୍ଶ ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପକ ଆସିଡିଏସ ପରିଦର୍ଶିକା, ଆଇ ଟି ଆଇ ଓ ପୋଲିଟେନିକ କଲେଜ ପ୍ରତିନିଧି, ସଖି କାର୍ଯ୍ୟକର୍ତ୍ତା ଉତ୍କଳ ବଳାଶ୍ରମ୍ ର ଅଧ୍ୟକ୍ଷା ଯୋଗଦେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟି ସଦସ୍ୟ ଶାନ୍ତନୁ କର୍ଣ୍ଣ, ଚାଇଲ୍ଡ ହେଲ୍ପ ଲାଇନ କୋଡ଼ିନେଟର ସୁଜିତ୍ କୁମାର ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଥବିର କାଳସେ, ଅନିଲ ମହଲା ସ୍ୱାଗତ ରାଜ ମିଶ୍ର, ଜିତେନ୍ଦ୍ର ମଣ୍ଡଳ ମୃତ୍ୟୁଞ୍ଜୟ ସାହୁ, କେଶବ ଚନ୍ଦ୍ର ମେହେର ସହଯୋଗ କରିଥିଲେ ଏବଂ ଶେଷରେ ରୁଦ୍ର ପ୍ରସନ୍ନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଟିବି ପୀଡିତଙ୍କ ମୃତ୍ୟୁ

**ବୈଶିଙ୍ଗା,୧୧।୭(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ଦଳଦଳି ଗ୍ରାମର ଜନୈକ ଟିବି ରୋଗ ଆକ୍ରାନ୍ତଙ୍କ ଶୁକ୍ରବାର ଅପରାହ୍ନରେ ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି ମହେନ୍ଦ୍ର ସିଂ (୫୫) , ପିତା ନାଥ ସିଂ। ସେ ଟିବି ରୋଗରେ ପୀଡିତ ହୋଇ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିବା ବେଳେ ସକାଳେ ଘରୁ ବାହାରିଥିଲେ ବିଲକୁ। ତେବେ ନିକଟସ୍ଥ ସୁବର୍ଣ୍ଣରେଖା କେନାଲ ଠାରୁ କିଛି ଦୂରରେ ସେ ରକ୍ତ ବାନ୍ତି କରି ପଡ଼ିଥିବା ନେଇ ଗ୍ରାମ ଲୋକେ ଖବର ଦେବାପରେ ପରିବାର ପକ୍ଷରୁ ବୈଶିଙ୍ଗା ଡାକ୍ତରଖାନାକୁ ଆଣିଥିଲେ। ଏଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଶବ ଉଦ୍ଧାର କରିଛି ଏବଂ ୩୧ ନଂ ରେ ଏକ ମାମଲା ରୁଜୁ କରାଯାଇଛି। ଆଜି ରାତି ହୋଇଯାଇଥିବା ଯୋଗୁଁ ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

## ଯୁଗ୍ମ ନିର୍ଦ୍ଦେଶକଙ୍କ କଣାସ ଗସ୍ତ



**କଣାସ,୧୧।୭(ସଂଚାର ବ୍ୟୁରୋ):** ଆଜି ରାଜ୍ୟ ସ୍ୱାସ୍ଥ୍ୟ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭ୍ରାଂଶୁ ପ୍ରଧାନ କଣାସ ବ୍ଲକର ଷ୍ଟପ ଡାଇରୀଆ କ୍ୟାମ୍ପେନ କାର୍ଯ୍ୟକ୍ରମକୁ ସମୀକ୍ଷା ପାଇଁ ଗସ୍ତ କରିଥିଲେ। ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ବହିର୍ବିଭାଗ ଓ ଅନ୍ତଃ ବିଭାଗ ଗୋରୀଙ୍କୁ ସ୍ୱାସ୍ଥ୍ୟ ସଚେତନତା ଏବଂ ଝାଡାବାନ୍ତି ବ୍ୟାପିବା ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତରଖାନାର ବିଭିନ୍ନ ବିଭାଗ ବୁଲି ପରିଷ୍କାର ପରିଛନ୍ନତା ଓ ସଫା ସୁତରା ବିଷୟରେ ତର୍ଜମା କରି ଖୁସୀ ବ୍ୟକ୍ତ କରିଥିଲେ। ନିରାମୟ ବିଭାଗ ବୁଲି ଔଷଧ ଗୁଡିକୁ ଯାଞ୍ଚ କରିଥିଲେ। ପରେ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ପରେ ଡାଇରୀଆ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ହରକ୍ଷପଡା ଓ ଜଗନ୍ନାଥପୁର ଯାଇ ସ୍ଥିତି ସମୀକ୍ଷା କରିଥିଲେ। କୂଅ ବିଶୋଧନ, ପାନୀୟ ଜଳର ମାନ ପରୀକ୍ଷା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ଗସ୍ତ ସମୟରେ ଡାକ୍ତର କ୍ଷମାନିଧି ସେଠୀ, ଧନେଶ୍ୱର ସ୍ୱାଇଁ ଏବଂ ସ୍ୱର୍ଣ୍ଣଲତା ରଥ ରହିଥିବା ବେଳେ, ଜିଲା ମହାମାରୀ ବିଶେଷଜ୍ଞ ଡାକ୍ତର ଶିଳ୍ପୀ ଦାଶ ତାଙ୍କ ସହିତ ରହିଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ନିର୍ମମ ହତ୍ୟା: ପୁଲିସର ଛାନଭିନ ଜାରି



**ସୁବର୍ଣ୍ଣପୁର,୧୧।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଗଜବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ସରପଞ୍ଚ ଥିବା ବାସନ୍ତୀ କ୍ଷେତୀଙ୍କ ସ୍ୱାମୀ ବଲ୍ଲଭ କ୍ଷେତି ଙ୍କୁ ଗତ ରାତିରେ ଅତି ନିର୍ମମ ଭାବରେ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଗତ ସଂଧ୍ୟାରେ ଗଜବନ୍ଧ ଛକଠାରେ ତାଙ୍କର କେତେକ ବନ୍ଧୁମାନଙ୍କ ସହିତ ରାତି ପ୍ରାୟ ୯.୩୦ ପର୍ଯ୍ୟନ୍ତ ରହିଥିଲେ। ଫେରିବାବେଳେ ସେ ଅନ୍ୟ ଜଣକୁ ତାଙ୍କ ଘରକୁ ଛାଡି ଆସି ନିଜ ଗ୍ରାମ ଗଜବନ୍ଧ ପଞ୍ଚାୟତ କେନ୍ଦୁପାଲିକୁ ବାଇକ ଯୋଗେ ଯାଉଥିଲେ। ପ୍ରାୟ ରାତି ୧୦ଟା ସମୟରେ ଗଜବନ୍ଧଠାରୁ ୨କିମି ଦୂର ବ୍ରାହ୍ମଣିପାଲି, ପଣ୍ଡରାପାଲି ଓ କେନ୍ଦୁପାଲି ଗ୍ରାମର ମଧ୍ୟଭାଗରେଥିବା ଛକ ନିକଟରେ କେତେ ଜଣ ଦୁର୍ବୃତ୍ତ ଛପି ରହିଥିଲେ। ସେଠାରେ ପହଂଚିବା ପରେ ତାଙ୍କୁ ଅତର୍କିତ ଭାବରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ସେ ତଳେ ପଡ଼ି ଯାଇଥିଲେ। ଖବର ପାଇ ପରିବାର ଏବଂ ସଂପର୍କୀୟମାନେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସକାଳେ ଏହି ଖବର ପ୍ରଚାରିତ ହେବା ପରେ ବ୍ଲକର ବିଭିନ୍ନ ଗ୍ରାମର ଲୋକେ ତଥା ଜିଲ୍ଲା ସରପଞ୍ଚ ସଂଘ ର କର୍ମକର୍ତ୍ତା ଡାକ୍ତର ଖାନା ରେ ପହଂଚିଥିଲେ। ସ୍ୱର୍ଗତ କ୍ଷେତୀ ଗତ ଥର ଉକ୍ତ ପଞ୍ଚାୟତର ସରପଞ୍ଚ ରହିଥିବା ବେଳେ ଚଳିତ ଥର ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ତାଙ୍କ ସ୍ତ୍ରୀ ବାସନ୍ତୀ କ୍ଷେତୀ ସରପଞ୍ଚ ରହିଛନ୍ତି। ଏଥିରୁ ସେ ଅଞ୍ଚଳରେ କେତେ ବେଶ ଲୋକପ୍ରିୟତା ଥିବା ଜଣାପଡ଼ିଛି। ସେ ଜଣେ ପରୋପକାରୀ, ସଂଗଠକ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ କରାଯାଇଛି। ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଉକ୍ତ ଘଟଣା ପରେ ରାମପୁର ପୁଲିସ ସନ୍ଦେହରେ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ତାଙ୍କର ହତ୍ୟାକାଣ୍ଡକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଛି। କେତେକ ପୂର୍ବ ଶତୃତାରୁ ଏହା ଘଟିଥିବା ଆଲୋଚନା ହେଉଥିବା ବେଳେ ଆଉ କେତେକ ଜମିବାଡିକୁ ନେଇ ମଧ୍ୟ ନାନା କଥା ଶୁଣିବାକୁ ମିଳୁଛି। ସେ ବିଜେଡି ଦଳର ଜଣେ ଆଗଧାଡିର ନେତା ଭାବରେ ଜଣାଶୁଣା। ଏହି ଘଟଣାକୁ ନେଇ ଡୁଙ୍ଗୁରିପାଲି ବ୍ଲକ ସରପଞ୍ଚ ସଂଘ ନିନ୍ଦା କରିଛି। ଯେବେ ଜଣେ ସରପଞ୍ଚ ଙ୍କୁ ଏଭଳି ହତ୍ୟା କରାଯାଉଛି ତାହେଲେ ସାଧାରଣ ଜନତାଙ୍କ କଥା କିଏ ପଚାରେ ବୋଲି ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସ୍ମରଣଯୋଗ୍ୟ ଯେ ଗତବର୍ଷ ୨ ଇଚ୍ଛାପୁର ସରପଞ୍ଚ ଙ୍କୁ ବ୍ଲକ କାର୍ଯ୍ୟାଳୟ ତଥା ବିଡ଼ିଓଙ୍କ ସରକାରୀ ବାସଭବନ ସମ୍ମୁଖରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା।

## ବସ୍ତରେନ ମାଉଲିଙ୍କ ଆଷାଢ଼ କେନା ମଣ୍ଡେଇ ଓ ଲାଠିଯାତ୍ରା, କଣ୍ଟା ଦୋଳିରେ ଝୁଲିଲେ କାଲିସି



**କୋକସରା,୧୧।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଟେମରା ଗାଁର ଆରାଧ୍ୟ ଦେବୀ ମା ବସ୍ତରେନ ମାଉଲିଙ୍କ ବାର୍ଷିକ ଆଷାଢ଼କେନା ମଣ୍ଡେଇ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି।ପୁରୁଷାନୁକ୍ରମେ ପ୍ରତିବର୍ଷ ବାହୁଡା ଯାତ୍ରା ପରେ ପଡୁଥିବା ଶୁକ୍ରବାର ଦିନ ମଣ୍ଡେଇ ଯାତ୍ରା ହୋଇଆସୁଛି। ମା ବସ୍ତରେନଙ୍କ ମୂଳପୀଠ ଛତିଶଗଡ଼ ରାଜ୍ୟର ଦନ୍ତେୱାଡା ହୋଇଥିବା ବେଳେ ସେଠାରୁ ମାଙ୍କୁ ଆଣି ସ୍ଥାପନ କରାଯାଇଛି। ପୂର୍ବରୁ ନାଗବଂଶୀ ରାଜା ସମୟରୁ ଏହି ଯାତ୍ରାକୁ ଆଷାଢ଼ କେନା ମଣ୍ଡେଇ ଯାତ୍ରା କୁହାଯାଏ। ଆଷାଢ଼ ମାସ ପ୍ରାରମ୍ଭରେ ଚାଷ ପାଇଁ ଚାଷୀ ବିହୁଡା ଓ ରୁଆ ପ୍ରସ୍ତୁତି ଆରମ୍ଭ କରନ୍ତି। ପରମ୍ପରା ଅଛି ଯେ ଏହି ମଣ୍ଡେଇ ଯାତ୍ରା ସରିବା ପରେ ଏ ଅଞ୍ଚଳର ଚାଷୀ ଜମିରେ ଘାସବଛା, ବିହୁଡା ଓ ରୁଆ କାର୍ଯ୍ୟ ଆରମ୍ଭ କରନ୍ତି। ସକାଳୁ ଗ୍ରାମର ଗୌନ୍ତିଆ ଚୁମନ ପାତ୍ର ଓ ପୂଜକ ଚିତ୍ରସେନ ମାଝିଙ୍କ ଘରୁ ପୂଜା ସାମଗ୍ରୀ, ଦେବୀଙ୍କ ଲାଠି, କାଳିସୀ ବାଜା ବଜାଇ ଏକ ଶୋଭାଯାତ୍ରାରେ ଦେବୀ ପିଠକୁ ପହଞ୍ଚିବା ପରେ ଆମପାଣି ଗ୍ରାମରୁ ବୁଢାରଜା, ଡେଙ୍ଗାଗୁଡା ଗ୍ରାମରୁ ହିଙ୍ଗୁଲା, ମାଝିଗୁଡା ଗ୍ରାମରୁ ବରସାଲ ମାଝି ସହ ଠାକୁରାଣି, ଲଙ୍କେଶ୍ୱରୀ ଓ ଦ୍ୱାରସିନୀ ଦେବୀଙ୍କ ଲାଠି ଓ କାଳିସୀ ଦେବୀ ପୀଠକୁ ପହଞ୍ଚିଥିଲା। ପୀଠରେ ପ୍ରଥମେ ପୂଜାର୍ଚ୍ଚନା କରିବା ପରେ ଦେବୀ ମାନଙ୍କର ମଣ୍ଡେଇ ହାଟ ପରିକ୍ରମା ଆରମ୍ଭ ହୋଇଥିଲା। ମଣ୍ଡେଇ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଦେବାଦେବୀ ଏକତ୍ର ହୋଇ ମଣ୍ଡେଇ ହାଟକୁ ୩ଥର ପରିକ୍ରମା କରି ପୁଣିଥରେ ଦେବୀ ପୀଠକୁ ଫେରି ଆସିଥିଲେ। ଦେବୀ ମାନଙ୍କ ପରିକ୍ରମା ସମୟରେ ଶହ ଶହ ମହିଳା ଓ ପୁରୁଷ ଭକ୍ତ ମାନେ ବାଟ ଓଗାଳି ନିଜ ନିଜର ମାନସିକ ଜଣାଇଥିଲେ। ସେହି ସମୟରେ କାଳିସୀ ମାନେ ହାତରେ ଧରିଥିବା ବିନ୍ତି (ଦେବୀଙ୍କ ଚାଉଳ) ଭକ୍ଷଣ କରିବା ପାଇଁ କହି ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା।

## ରେଳ ଦୁର୍ଘଟଣାରେ ବରିଷ୍ଠ ସମାଜସେବୀଙ୍କ ମୃତ୍ୟୁ



**ବୈଶିଙ୍ଗା,୧୧।୭(ସଂଚାର ବ୍ୟୁରୋ):** ବରିଷ୍ଠ ସମାଜସେବୀ ତଥା ସାମାଜିକ ସଂଗଠନ ଭଗବାନ ମହାପାତ୍ରଙ୍କ ରେଳ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ନିଜେ ପ୍ରତିଷ୍ଠା କରିଥିବା କଷିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଇଁ ନିଜ ଭଗବାନପୁରସ୍ଥିତ ବାସ ଭବନରୁ ଯିବା ସମୟରେ ନିଜ ଗାଁ ନିକଟ ଫାଟକ ବିହୀନ ଲେଭେଲ କ୍ରସିଂ ପାରି ହେବା ସମୟରେ ବାଲେଶ୍ୱରରୁ ବାଙ୍ଗିରିପୋଷି ଯାଉଥିବା ମେମୁ ଟ୍ରେନ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ଜୀବନ ବ୍ୟାପି ସମାଜସେବାରେ ଲାଗି ରହିଥିଲେ। ବୟସର ଅପରାହ୍ନରେ ମଧ୍ୟ ସେ ବିଭିନ୍ନ ସଭା ସମିତିରେ ଉପସ୍ଥିତ ରହୁଥିଲେ। ସେ ୫୦ରୁ ଉର୍ଦ୍ଧ୍ୱ ସଂଗଠନ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ଥିବାବେଳେ ସେଥିରୁ ୨୫ ସଂଗଠନ ନିଜେ ପ୍ରତିଷ୍ଠା କରିଥିଲେ। ସେହିପରି ରୂପସା ନୀଳମଣି ମହା ବିଦ୍ୟାଳୟ ସହ ରୂପସା ଝୋଟ କାରଖାନା ଶ୍ରମିକ ସଂଘ ଭଳି ୬ଟି ଅନୁଷ୍ଠାନର ସେ ଥିଲେ ସହ ପ୍ରତିଷ୍ଠାତା। ଏଥି ସହିତ ରାଜ୍ୟସ୍ତରୀୟ ସଂଗଠନ ମଧ୍ୟରୁ ଓଡିଶା ପଞ୍ଚାୟତ ସଂପାଦକ ସଂଘ, ଓଡିଶା ସରପଞ୍ଚ-ସଂପାଦକ ସମନ୍ୱୟ ସମିତି ଓ ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକ ସଂଘର ସେ ଥିଲେ ପ୍ରତିଷ୍ଠାତା ସାଧାରଣ ସଂପାଦକ।

## ଧର୍ମଦାଣ୍ଡି ନାଳରେ ଦୁଇଭାଇ ଭାସିଯିବା ଘଟଣା

# ସାନଭାଇଙ୍କ ମୃତଦେହ ଉଦ୍ଧାର



**ସୁବର୍ଣ୍ଣପୁର,୧୧।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ପଞ୍ଚାୟତ ଅନ୍ତର୍ଗତ ମାଝିମୁଣ୍ଡା ଗ୍ରାମର ଧର୍ମଦାଣ୍ଡି ନାଳରେ ଗାଧୋଉଥିବା ବେଳେ ନିଖୋଜ ହୋଇ ଯାଇଥିବା ଦୁଇ ଭାଇ ଟିକେଶ୍ୱର ବାରିକ ଓ ନିରଞ୍ଜନ ବାରିକ ଙ୍କ ଶବ ଉଦ୍ଧାର କରିଛି ସ୍ଥାନୀୟ ଅଗ୍ନିଶମ ବାହିନୀ। ଉଭୟ ଦୁଇଜଣ ବ୍ୟକ୍ତି ହେଉଛନ୍ତି ମାଝୀମୁଣ୍ଡା ଗ୍ରାମର ଦୁଇଭାଇ ଟିକେଶ୍ୱର ବାରିକ (୩୫) ଓ ନିରଞ୍ଜନ ବାରିକ (୩୦)। ବିଲରେ ଚାଷ କାମ ସାରି ଦୁଇ ଭାଇ ଆସି ଧର୍ମଦାଣ୍ଡି ନାଳ କୁ ଗାଧୋଇବାକୁ ଯାଇ ଥିଲେ। ବଡ଼ ଭାଇ ଗାଧୋଉଥିବା ବେଳେ ହଠାତ୍ ପାଣି ମାଡ଼ି ଆସିଥିବାରୁ ସେ ଭାସି ଯାଉଥିବା ଦେଖି ସାନ ଭାଇ ବଡ଼ ଭାଇକୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ପାଣି ର ପ୍ରଖର ସ୍ରୋତ ରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଦୁଇ ଭାଇ ଭାସୁଥିବା ଦେଖି ମଧ୍ୟ ପାଣିର ଅଧିକ ସ୍ରୋତ ଥିବାରୁ ଉଦ୍ଧାର କରିବା କୁ ସାହସ କରି ନ ଥିଲେ। ତୁରନ୍ତ ଅଗ୍ନିଶମ ବାହିନୀ କୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ଘଟଣା ସ୍ଥଳକୁ ଆସି ଖୋଜା ଖୋଜି କରିଥିଲେ। କିନ୍ତୁ ବର୍ଷା ଓ ରାତି ଅନ୍ଧାର ରେ ନିଖୋଜ ଭାଇ ଦ୍ୱୟ ଙ୍କୁ ପ୍ରଥମ ଦିନ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ଦ୍ୱିତୀୟ ଦିନ ସକାଳେ ମୃତ ବଡ ଭାଇ ଟିକେଶ୍ୱର ବାରିକ ଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିବା ରେ ସଫଳ ହୋଇଥିବା ବେଳେ ମୃତ ସାନ ଭାଇ ନିରଞ୍ଜନ ବାରିକ ଙ୍କ ଶବ ଆଜି ତୃତୀୟ ଦିନ ସକାଳେ ନାଳ ର ଦୁଇ କିମି ଦୂରରେ ଉଦ୍ଧାର କରି ଥିବା ଜଣା ଯାଇଛି। ପ୍ରତିକୂଳ ପାଣି ପାଗ ଓ ଗଭୀର ପାଣି ର ପ୍ରଖର ସ୍ରୋତ ସତ୍ତ୍ୱେ ମଧ୍ୟ ଦୀର୍ଘ ୩ ଦିନ ର ପ୍ରାଣ ମୂର୍ଚ୍ଛା ଉଦ୍ୟମ ଧର୍ଯ୍ୟ ଓ କଠିନ ପରିଶ୍ରମ ଯୋଗୁଁ ଡୁଙ୍ଗୁରିପାଲି ଅଗ୍ନିଶମ ବାହିନୀ ର ଷ୍ଟେସନ ଅଫିସର ପାଉଲୁଶ କୁଜୁର ଙ୍କ ନେତୃତ୍ୱ ରେ ବିଭାଗ ର କର୍ମଚାରୀ ରଶ୍ମି ରଞ୍ଜନ ବାରିକ, ସନ୍ତୋଷ ବେହେରା, ସୁଜିତ୍ ରାଉତ୍, ସୁଶୀଲ ମାଝୀ, ଏସ ଏନ୍ ଖୁଣ୍ଟିଆ, ଏନ୍ କେ ସାହୁ, ପି. ମେଷ୍ଟାଲିଟି, ୟୁ ଏସ ଧରୁଆ, ପି. ବର୍ଗେ, ପି. କର୍ଣ୍ଣ ପ୍ରମୁଖ ସମସ୍ତ ସହଯୋଗ ରେ ମୃତ ଦୁଇ ଭାଇ ଙ୍କ ଶବ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ଓ ଆଶା ଆଶଙ୍କା ରେ ଖୁବ ଦୁଃଖ କଷ୍ଟ ରେ ଜୀବନ ବିତାଉ ଥିବା ଏ ଶୋକ ସନ୍ତପ୍ତ ପରିବାର କୁ ପୋଲିସ ଓ ମେଡ଼ିକାଲ ଟିମ୍ ର ସହାୟତାରେ ଦୁଇ ଭାଇ ଙ୍କ ଶବ ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର କରିଯାଇଛି ।

### ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ

## ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଦୁଇ ଛାତ୍ରୀଙ୍କୁ ସଫଳତା



**ବାଲିପାଟଣା,୧୧।୭(ସଂଚାର ବ୍ୟୁରୋ):** ପ୍ରକାଶ ପାଇଛି ରାଜ୍ୟସ୍ତରୀୟ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ। ଏଥିରେ ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ସାଇ ଶ୍ରୀୟା ଛୋଟରାୟ ଏବଂ ମଧୁସ୍ମିତା ମେକାପ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନା ଅନୁଯାୟୀ ରାଜ୍ୟରେ ଷଷ୍ଠ, ନବମ ଓ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ଗଣିତରେ ଦକ୍ଷତା ଥିବା ପିଲା ମାନଙ୍କୁ ଚିହ୍ନଟ କରି ଗଣିତ ବିଭାଗରେ ପାରଦର୍ଶିତା ଲାଭ କରିବା ପାଇଁ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବା ର ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରତି ଶିକ୍ଷାବର୍ଷ ରେ ଏପରି ପରୀକ୍ଷା ଅନୁଷ୍ଠିତ ହୋଇଥାଏ । ଏହିକ୍ରମରେ ଗତ ୨୦୨୨-୨୩ ଶିକ୍ଷାବର୍ଷ ରେ ୬ଷ୍ଠ ଶ୍ରେଣୀ ରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଙ୍କ ପାଇଁ ଅନୁଷ୍ଠିତ ହୋଇଥିବା ଏହି ପଠାଣୀ ସାମନ୍ତ ସ୍କଲାରସିପ ପରୀକ୍ଷାରେ ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ସାଇ ଶ୍ରୀୟା ଛୋଟରାୟ ଏବଂ ମଧୁସ୍ମିତା ମେକାପ ସଫଳତା ହାସଲ କରି ଏହି ବୃତ୍ତିରାଶି ପାଇବା ପାଇଁ କୃତିତ୍ୱ ହାସଲ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ସମସ୍ତ ଗୁରୁଜୀ ଗୁରୁମା ଛାତ୍ରୀ ଦ୍ୱୟ ଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ



**ନର୍ଲା,୧୧।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ପ୍ରତିଭାବାନ ଯୁବ ଲେଖକ ଡିଲେଶ୍ୱର ରଣା "ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବଗାଳ୍ପିକ ପୁରସ୍କାର-୨୦୨୫" ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ଭାଷାରେ ଗଳ୍ପ ଲିଖନ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି। ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ଗଳ୍ପ ମାଧ୍ୟମରେ ସମୃଦ୍ଧ କରିବା ଦିଗରେ ତାଙ୍କର ନିଷ୍ଠା ଓ ସୃଜନଶୀଳତାକୁ ସ୍ୱୀକୃତି ସ୍ୱରୂପ ତାଙ୍କୁ ବିଶିଷ୍ଟ ଗାଳ୍ପିକା ଡ. କବିତା ବାରିକଙ୍କ ଦ୍ୱାରା ସଂସ୍ଥାପିତ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ବାଲେଶ୍ୱର ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ୨୭ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅହମୀୟା ଲେଖିକା ଅରୂପା କାଲିତା ପତାଙ୍ଗିଆ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଭାସ୍କର ଦାସ ପ୍ରମୁଖ ଶ୍ରୀ ରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଧଅଁରାମାଲ ଗାଁରେ ଜନ୍ମିତ ଡିଲେଶ୍ୱରଙ୍କର ଗଳ୍ପ, କବିତା, ଫିଚର ଓ ଗୀତ ରଚନା, ଅଭିନୟ ଓ ଉପସ୍ଥାପନାରେ ବେଶ୍ ରୁଚି ରହିଛି। ତାଙ୍କର ଟାଇମପାସ ପ୍ରକାଶିତ ଗଳ୍ପ ସଂକଳନ 'ସେଁର୍‌ରା' ଓ ନେସନାଲ୍ ବୁକ୍ ଟ୍ରଷ୍ଟ ପ୍ରକାଶିତ ଉପନ୍ୟାସ 'ମେଳିଭୂଇଁ' ବିପୁଳ ପାଠକୀୟତା ଲାଭ କରିଛି। 'ସେଁର୍‌ରା' ସଂକଳନର ଶୀର୍ଷକ ଗଳ୍ପକୁ ନେଇ ପ୍ରସ୍ତୁତ ଟେଲିଫିଲ୍ମ ଦୂରଦର୍ଶନରେ ପ୍ରସାରିତ ହୋଇ ବେଶ୍ ଆଦୃତ ହୋଇଛି।

## ୮ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ଭବାନୀପାଟଣା,୧୧।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅବକାରୀ ଥାନା ପକ୍ଷରୁ ଆମପାଣି ପଞ୍ଚାୟତ ଭାଲିଆଯୋର ଗ୍ରାମର ଅଭିରାମ ନାଏକ ଙ୍କ ଘରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ଚାଲାଣ ଅଭିଯୋଗ ରେ ଅଭିରାମ ନାଏକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋକସରା ଅବକାରୀ ଥାନା ଅଧିକାରୀ ନରେନ୍ଦ୍ର ମିଞ୍ଜ ଙ୍କ ନେତୃତ୍ୱରେ ଚଢ଼ାଉ ସମୟରେ ଅଭିଯୁକ୍ତ ଙ୍କ ଘରୁ ୮ କେଜି ଗଞ୍ଜେଇ ସହ ଏକ ବାଇକ ଜବତ ହୋଇଥିବା ନେଇ ଅବକାରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



## ସଙ୍କଟରେ ଯୁବପିଢ଼ି

**କଳାହାଣ୍ଡି,୧୧।୭(ସଂଚାର ବ୍ୟୁରୋ):** ବହୁ ସଙ୍କଟରେ କାଳାତିପାତ କରୁଛନ୍ତି ଆଜିର ଯୁବକ ମାନେ। ସବୁବେଳେ କହି ଆସୁଛନ୍ତି ଯୁବକ ମାନେ ଆମ ଦେଶର ଭବିଷ୍ୟତ। ହଁ ଯୁବକ ମାନେ ଭବିଷ୍ୟତ ହେଲେ ଥରେ କାହାରି ନଜର ପଡେ ନାହିଁ। ଯେଉଁ ଯୁବକ ଟିକୁ ଭବିଷ୍ୟତ କହୁଥିଲେ ବାସ୍ତବରେ ତାର ଅବସ୍ଥା କଣ।କେମିତି ଅଛି ଯୁବକ ମାନଙ୍କର ଅବସ୍ଥା। ଭାରତ ଏକ ଜନବହୁଳ ଦେଶ। ସ୍ୱାଭାବିକ ଯୁବକ ଙ୍କ ସଂଖ୍ୟା ଅଧିକ ହେବ। ସମସ୍ତେ କୁହନ୍ତି ଯୁବକ ମାନେ ଦେଶର ମେରୁଦଣ୍ଡ। କିନ୍ତୁ ଥରେ ସେ ମେରୁଦଣ୍ଡ ବିଷୟରେ କେହି ଚିନ୍ତା କରୁଛନ୍ତି କି? ସେ ମେରୁଦଣ୍ଡଟି ଏବେ କେଉଁ ପରିସ୍ଥିତି ରେ ରହୁଛି। ଖାଲି ପୁଳା ପୁଳା ଭାଷଣ ଛଡା ଆଉ କିଛି ନାହିଁ। ଯଦି ଯୁବକ ଟିକୁ ଦେଶର ମେରୁଦଣ୍ଡ କହୁଛ ସେ ମେରୁଦଣ୍ଡଟି ଆଜି ବଙ୍କା ହେବାକୁ ବସିଲାଣି। ଭବିଷ୍ୟତ ଆଜି ବହୁ ମାତ୍ରାରେ ବେକାର ହୋଇ ବୁଲୁଛନ୍ତି। କଣ ପାଇଁ କହୁଛ ଯୁବକ ମାନେ ଦେଶର ଭବିଷ୍ୟତ। ସରକାର ଆଜି ଯୁବକ ମାନଙ୍କୁ ନିଯୁକ୍ତି ଦେବାରେ ଅସମର୍ଥ। ଗୋଟେ ଛୋଟିଆ ଚାକିରୀ ପାଇଁ ଆଜି ହଜାର ହଜାର ଆବେଦନ କରୁଛନ୍ତି ଫେର ବହୁ ଉଚ୍ଚ ଶିକ୍ଷିତ।ସେଇ ଭବିଷ୍ୟତ ଆଜି ଚାକେରି ନ ପାଇ ଘରେ ମାଆ, ବାପା, ଭାଇ, ଭଉଣୀ ଙ୍କ ପାଇଁ ଯାଉଛି ଦାଦନ ଖଟିବାକୁ।ହଁ ସେଇ ଦାଦନ ଶବ୍ଦଟି ରାଜନୈତିକ କ୍ଷେତ୍ରରେ ଖୁବ ଯୋର ଧରେ ପରେ ସେ ଶବ୍ଦଟି ବି ମଉଳି ଯାଏ। ଦେଶର ଭବିଷ୍ୟତ ଆଜି ଦାଦନ ଖଟୁଛି। ଘର ଠାରୁ ବହୁ ଦୂରରେ ତ କିଏ କୋଉ ଦୋକାନ ରେ ରହୁଛି। ଉଚ୍ଚ ଶିକ୍ଷିତ ଯୁବକ ଆଜି ବେକାର। ସତରେ ଭବିଷ୍ୟତ ଆଜି ବର୍ତମାନ ପାଖରେ ଆଣ୍ଠୁ ମାଡି ବସି ପଡ଼ିଛି। ଯଦି ଭବିଷ୍ୟତ ଆଜି ବର୍ତମାନ ପାଖରେ ଆଣ୍ଠୁ ମାଡି ବସିପଡ଼ିଛି ସତରେ ଭବିଷ୍ୟତ ଙ୍କ ଭାଗ୍ୟ ଅନ୍ଧାର ରେ ରହିଯିବ।